# ଧରିତ୍ରୀ DHARITRI

ଭୁବନେଶ୍ୱର, ମଙ୍ଗଳବାର, ନଭେମ୍ବର ୩/୨୦୨୦ (୧୨ପୃଷ୍ଠା) | Bhubaneswar, Tuesday, November 3/2020 | ★★★★

୪୬ଶ ଭାଗ ୩୩୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




## ଉର୍ବଶୀଙ୍କ ଥ୍ରୋ-ବ୍ୟାକ୍ ଭିଡିଓ ଭାଇରାଲ

ଉର୍ବଶୀଙ୍କ ଏକ ଭିଡିଓ ଇନ୍‌ଷ୍ଟାରେ ଭାଇରାଲ ହେବାରେ ଲାଗିଛି, ଯେଉଁଥିରେ ସେ 'ବିଜଲୀ କେ ତାର' ସଙ୍ଗରେ ଜବରଦସ୍ତ ଡ୍ୟାନ୍ସ କରୁଛନ୍ତି। **୧୦**

**୧୨** ## ପଡିକାଲଙ୍କ ୫ମ ଅର୍ଦ୍ଧଶତକ

ଆଇପିଏଲ ପଦାର୍ପଣରେ ପ୍ରଥମ ଖେଳାଳି ଭାବେ ୫ମ ଅର୍ଦ୍ଧଶତକ ହାସଲ କରିଛନ୍ତି ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋରର ଦେବଦତ୍ତ ପଡିକାଲ।






# ଅବହେଳାରୁ ୧୨୪କୋଟି କ୍ଷତି

## ପରିବହନ ବିଭାଗରେ ଟିକସ ଅନିୟମିତତା

ଭୁବନେଶ୍ୱର,୨।୧୧(ବ୍ୟୁରୋ)

ପରିବହନ ବିଭାଗର କେତେକ ଅଧିକାରୀଙ୍କ ଖାମଖିଆଲ ମନୋଭାବ ଏବଂ ଟିକସ ଆଦାୟରେ ଅନିୟମିତତା ଯୋଗୁ ରାଜ୍ୟ ସରକାରଙ୍କୁ ବହୁ କୋଟି ଟଙ୍କାର ରାଜସ୍ୱ ହରାଇବାକୁ ପଡୁଛି। ମୋଟର ଯାନ ଟିକସ ଆଦାୟ ବିଳମ୍ବ, ଡେରିରେ ଆଦାୟ ହେଉଥିବା ଟିକସରେ ଜରିମାନା ଆଦାୟ ନ କରିବା, ପରମିଟ ନ ଥାଇ ହଜାର ହଜାର ଗାଡ଼ି ଚାଲୁଥିଲେ ମଧ ସେସବୁ ଉପରେ ଜରିମାନା ଲଗାଇବାରେ ଆର୍‌ଟିଓଗୁଡ଼ିକ ବିଫଳ ହୋଇଛନ୍ତି। କେବଳ ସେତିକି ନୁହେଁ, ପରିବହନ ବିଭାଗ ଅଧିକାରୀ ଯାନବାହନ ମାଲିକଙ୍କ ସହ ସଲାସୁତରା ଯୋଗୁ ପର୍‌ମିଟ ପ୍ରଦାନରେ ମଧ ବ୍ୟାପକ ଘୋଟାଲା ହୋଇଛି। ଦୂରଗାମୀ ଏବଂ ଆନ୍ତଃ ରାଜ୍ୟ ଯାତ୍ରୀବାହୀ ଯାନଗୁଡ଼ିକୁ ସାଧାରଣ ଯାନ ଭାବେ ପଞ୍ଜୀକୃତ କରାଯାଇଛି। ଏଥିଯୋଗୁ ପଞ୍ଜୀକୃତ ଯାନବାହାନରୁ ଟିକସ ଆଦାୟ ବାଟବଣା ହୋଇଛି। ଫଳରେ ସରକାରଙ୍କୁ ୧୨୩.୯୭ କୋଟି ଟଙ୍କାର ରାଜସ୍ୱ କ୍ଷତି ସହିବାକୁ ପଡ଼ିଥିବା କମ୍ପଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ (ସିଏଜି)ଙ୍କ ରିପୋର୍ଟରୁ ଜଣାପଡ଼ିଛି।

ସିଏଜି ଉଲ୍ଲେଖ କରିଛନ୍ତି ଯେ, ବାଣିଜ୍ୟ ଓ ପରିବହନ ବିଭାଗର ୫୨ ୟୁନିଟରୁ ୩୮ଟି ୟୁନିଟରେ ହୋଇଥିବା ଅଡିଟରେ ୨୦୧୭-୧୮ ଆର୍ଥିକ ବର୍ଷରେ ୬୪ ଲକ୍ଷ ୭୬ ହଜାର ୫୫ ଯାନବାହନ ପଞ୍ଜୀକୃତ ହୋଇଥିଲା। ସେଥିରୁ ୧୧,୨୦,୦୯୩ ଯାନ ଯାଞ୍ଚ କରିବାବେଳେ ୫୭,୭୬୭ଟି ମାମଲାରେ ୧୨୩.୯୭ କୋଟି ଟଙ୍କାର ଟିକସ ଆଦାୟରେ ହେରଫେର ହୋଇଥିବା ଜଣାପଡ଼ିଛି। ଓଡ଼ିଶା ମୋଟର ଯାନ ଅଧିନିୟମ-୧୯୭୫ର ଧାରା ୩(୧) ଏବଂ ୩ ଅନୁଯାୟୀ ବ୍ୟବହାର କିମ୍ବା ବ୍ୟବହାର ପାଇଁ ରଖାଯାଇଥିବା ମୋଟର ଯାନଠାରୁ ଟିକସ ଆଦାୟ କରାଯିବ। ସେହିପରି ୨୦୧୭ ଏପ୍ରିଲରୁ ୨୦୧୮ ଫେବୃୟାରୀ ମଧ୍ୟରେ ୩୫ଟି ଆଞ୍ଚଳିକ ପରବହନ କାର୍ଯ୍ୟାଳୟ(ଆର୍‌ଟିଓ)ରୁ ୩୨ କାର୍ଯ୍ୟାଳୟର 'ବାହାନ' ଡାଟାବେସ ସହ ସଂଯୋଗ ହୋଇଥିବା ଟିକସ ନଥିପତ୍ର ଯାଞ୍ଚ କରାଯାଇଥିଲା। ଏଥିରେ ୨ଟି ଶ୍ରେଣୀରେ ମୋଟ ୪,୧୩,୮୨୨ଟି ପଞ୍ଜୀକୃତ ଯାନ ମଧ୍ୟରୁ ୨୭,୪୧୩ ଯାନର ମାଲିକ (୨୦୧୫ରୁ ୨୦୧୭ ମଧ୍ୟରେ) ଟିକସ, ଅତିରିକ୍ତ ଟିକସ ଓ ଜରିମାନା ବାବଦରେ ୮୦.୨୩ କୋଟି ପଇଠ କରି ନଥିବା ଜଣାପଡ଼ିଛି। ସେହିପରି ପଞ୍ଜୀକୃତ ୧୩,୫୨୦ ଟ୍ରେଲର ସଂଲଗ୍ନ ଟ୍ରାକ୍ଟର, ଘରୋଇ ଯାନ ଏବଂ ଶିକ୍ଷାନୁଷ୍ଠାନରେ ବ୍ୟବହାର ହେଉଥିବା ବସ୍‌ଠାରୁ ଟିକସ ବାବଦରେ ୪.୦୬ କୋଟି ଏବଂ ଜରିମାନା ବାବଦରେ ୮୧.୧୨ କୋଟି ଟଙ୍କା ଆଦାୟ କରିନାହାନ୍ତି। ଖାଲି ସେତିକି ନୁହେଁ ରାଜ୍ୟ ପରିବହନ କର୍ତ୍ତୃପକ୍ଷ ଏବଂ ଆରଟିଓ ପର୍‌ମିଟ ଡାଟାବେସ ମଧ୍ୟରେ ତାଳମେଳ ନ ଥିବାରୁ ୫.୫୪ ଲକ୍ଷ ଟଙ୍କା ଟିକସ ଆଦାୟ ହୋଇପାରି ନାହିଁ। ସେହିପରି ଆନ୍ତଃରାଜ୍ୟ ପରମିଟ ଦେବାରେ ମଧ ହେରଫେର ହୋଇଛି। ଯାନବାହନଗୁଡ଼ିକ ୨୫ କି.ମି.ରୁ ଅଧିକ ଦୂରକୁ ହେଲେ ଦୂରଗାମୀ ପରମିଟ ଦିଆଯାଇଥାଏ। ତେବେ ପରିବହନ ଅଧିକାରୀ ୪୯ଟି ଯାନର ଦୂରଗାମୀ ପରମିଟକୁ ସାଧାରଣ ପରମିଟରେ ପରିବର୍ତ୍ତନ କରି ଦେଇଛନ୍ତି। ଏଥିଯୋଗୁ ସରକାରଙ୍କୁ ୧୭.୩୭ ଲକ୍ଷ ଟଙ୍କାର ଟିକସ ଓ ଜରିମାନା କ୍ଷତି ସହିବାକୁ ପଡ଼ିଛି। ଏପରି କି ୧୪ଟି ଆନ୍ତଃରାଜ୍ୟ ଯାତ୍ରୀବାହୀ ଯାନକୁ ସାଧାରଣ ପରମିଟ ଦିଆଯାଇଛି। ଏଥିପାଇଁ ୬.୧୦ଲକ୍ଷ ଟଙ୍କାର ରାଜସ୍ୱ ହରାଇବାକୁ ପଡ଼ିଛି। ସେହିପରି ଶୀତତାପ ନିୟନ୍ତ୍ରିତ ଯାତ୍ରୀବାହୀ ଯାନର ଟିକସ ଧାର୍ଯ୍ୟ ବିଳମ୍ବ ଯୋଗୁ ୯୯.୭୩ କୋଟି ଟଙ୍କା କ୍ଷତି ହୋଇଥିବା ସିଏଜି ତାଙ୍କ ରିପୋର୍ଟରେ ଦର୍ଶାଇଛନ୍ତି।

## ଚଳଚ୍ଚିତ୍ର ନିର୍ଦ୍ଦେଶକ ରାଜୁ ମିଶ୍ରଙ୍କ ପରଲୋକ



**ଭୁବନେଶ୍ୱର, ୨।୧୧(ବ୍ୟୁରୋ)/ ଜଟଣୀ(ଡି.ଏନ୍.ଏ.):** ଓଡ଼ିଆ ଚଳଚ୍ଚିତ୍ର ଜଗତର ଜଣାଶୁଣା ନିର୍ଦ୍ଦେଶକ, ସିନେମାଟୋଗ୍ରାଫର ଓ ସଙ୍ଗୀତକାର ରାଜଗୋପାଳ ମିଶ୍ର ଓରଫ୍ ରାଜୁ ମିଶ୍ରଙ୍କର ସୋମବାର ପରଲୋକ ହୋଇଛି। ଖୋର୍ଦ୍ଧା ଜିଲା ଅନ୍ତର୍ଗତ ଜଟଣୀ ଥାନା ଛକ ନିକଟ ବାସଭବନରେ ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ଘଟିଥିବା ନେଇ ସ୍ତ୍ରୀ ପ୍ରତିମା ମଞ୍ଜରୀ ମିଶ୍ର ସୂଚନା ଦେଇଛନ୍ତି। ତାଙ୍କୁ ୭୨ ବର୍ଷ ହୋଇଥିଲା। ସେ ପୂର୍ବାହ୍ନରେ ବ୍ୟାଙ୍କରୁ ଫେରି ଘରେ ବସିଥିବାବେଳେ ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ପରିବାର ଲୋକେ ଚିକିତ୍ସା ପାଇଁ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମିଶ୍ରଙ୍କ ଏପରି ହଠାତ୍ ବିୟୋଗ ☞ପୃଷ୍ଠା-୪

## କେନ୍ଦ୍ର ଦେଲା ୬ ହଜାର କୋଟିର ଜିଏସ୍‌ଟି କ୍ଷତିପୂରଣ

ନୂଆଦିଲ୍ଲୀ,୨।୧୧



### ଓଡ଼ିଶା ସହ ୧୬ ରାଜ୍ୟ, ୩ କେନ୍ଦ୍ର ଶାସିତ ଅଞ୍ଚଳକୁ ମିଳିବ

କେନ୍ଦ୍ର ସରକାର ଓଡିଶା ସମେତ ୧୬ ରାଜ୍ୟ ଏବଂ ୩ କେନ୍ଦ୍ର ଶାସିତ ଅଞ୍ଚଳକୁ ଜିଏସ୍‌ଟି କ୍ଷତିପୂରଣ ଭାବେ ୬ ହଜାର କୋଟି ଟଙ୍କା ପ୍ରଦାନ କରିବାକୁ ସୋମବାର ଘୋଷଣା କରିଛନ୍ତି। ଚଳିତ ବର୍ଷ ଜିଏସ୍‌ଟି କ୍ଷତିପୂରଣ ସେସ୍ ସଂଗ୍ରହ କମିଥିବାରୁ ରାଜ୍ୟକୁ ଏହି ବାବଦ ଅର୍ଥ ପ୍ରଦାନ ନେଇ କେନ୍ଦ୍ର ରାଜ୍ୟ ମଧରେ ମତଭେଦ ପୂର୍ବରୁ ଉପୁଜିଥିଲା। ଶେଷରେ ଋଣ କରି ଏହି ରାଶି ରାଜ୍ୟକୁ ଦେବା ଲାଗି କେନ୍ଦ୍ର ସରକାର ରାଜି ହୋଇଛନ୍ତି। ବର୍ତ୍ତମାନ ସୁଦ୍ଧା ସ୍ପେଶାଲ ୱିଣ୍ଡୋ ଅନ୍ତର୍ଗତ ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ୧୨ ହଜାର କୋଟି ଟଙ୍କା ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳଗୁଡିକୁ ଯୋଗାଇ ଦିଆଯାଇଛି। କ୍ଷତିପୂରଣ ରାଶିର ଭରଣା ଲାଗି କେନ୍ଦ୍ର ମୋଟ ୧.୧ ଲକ୍ଷ କୋଟି ଟଙ୍କା ଋଣ କରି ରାଜ୍ୟକୁ ଯୋଗାଇଦେବାକୁ ରାଜି ହୋଇଛି। ଏହି ପ୍ରସଙ୍ଗକୁ ନେଇ ଅଣଭାଜପା ଶାସିତ ରାଜ୍ୟ ଅଡି ବସିଥିଲେ। ସ୍ପେଶାଲ ୱିଣ୍ଡୋ ସପକ୍ଷରେ ୨୧ ରାଜ୍ୟ ଏବଂ ୩ କେନ୍ଦ୍ର ଶାସିତ ଅଞ୍ଚଳ ନିଜର ମତ ରଖିଥିଲେ।

କ୍ଷତିପୂରଣ ଅର୍ଥ ପାଇବାକୁଥିବା ରାଜ୍ୟଗୁଡିକ ମଧ୍ୟରେ ☞ପୃଷ୍ଠା-୪

# ରାଜ୍ୟପାଳଙ୍କୁ କରୋନା

## ଆଶୁ ଆରୋଗ୍ୟ କାମନା କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨।୧୧(ବ୍ୟୁରୋ)




ପ୍ରଫେସର ଗଣେଶୀ ଲାଲ ଓ ସୁଶୀଳା ଦେବୀ

ଓଡ଼ିଶାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ କରୋନାରେ ଆକ୍ରାନ୍ତ ହୋଇଛନ୍ତି। ଏଥିସହ ତାଙ୍କ ସ୍ତ୍ରୀ ତଥା ରାଜ୍ୟର ପ୍ରଥମ ମହିଳା ସୁଶୀଳା ଦେବୀ ସଂକ୍ରମିତ ହୋଇଛନ୍ତି। ଏ ନେଇ ସୋମବାର ରାଜ୍ୟପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ଟୁଇଟ୍ କରି ସୂଚନା ଦିଆଯାଇଛି। ଏଥିସହିତ ରାଜଭବନର ଅନ୍ୟ ୨ଜଣ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି। ରାଜ୍ୟପାଳଙ୍କ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତି ନିଜର କରୋନା ପରୀକ୍ଷା କରାଇବାକୁ ପରାମର୍ଶ ଦିଆଯାଇଛି। ମିଳିଥିବା ସୂଚନାନୁସାରେ, ରାଜ୍ୟପାଳଙ୍କ ନମୁନା ରିପୋର୍ଟ ପଜିଟିଭ ଆସିବା ପରେ ତାଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ରାଜ୍ୟପାଳ ଓ ତାଙ୍କ ସ୍ତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି ବୋଲି ରାଜଭବନ ପକ୍ଷରୁ କୁହାଯାଇଛି। ସେପଟେ ରାଜ୍ୟପାଳ ଓ ତାଙ୍କ ସହଧର୍ମିଣୀଙ୍କୁ କରୋନା ହୋଇଥିବା ଖବର ପାଇବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଶୁ ଆରୋଗ୍ୟ କାମନା କରିଛନ୍ତି। ଏଥିସହିତ ଉଭୟଙ୍କ ଉତ୍ତମ ସ୍ୱାସ୍ଥ୍ୟ ଲାଗି ପ୍ରାର୍ଥନା କରୁଛି ବୋଲି ମୁଖ୍ୟମନ୍ତ୍ରୀ ଟୁଇଟ୍ କରିଛନ୍ତି।

## କାବୁଲ ବିଶ୍ୱବିଦ୍ୟାଳୟରେ ଆକ୍ରମଣ: ୧୯ ମୃତ

**କାବୁଲ,୨।୧୧:** ଆଫଗାନିସ୍ତାନର କାବୁଲ ବିଶ୍ୱବିଦ୍ୟାଳୟ ପରିସରରେ ସୋମବାର ସନ୍ଧ୍ୟାରେ କେତେଜଣ ବନ୍ଧୁକଧାରୀ ପ୍ରବେଶକରି ଆଖିବୁଜା ଗୁଳି ଚଳାଇବାରୁ ୧୯ ଜଣଙ୍କ ମୃତ୍ୟୁ ହେବା ସହ ୨୨ ଜଣ ଆହତ ହୋଇଛନ୍ତି। ସେଠାରେ ଏକ ପୁସ୍ତକ ମେଳା ଚାଲିଥିବାବେଳେ ଆକ୍ରମଣ ଘଟିଛି। ମେଳାରେ ଇରାନ ରାଷ୍ଟ୍ରଦୂତଙ୍କ ସମେତ ବିଶିଷ୍ଟ ବ୍ୟକ୍ତିବିଶେଷ ଉପସ୍ଥିତ ଥିବା କୁହାଯାଉଛି। ଦେଶର ଏହି ବୃହତ୍ ଶିକ୍ଷାନୁଷ୍ଠାନ ୫ ଘଣ୍ଟା ପାଇଁ ରଣକ୍ଷେତ୍ରରେ ପରିଣତ ହୋଇଥିଲା। ସମ୍ପୃକ୍ତ ୩ ଆତଙ୍କବାଦୀ ନିହତ ହୋଇଛନ୍ତି। ଆକ୍ରମଣରେ ସମ୍ପୃକ୍ତିକୁ ତାଲିବାନ ପକ୍ଷରୁ ଖଣ୍ଡନ କରାଯାଇଛି। ଅନ୍ୟ କୌଣସି ସଂଗଠନ ଆକ୍ରମଣ ପାଇଁ ନିଜକୁ ଦାୟୀ କରି ନ ଥିବା ବେଳେ ଆଇଏସ୍‌ର ସମ୍ପୃକ୍ତି ଥିବା ସନ୍ଦେହ କରାଯାଉଛି। ଆମେରିକା ସମର୍ଥିତ ଆଫଗାନ ସରକାରଙ୍କ ସହ ତାଲିବାନର ଶାନ୍ତି ଆଲୋଚନା ଚାଲିଥିବାବେଳେ ଏଭଳି ଆକ୍ରମଣ ଘଟିଛି। ଆକ୍ରମଣରେ ଗ୍ରେନେଡ ସମେତ ସ୍ୱୟଂକ୍ରିୟ ଅସ୍ତ୍ର ବ୍ୟବହାର କରାଯାଇଥିଲା। ଛାତ୍ରୀଛାତ୍ରମାନେ ଜୀବନ ☞ପୃଷ୍ଠା-୪

# ଟିକା ପାଇଁ ୯୮% ସ୍ୱାସ୍ଥ୍ୟକର୍ମୀ ପଞ୍ଜୀକୃତ

ଭୁବନେଶ୍ୱର, ୨।୧୧(ବ୍ୟୁରୋ)

ଖୁବ୍‌ଶୀଘ୍ର କରୋନା ଟିକା ଆସିବାର ଅଛି। ଟିକା ଆସିଲେ ପ୍ରଥମେ ସ୍ୱାସ୍ଥ୍ୟକର୍ମୀ, ଅଙ୍ଗନୱାଡ଼ି କର୍ମୀଙ୍କ ସହିତ ଆଗଧାଡ଼ିର ଯୋଦ୍ଧାଙ୍କୁ ଦିଆଯିବ ବୋଲି କୁହାଯାଉଛି। ତେଣୁ କେନ୍ଦ୍ର ସରକାର ସମ୍ପୃକ୍ତ ସ୍ୱାସ୍ଥ୍ୟକର୍ମୀ ଓ ଅଙ୍ଗନୱାଡ଼ି କର୍ମୀଙ୍କ ତଥ୍ୟ ଦେବାକୁ ରାଜ୍ୟଗୁଡ଼ିକୁ କହିଥିଲେ। ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାରଙ୍କ ପାଖରେ ଏପର୍ଯ୍ୟନ୍ତ ୯୮% ସ୍ୱାସ୍ଥ୍ୟ କର୍ମୀ ଓ ଅଙ୍ଗନୱାଡ଼ି କର୍ମୀଙ୍କ ନାଁ ସହ ତଥ୍ୟ ପହଞ୍ଚି ସାରିଲାଣି। ଏ ନେଇ ସୋମବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ସୂଚନା ଦେଇଛନ୍ତି।

ଏ ସଂକ୍ରାନ୍ତରେ ମହାପାତ୍ର କହିଛନ୍ତି, କରୋନା ଟିକା ପାଇଁ ମୋଟ ୩ଲକ୍ଷ ୨ହଜାର ୭୦୮ଜଣଙ୍କ ତଥ୍ୟ ସଂଗ୍ରହ ପାଇଁ ଟାର୍ଗେଟ ରହିଛି। ରାଜ୍ୟର ୩୬୮୩ ସରକାରୀ ଓ ଘରୋଇ ସ୍ୱାସ୍ଥ୍ୟ ସଂସ୍ଥା ମଧ୍ୟରୁ ୩୪୬୩ ସଂସ୍ଥା ସେମାନଙ୍କ କର୍ମଚାରୀଙ୍କ ସମ୍ପର୍କରେ ତଥ୍ୟ ଦେଇସାରିଛନ୍ତି। ଅର୍ଥାତ୍ ଅକ୍ଟୋବର ୩୧ତାରିଖ ସୁଦ୍ଧା ୯୪% ସଂସ୍ଥାରୁ ୨ ଲକ୍ଷ ୯୫ ହଜାର ୩୪୯ (୯୮%) ଜଣଙ୍କ ତଥ୍ୟ ମିଳିସାରିଛି। ସେଥିମଧ୍ୟରୁ ଗଞ୍ଜାମ, ଗଜପତି, ଯାଜପୁର, କେନ୍ଦ୍ରାପଡ଼ା, କୋରାପୁଟ, ମାଲକାନଗିରି, ମୟୂରଭଞ୍ଜ, ନବରଙ୍ଗପୁର, ଅନୁଗୋଳ, ବରଗଡ଼, ବୌଦ୍ଧ, ଦେବଗଡ଼, ସୁବର୍ଣ୍ଣପୁର ଓ ସୁନ୍ଦରଗଡ଼ ଆଦି ୧୪ ଜିଲାରୁ ସମସ୍ତ ତଥ୍ୟ ଆସିଥିବା ଜଣାପଡ଼ିଛି। ଏସବୁ ଜିଲା ପାଇଁ ଯେତିକି ଟାର୍ଗେଟ୍ ରଖାଯାଇଥିଲା, ସେତିକି ତଥ୍ୟ ଆସିସାରିଛି। ସେପଟେ ଖୋର୍ଦ୍ଧା ଜିଲାରେ ଅଧିକ ତଥ୍ୟ ଆସିଛି। ଏହି ଜିଲା ପାଇଁ ୨୦,୮୩୦ଜଣଙ୍କ ଟାର୍ଗେଟ୍ ରଖାଯାଇଥିବାବେଳେ ବର୍ତ୍ତମାନ ସୁଦ୍ଧା ୨୩,୪୦୦ଲୋକଙ୍କ ତଥ୍ୟ ଆସିଛି। ଗଞ୍ଜାମ ଜିଲାରେ ଟାର୍ଗେଟର ଶତପ୍ରତିଶତ ଅର୍ଥାତ୍ ସର୍ବାଧିକ ୨୪,୧୪୮ଜଣଙ୍କର ତଥ୍ୟ ମିଳିସାରିଛି।

ସୂଚନାଯୋଗ୍ୟ, କରୋନା ଟିକା ପ୍ରଦାନ ପାଇଁ ସ୍ୱାସ୍ଥ୍ୟ କର୍ମୀଙ୍କ ସହ ଅଙ୍ଗନୱାଡ଼ି କର୍ମୀଙ୍କ ଡାଟାବେସ୍ ପ୍ରସ୍ତୁତ କରିବାକୁ ଆଇଏମ୍ଏ, ଆୟୁଷ, ନର୍ସିଂ ଆସୋସିଏଶନ, ପାରାମେଡ଼ିକ କର୍ମଚାରୀ ସଂଘ ଓ ଘରୋଇ ମେଡିକାଲ ସଂଘ ସଭାପତିଙ୍କୁ ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ଶାସନ ସଚିବ ଚିଠି ଲେଖିଥିଲେ। ସେହିପରି ମହିଳା ଓ ଶିଶୁ ବିକାଶ ବିଭାଗ ସଚିବଙ୍କୁ ମଧ ଲେଖାଯାଇଥିବା ଚିଠିରେ ଅଙ୍ଗନୱାଡ଼ି କର୍ମୀ, ହେଲ୍ପର, ସୁପରଭାଇଜର, ସିଡିପିଓଙ୍କ ତଥ୍ୟ ଦେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। କରୋନା ଭ୍ୟାକ୍ସିନେଶନ ବେନିଫିସିଆରି ମ୍ୟାନେଜମେଣ୍ଟ ସିଷ୍ଟମରେ ଏହି ତଥ୍ୟ ଅପ୍‌ଲୋଡ୍ କରିବା ପାଇଁ କୁହାଯାଇଥିଲା।

# ଆଜି ବାଲେଶ୍ୱର, ତିର୍ତ୍ତୋଲ ଉପନିର୍ବାଚନ

ଭୁବନେଶ୍ୱର,୨।୧୧(ବ୍ୟୁରୋ)

- ସକାଳ ୭ରୁ ସନ୍ଧ୍ୟା ୬ ଭୋଟ ଗ୍ରହଣ
- ୪ ଲକ୍ଷ ୬୭ ହଜାର ୫୭୮ ଭୋଟର ମତଦାନ ସାବ୍ୟସ୍ତ କରିବେ
- ୨୪୧ ବୁଥ୍ ସମ୍ବେଦନଶୀଳ
- ୩୫୦୦ ପୋଲିଂ କର୍ମଚାରୀ, ୮୦୦ ଆଶା କର୍ମୀ, ୯୦ ପ୍ଲାଟୁନ ପୋଲିସ ଫୋର୍ସ ନିୟୋଜିତ
- ସବୁ ଭୋଟରଙ୍କ ହେବ ଥର୍ମାଲ ସ୍କ୍ରିନିଂ
- ହ୍ୟାଣ୍ଡ ଗ୍ଲୋବ୍‌ସ ପିନ୍ଧି ଭୋଟଦେବେ ମତଦାତା



ତିର୍ତ୍ତୋଲ ଏବଂ ବାଲେଶ୍ୱର ବିଧାନସଭା ନିର୍ବାଚନ ମଣ୍ଡଳୀରେ ଉପନିର୍ବାଚନ ପାଇଁ ମଙ୍ଗଳବାର ଭୋଟ ଗ୍ରହଣ କରାଯିବ। ମହାମାରୀ କୋଭିଡ୍‌କୁ ଦୃଷ୍ଟିରେ ରଖି ଏଥିପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଛି। ତିର୍ତ୍ତୋଲରେ ୨ ଲକ୍ଷ ୩୭ ହଜାର ୨୮୨ ଓ ବାଲେଶ୍ୱରରେ ୨ ଲକ୍ଷ ୩୦ ହଜାର ୨୯୬ ଜଣ ଭୋଟର ମତଦାନ ସାବ୍ୟସ୍ତ କରିବେ। ପ୍ରତି ବୁଥ୍‌ରେ ଭୋଟ ସଂଖ୍ୟା ୧୫୦୦ ପରିବର୍ତ୍ତେ ୧ ହଜାର କରାଯାଇଛି। ଭୋଟରଙ୍କ ସୁବିଧା ପାଇଁ ତିର୍ତ୍ତୋଲରେ ବୁଥ୍ ସଂଖ୍ୟା ୨୬୫ରୁ ୩୭୩ ଓ ବାଲେଶ୍ୱରରେ ୧୯୮ରୁ ୩୪୬କୁ ବୁଥ୍ ସଂଖ୍ୟା ବୃଦ୍ଧି କରାଯାଇଛି। ସକାଳ ୭ଟାରୁ ସନ୍ଧ୍ୟା ୬ଟା ଯାଏ ଭୋଟଗ୍ରହଣ କରାଯିବ ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶୀଲ କୁମାର ଲୋହାନୀ କହିଛନ୍ତି।

ସୋମବାର ଏଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଲୋହାନୀ କହିଛନ୍ତି, ପ୍ରତି ବୁଥ୍‌କୁ ଭୋଟ ଗ୍ରହଣ ପୂର୍ବଦିନ ଓ ଭୋଟ ଗ୍ରହଣ ପୂର୍ବରୁ ଭଲଭାବରେ ବିଶୋଧନ କରିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ☞ପୃଷ୍ଠା-୪

### ଆଜିର ସମ୍ପାଦକୀୟ

**ଅସତ୍ୟରେ ସୁଖ**

### ଆଜିର ମନ୍ତବ୍ୟ

" ରାମବିଳାସ ପାଶ୍ୱାନଙ୍କ ମୃତ୍ୟୁର ବିଚାର ବିଭାଗୀୟ ତଦନ୍ତ କରାଯାଉ।

– ଦାନିସ୍ ରିଜ୍‌ୱାନ, ହିନ୍ଦୁସ୍ତାନୀ ଆୱାମ ମୋର୍ଚ୍ଚାର ମୁଖପାତ୍ର




## ଆସାମରୁ ୪୨ ବାଂଲାଦେଶୀ ବିଦା

**ଗୁଆହାଟୀ:** ଆସାମ ସରକାର ସୋମବାର ୪୨ ଜଣ ବାଂଲାଦେଶୀଙ୍କୁ ସେମାନଙ୍କ ଦେଶକୁ ପଠାଇ ଦେଇଛନ୍ତି। କରିମିଗଞ୍ଜ ଜିଲାର ସୁତରକାଣ୍ଡିସ୍ଥିତ ଅନ୍ତର୍ଜାତୀୟ ସୀମାଠାରେ ଆଇନଗତ ପକ୍ରିୟା ମାଧମରେ ସେମାନଙ୍କୁ ବିଦା କରାଯାଇଛି। ସେମାନେ ବେଆଇନ୍ ଭାବେ ଆସି ରାଜ୍ୟର ବିଭିନ୍ନ ସ୍ଥାନରେ ରହିଥିଲେ।

# ବାଂଲାଦେଶରେ ପ୍ୟାରିସ୍ ତାତି

କୋଲକାତା,୨।୧୧

ବାଂଲାଦେଶର କୋମିଲା ଜିଲାରେ ଏକ ଫେସ୍‌ବୁକ୍ ପୋଷ୍ଟରେ ଇସ୍‌ଲାମ ଧର୍ମକୁ ନିନ୍ଦା କରାଯାଇଥିବା ନେଇ ଗୁଜବ ପ୍ରଚାରିତ ହେବା ପରେ ମୌଳବାଦୀ ମୁସଲମାନମାନେ ଶତାଧିକ ହିନ୍ଦୁ ପରିବାରର ଘରେ ପଶି ଭଙ୍ଗାରୁଜା କରିବା ସହ ଜାଳିଦେଇଛନ୍ତି। ଏଥିସହିତ କେତେକ ହିନ୍ଦୁ ମନ୍ଦିର ଉପରେ ଆକ୍ରମଣ ହୋଇଛି। ରବିବାର ଏହି ଘଟଣା ଘଟିଛି।

- ଶତାଧିକ ହିନ୍ଦୁଙ୍କ ଗୃହଦାହ
- ପ୍ରତିବାଦ ଜଣାଇବାକୁ କଂଗ୍ରେସର ଦାବି



ଢ଼ାକାରେ ଫ୍ରାନ୍ସ ରାଷ୍ଟ୍ରପତି ଇମାନ୍ୱେଲ୍ ମାକ୍ରଁଙ୍କ କୁଶପୁତ୍ତଳିକା ଦାହ କରାଯାଉଛି।

ସୂଚନାଯୋଗ୍ୟ, ପ୍ୟାରିସରେ ପ୍ରଫେଟ ମହମ୍ମଦଙ୍କ ବ୍ୟଙ୍ଗଚିତ୍ର ପ୍ରଦର୍ଶନ କରିଥିବା ଜଣେ ଶିକ୍ଷକଙ୍କ ମୁଣ୍ଡ କାଟ କରାଯାଇଥିଲା। ଏଭଳି ଅମାନବୀୟ କାର୍ଯ୍ୟ ବରୋଧରେ ଫ୍ରାନ୍ସ ରାଷ୍ଟ୍ରପତି ଇମାନ୍ୱେଲ ମାକରଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି। ଫ୍ରାନ୍ସରେ ରହୁଥିବା ଜଣେ ବାଂଲାଦେଶୀ ଶିକ୍ଷକ ରାଷ୍ଟ୍ରପତି ମାକରଁଙ୍କ ପଦକ୍ଷେପକୁ ପ୍ରଶଂସା କରିଥିଲେ। ତାଙ୍କ ଫେସ୍‌ବୁକ୍ ପୋଷ୍ଟ ପ୍ରସାରିତ ହେବା ପରେ ଉତ୍ତେଜନା ଦେଖାଦେଇଥିଲା। ପୋଲିସ ପୂର୍ବୋ ଧଉରରେ ଥିବା କିଣ୍ଡରଗାର୍ଟେନ ସ୍କୁଲ୍‌ର ପ୍ରଧାନଶିକ୍ଷକଙ୍କ ସମେତ ଦୁଇଜଣଙ୍କୁ ଗିରଫ କରିଛି।

ବାଂଲାଦେଶର ସଂଖ୍ୟାଲଘୁ ହିନ୍ଦୁ ସମ୍ପ୍ରଦାୟଙ୍କ ଉପରେ ଆକ୍ରମଣ ଘଟଣାରେ କଂଗ୍ରେସ ଉଦ୍‌ବେଗ ପ୍ରକାଶ କରିବା ସହ କେନ୍ଦ୍ର ସରକାର ପଡୋଶୀ ଦେଶ ନିକଟରେ ଏହାର ପ୍ରତିବାଦ ଜଣାଇବାକୁ ସୋମବାର ଦାବି କରିଛି। ବାଂଲାଦେଶରେ ୧୫ଟି ହିନ୍ଦୁ ମନ୍ଦିରରେ ଭଙ୍ଗାରୁଜା ହୋଇଥିବା କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀ କହିଛନ୍ତି। ଶତାଧିକ ହିନ୍ଦୁଙ୍କ ଘର ଲୁଟପାଟ ଓ ପୋଡ଼ାଜଳା ହୋଇଥିବାରୁ ସରକାର ବାଂଲାଦେଶ ନିକଟରେ ପ୍ରତିବାଦ କରିବାକୁ ସେ ଆହ୍ୱାନ ଦେଇଛନ୍ତି।

## ସଂକ୍ଷେପରେ

### ପୁଣି ମୁଣ୍ଡ ଟେକିଲା ଗୁଜ୍ଜର ଆନ୍ଦୋଳନ

**ଜୟପୁର,୨।୧୧:** ରାଜସ୍ଥାନରେ ଗୁଜ୍ଜର ଆନ୍ଦୋଳନ ପୁଣି ମୁଣ୍ଡ ଟେକିଛି। ସଂରକ୍ଷଣ ଦାବିରେ ଏହି ସମ୍ପ୍ରଦାୟର ଲୋକମାନେ ରାଜରାସ୍ତାକୁ ଓହ୍ଲାଇ ବିକ୍ଷୋଭ କରିବା ଫଳରେ ୧୨ରୁ ଅଧିକ ଟ୍ରେନର ଗତିପଥକୁ ପରିବର୍ତ୍ତନ କରାଯାଇଛି। ଆଗ୍ରା- ଜୟପୁର ରୁଟ୍‌ରେ ବସ୍ ସେବା ବାଧାପ୍ରାପ୍ତ ହୋଇଛି। କେତେକ ସ୍ଥାନରେ ଇଣ୍ଟରନେଟ୍ ସେବା ଠପ୍ ହୋଇଯାଇଥିବା ଜଣାପଡ଼ିଛି। ସବୁଠାରୁ ପଛୁଆ ବର୍ଗ (ଏମ୍‌ବିସି)ର ଲୋକଙ୍କ ଲାଗି ସଂରକ୍ଷଣ ବ୍ୟବସ୍ଥା ଲାଗୁ କରିବାକୁ ସେମାନେ ସରକାରଙ୍କ ଉପରେ ଚାପ ପକାଇଛନ୍ତି। ରାଜ୍ୟର ବିଭିନ୍ନ ସ୍ଥାନରେ ଏହି ଆନ୍ଦୋଳନ ତେଜିବାରେ ଲାଗିଛି। ସୋମବାର ଗୁଜ୍ଜର ସମ୍ପ୍ରଦାୟର ଲୋକମାନେ ରାଜସ୍ଥାନର ଭରତପୁରଠାରେ ରେଳଧାରଣାରେ ବିକ୍ଷୋଭ କରି ଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ ଗୁଜ୍ଜରଙ୍କୁ ସଂରକ୍ଷଣ ପ୍ରଦାନ କରାଯିବାକୁ ଦାବି କରିଥିଲେ। ଫଳରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନରୁ ହଟିବୁ ନାହିଁ ବୋଲି ସମ୍ପ୍ରଦାୟର ସଦସ୍ୟମାନେ କହିଛନ୍ତି।

### ବାବ୍ରି ମାମଲାର ରାୟ ଦେଇଥିବା ବିଚାରପତିଙ୍କ ସୁରକ୍ଷା ବୃଦ୍ଧିକୁ ନା

**ନୂଆଦିଲ୍ଲୀ,୨।୧୧:** ବାବ୍ରି ମସ୍‌ଜିଦ ଭଙ୍ଗ ମାମଲାର ରାୟ ଶୁଣାଇଥିବା ବିଚାରପତି ସୁରେନ୍ଦ୍ର କୁମାର ଯାଦବଙ୍କ ସୁରକ୍ଷା ବୃଦ୍ଧି କରିବାକୁ ସୁପ୍ରିମକୋର୍ଟ ସୋମବାର ମନା କରିଛନ୍ତି। ୨୦୧୫ରୁ ସେ ବାବ୍‌ରି ଭଙ୍ଗ ମାମଲାର ବିଚାର କରିଆସୁଥିବାରୁ ସୁପ୍ରିମକୋର୍ଟ ତାଙ୍କ କାର୍ଯ୍ୟକାଳ ବୃଦ୍ଧି କରିଥିଲେ। ଶେଷଦିନରେ ସେ ରାୟ ଶୁଣାଇ ସମସ୍ତ ୩୨ ଅଭିଯୁକ୍ତଙ୍କ ପ୍ରମାଣ ଅଭାବରୁ ଦୋଷମୁକ୍ତ କରିଥିଲେ। ଏହାକୁ ନେଇ ଚାପା ଉତ୍ତେଜନା ଲାଗିରହିବା ପରେ ବିଚାରପତି ଯାଦବ ସୁରକ୍ଷା ବଢ଼ାଇବାକୁ ଅନୁରୋଧ କରିଥିଲେ।

### ଏସ୍‌ପିରେ ଅନୁ ଟଣ୍ଡନ



**ଲକ୍ଷ୍ନୌ,୨।୧୧:** କିଛିଦିନ ତଳେ ଦଳରୁ ଇସ୍ତଫା ଦେଇଥିବା କଂଗ୍ରେସର ପୂର୍ବତନ ସାଂସଦ ଅନୁ ଟଣ୍ଡନ ସୋମବାର ସମାଜବାଦୀ ପାର୍ଟିରେ ଯୋଗଦେଇଛନ୍ତି। ଦଳୀୟ ମୁଖ୍ୟାଳୟରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବଙ୍କ ଉପସ୍ଥିତିରେ ସେ ଯୋଗଦେଇଥିବା ଜଣାପଡ଼ିଛି। ଅଖିଳେଶଙ୍କୁ ଜଣେ ସର୍ବଗୁଣ ସମ୍ପନ୍ନ ବୋଲି ସେ କହିବା ସହ ଜଣେ ଯୁବ ପ୍ରତିଭାବାନ ନେତୃତ୍ୱ ଏବେକାର ଆବଶ୍ୟକତା ବୋଲି ପ୍ରକାଶ କରିଛନ୍ତି। ଉତ୍ତରପ୍ରଦେଶ କଂଗ୍ରେସ କାର୍ଯ୍ୟପ୍ରଣାଳୀ ଠିକ୍ ନ ଥିବା ସେ ଅଭିଯୋଗ କରିଛନ୍ତି। ପ୍ରକାଶଥାଉ କି, ଗତ ୨୯ ତାରିଖରେ ସେ କଂଗ୍ରେସରୁ ଇସ୍ତଫା ଦେଇଥିଲେ।

# ଅରୁଣାଚଳ ସୀମାରେ ରେଳଲାଇନ ନିର୍ମାଣ କରିବ ଚାଇନା

ବେଜିଂ,୨।୧୧

ଭାରତର ଅରୁଣାଚଳ ସୀମାରେ ଚାଇନା ଗୁରୁତ୍ୱପୂର୍ଣ୍ଣ ରେଳଲାଇନ ନିର୍ମାଣ କରିବାକୁ ଯାଉଛି। ରଣନୀତି ଦୃଷ୍ଟିରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏହି ରେଳଲାଇନ ଦକ୍ଷିଣପଶ୍ଚିମ ସିଚୁଆନ ପ୍ରଦେଶର ୟାନ୍‌କୁ ତିବ୍ବତର ଲିନ୍‌ଝି ସହ ସଂଯୋଗ କରିବ। ଏଥିରେ ଦୁଇଟି ଟନେଲ ଏବଂ ଗୋଟିଏ ବ୍ରିଜ୍ ନିର୍ମାଣ ସହ ବିଦ୍ୟୁତ ଯୋଗାଣ ପ୍ରକଳ୍ପ ନେଇ ଚାଇନା ରେଲଓ୍ୱେ ଶନିବାର ବିଡିଂ ଫଳାଫଳ ଘୋଷଣା କରିଛି। ରେଳଲାଇନ ନିର୍ମାଣ ହେବାକୁ ଯାଉଥିବା ଏଥିରୁ ସ୍ପଷ୍ଟ ହୋଇଛି।

କିଙ୍ଘାଇ-ତିବ୍ବତ ରେଲଓ୍ୱେ ପରେ ସିଚୁଆନ-ତିବ୍ବତ ରେଳଲାଇନ ହେଉଛି ଏଠାରେ ଦ୍ୱିତୀୟ ରେଳ ପ୍ରୋଜେକ୍ଟ। ଏହା ସିଚୁଆନର ରାଜଧାନୀ ଚେଙ୍ଗଡୁରୁ ଆରମ୍ଭ ହୋଇ ଲାସାକୁ ସଂଯୋଗ କରିବ। ଫଳରେ ଏହି ଦୁଇ ସହର ମଧ୍ୟରେ ଯାତ୍ରା ସମୟ ୪୮ ଘଣ୍ଟାରୁ ୧୩ ଘଣ୍ଟାକୁ ହ୍ରାସ ପାଇବ। ଏହି ରେଳଲାଇନ ପାଇଁ ୪୭.୮ ବିଲିୟନ ଡଲାର ଖର୍ଚ୍ଚ ହେବ। ଲିନ୍‌ଝି ଅରୁଣାଚଳ ସୀମାର ଖୁବ୍ ନିକଟରେ। ଅରୁଣାଚଳପ୍ରଦେଶ ଦକ୍ଷିଣ ତିବ୍ବତର ଅଂଶବିଶେଷ ବୋଲି ଚାଇନା ଦାବି କରିଆସୁଛି।

# ଭାରତ ମହାସାଗରରେ ପାଟ୍ରୋଲିଂ କରିବ ଜର୍ମାନ ଯୁଦ୍ଧଜାହାଜ



ନୂଆଦିଲ୍ଲୀ,୨।୧୧

ଆସନ୍ତା ବର୍ଷରୁ ଭାରତ ମହାସାଗରରେ ଜର୍ମାନୀର ଯୁଦ୍ଧଜାହାଜ ପାଟ୍ରୋଲିଂ କରିବ। ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଚାଇନାର ପ୍ରଭାବ ବଢୁଥିବାରୁ ଏହାକୁ ପ୍ରତିହତ କରିବା ପାଇଁ ଜର୍ମାନ ସରକାର ଏଭଳି ନିଷ୍ପତ୍ତି ନେଇଥିବା ଏହାର ପ୍ରତିରକ୍ଷା ମନ୍ତ୍ରୀ ଆନେଗ୍ରେଟ କ୍ରାମ୍ପ-କରେନବାଉର୍ କହିଛନ୍ତି। ଉକ୍ତ ଅଞ୍ଚଳରେ ଜର୍ମାନ ନୌସେନାର ଉପସ୍ଥିତି ଶୃଙ୍ଖଳା ରକ୍ଷା କରିବାରେ ସହାୟକ ହେବ। କରୋନା ସତ୍ତ୍ୱେ ୨୦୨୧ରେ ପ୍ରତିରକ୍ଷା ବାବଦରେ ଅଧିକ ବ୍ୟୟ ବରାଦ କରିବାକୁ ତାଙ୍କ ସରକାର ନିଷ୍ପତ୍ତି ନେଇଛନ୍ତି। ଜର୍ମାନ ଯୁଦ୍ଧଜାହାଜ ମୁତୟନ ଦ୍ୱାରା ଦକ୍ଷିଣ ଚାଇନା ସାଗରରେ ସ୍ୱାଧୀନ ନୌପରିବହନ ହେବା ନେଇ କ୍ରାମ୍ପ-କରେନବାଉର କିଛି କହିନାହାନ୍ତି।

# ଜନମତ ସର୍ଭେରେ ବାଇଡେନ୍ ଆଗରେ

ଓ୍ୱାଶିଂଟନ,୨।୧୧



ଜୋ ବାଇଡେନ୍ | ଡୋନାଲ୍ଡ ଟ୍ରମ୍ପ

ଆମେରିକା ରାଷ୍ଟ୍ରପତି ନିର୍ବାଚନ ମଙ୍ଗଳବାର ଅନୁଷ୍ଠିତ ହେବାକୁ ଯାଉଥିବାବେଳେ ପ୍ରଚାର ଜୋର୍‌ଦାର ହୋଇଛି। ରିପବ୍ଲିକାନ ପ୍ରାର୍ଥୀ ତଥା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପ୍ରଚାର ଶେଷ ଦିନରେ ମିଚିଗାନ, ନର୍ଥ କାରୋଲିନ୍‌ରେ ରାଲି କରିଥିଲେ। ସେହିପରି ଡେମୋକ୍ରାଟିକ୍ ପାର୍ଟି ପ୍ରାର୍ଥୀ ଜୋ ବାଇଡେନ୍ ପେନ୍‌ସିଲଭାନିଆରେ ରାଲିରେ ଯୋଗଦେବା ପରେ ପିଟସ୍‌ବର୍ଗରେ ତାଙ୍କର ପ୍ରଚାର ଶେଷ କରିଛନ୍ତି। ପ୍ରଚାରରେ ବାଇଡେନଙ୍କ ପଲା ଭାରି ଥିବା କୁହାଯାଉଛି।

ପ୍ରଚାର ବେଳେ ମେଲ୍-ଇନ୍ ବାଲଟ ବ୍ୟବସ୍ଥାକୁ ବିରୋଧ କରିଆସୁଥିବା ଟ୍ରମ୍ପ ପୋଷ୍ଟାଲ ଭୋଟ ଏବଂ ଅନୁପସ୍ଥିତମାନଙ୍କ ଭୋଟକୁ ଗଣନାବେଳେ ଚ୍ୟାଲେଞ୍ଜ କରିବେ ବୋଲି କହିଛନ୍ତି। ନିର୍ବାଚନ ଶେଷ ହେବାରୁ ଦୀର୍ଘ ସମୟ ପରେ ବାଲଟ ସଂଗ୍ରହ ହେବା ଏକ ଭୟଙ୍କର ଘଟଣା। ନିର୍ବାଚନ ଶେଷ ହେବା କ୍ଷଣି ଟ୍ରମ୍ପ ତାଙ୍କ ଓକିଲଙ୍କ ଜରିଆରେ ଏହା ବିରୋଧରେ ଅଦାଲତଙ୍କ ଦ୍ୱାରସ୍ଥ ହେବେ।

- ଆଜି ଆମେରିକା ନିର୍ବାଚନ
- ମେଲ୍ ବାଲଟ ଗଣନାକୁ ଚ୍ୟାଲେଞ୍ଜ କରିବେ ଟ୍ରମ୍ପ

ରଏଟର ପକ୍ଷରୁ ପ୍ରକାଶିତ ଜନମତ ସର୍ଭେ ଅନୁଯାୟୀ ଟ୍ରମ୍ପଙ୍କ ସପକ୍ଷରେ ୪୨ ପ୍ରତିଶତ ଭୋଟ ରହିଥିବାବେଳେ ଜୋ ବାଇଡେନଙ୍କ ପ୍ରତି ୫୧ ପ୍ରତିଶତଙ୍କ ସମର୍ଥନ ରହିଛି। ସେହିପରି ନ୍ୟୁୟର୍କ ଟାଇମ୍ସର ସର୍ଭେ ଅନୁଯାୟୀ ୪ ଗୁରୁତ୍ୱପୂର୍ଣ୍ଣ ରାଜ୍ୟ ଓ୍ୱିସକନ୍‌ସିନ, ପେନ୍‌ସିଲଭାନିଆ, ଫ୍ଲୋରିଡା ଏବଂ ଆରିଜୋନାରେ ବାଇଡେନଙ୍କ ସପକ୍ଷରେ ଜନମତ ରହିଛି। ୨୦୦୮ ନିର୍ବାଚନଠାରୁ ଦେଖିଲେ ବାଇଡେନଙ୍କ ନିର୍ବାଚନୀ ସ୍ଥିତି ଅନ୍ୟ ଯେକୌଣସି ରାଷ୍ଟ୍ରପତି ପ୍ରାର୍ଥୀଙ୍କଠାରୁ ଦୃଢ଼ ରହିଛି।

ଟ୍ରମ୍ପ ଓ ବାଇଡେନ୍‌ଙ୍କ ଭାରତୀୟ-ଆମେରିକୀୟ ସମର୍ଥକମାନେ ରବିବାର ସେମାନଙ୍କ ପ୍ରଚାର ଜୋର୍‌ଦାର କରିଥିଲେ। ବହୁସଂଖ୍ୟାରେ ଆସି ନିଜ ନିଜ ନେତାଙ୍କୁ ଭୋଟ ଦେବା ପାଇଁ ସେମାନେ ପ୍ରବାସୀ ଭାରତୀୟମାନଙ୍କୁ ପ୍ରବର୍ତ୍ତାଇଥିଲେ। କରୋନା ସଂକ୍ରମଣରେ ଆମେରିକାରେ ୨.୩୧ ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ଗଲାଣି। ଏହାକୁ ନେଇ ମୁଖ୍ୟ ସଂକ୍ରାମକ ରୋଗ ବିଶେଷଜ୍ଞ ଡ. ଆନ୍ଥୋନି ଫୌସିଙ୍କ ସହ ଟ୍ରମ୍ପଙ୍କର ମତଭେଦ ହୋଇଛି। ନିର୍ବାଚନ ପରେ ସେ ଫୌସିଙ୍କୁ ବହିଷ୍କାର କରିବେ ବୋଲି ଫ୍ଲୋରିଡ଼ାଠାରେ ଏକ ରାଲିରେ କହିଛନ୍ତି।

## ୧୦ ରାଜ୍ୟ ସଭା ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ

**ଲକ୍ଷ୍ନୌ,୨।୧୧:** ଉତ୍ତରପ୍ରଦେଶରେ ସମସ୍ତ ୧୦ ରାଜ୍ୟ ସଭା ପ୍ରାର୍ଥୀ ସୋମବାର ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ନାମାଙ୍କନପତ୍ର ପ୍ରତ୍ୟାହାରର ଶେଷ ଦିନରେ ଏହା ଜଣାପଡ଼ିଛି। ଭାଜପାର ୮ ଓ ସମାଜବାଦୀ ପାର୍ଟି ଓ ବହୁଜନ ସମାଜବାଦୀ ପାର୍ଟିର ଜଣେ ଲେଖାଏ ନିର୍ବାଚିତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଅଛନ୍ତି ଭାଜପାରୁ କେନ୍ଦ୍ରମନ୍ତ୍ରୀ ହର୍‌ଦୀପ ସିଂ ପୁରୀ, ଅରୁଣ ସିଂ, ହରିଦ୍ୱାର ଦୁବେ, ବ୍ରିଜ୍‌ଲାଲ୍, ନୀରଜ ଶେଖର, ଗୀତା ସାକ୍ୟ, ସୀମା ଦ୍ୱିବେଦୀ ଓ ବି.ଏଲ୍. ବର୍ମା।

## ଇସିଙ୍କ ନିର୍ଦ୍ଦେଶ ଉପରେ ରୋକ୍ ଲଗାଇଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୨।୧୧(ପି.ଟି.)

**କମଲନାଥଙ୍କୁ ଷ୍ଟାର ପ୍ରଚାରକରୁ ବାଦ୍ ଦେବା ଘଟଣା**

ମଧ୍ୟପ୍ରଦେଶରେ ଉପନିର୍ବାଚନ ପ୍ରଚାର ବେଳେ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ ଅଭିଯୋଗରେ ପୂର୍ବତନ ମୁଖ୍ୟମନ୍ତ୍ରୀ କମଲନାଥଙ୍କୁ ନିର୍ବାଚନ କମିଶନ (ଇସି) ଷ୍ଟାର ପ୍ରଚାରକ ତାଲିକାରୁ ବାଦ୍ ଦେଇଥିଲେ। ସୁପ୍ରିମକୋର୍ଟ ଏହା ଉପରେ ସ୍ଥଗିତାଦେଶ ଜାରି କରିଛନ୍ତି। ଇସିଙ୍କ ନିର୍ଦ୍ଦେଶକୁ କମଲନାଥ ସର୍ବୋଚ୍ଚ ଅଦାଲତରେ ଚ୍ୟାଲେଞ୍ଜ କରିଥିଲେ। ପ୍ରଚାର ଶେଷ ହୋଇଥିବାରୁ ପିଟିଶନ ନିରର୍ଥକ ବୋଲି ଇସିଙ୍କ ଓକିଲ କହିଥିଲେ। ତେବେ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ଉପରେ ସ୍ଥଗିତାଦେଶ ଲାଗୁ ହେଲା ବୋଲି ପ୍ରଧାନ ବିଚାରପତି ଏସ୍.ଏ. ବୋବ୍‌ଡେଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ କହିଥିଲେ।

# ୧୨୦୧ ପ୍ରାର୍ଥୀଙ୍କ ନାଁରେ ଅପରାଧ ମାମଲା

ନୂଆଦିଲ୍ଲୀ,୨।୧୧

ବିହାର ବିଧାନସଭା ନିର୍ବାଚନରେ ପ୍ରାର୍ଥୀ ହୋଇଥିବା ୧,୨୦୧ ଜଣଙ୍କ ନାଁରେ ଅପରାଧ ମାମଲା ରହିଛି। ସେମାନଙ୍କ ମଧ୍ୟରୁ ୯୧୫ଟି ଗୁରୁତର ମାମଲା ବୋଲି ବିହାର ଇଲେକ୍ସନ ଓ୍ୱାଚ୍ ଏବଂ ଆସୋସିଏଶନ ଫର୍ ଡେମୋକ୍ରାଟିକ୍ ରିଫର୍ମ୍ସ (ଏଡିଆର୍) ରିପୋର୍ଟରେ କୁହାଯାଇଛି।

ନିର୍ବାଚନରେ ମୋଟ ୩,୭୩୩ ପ୍ରାର୍ଥୀ ଅବତୀର୍ଣ୍ଣ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ୩,୭୨୨ ଜଣଙ୍କ ସତ୍ୟପାଠକୁ ଉପରୋକ୍ତ ସଂସ୍ଥା ବିଶ୍ଳେଷଣ କରିଥିଲେ। ଜାତୀୟ ଦଳରୁ ୩୪୯ ଜଣ ଏବଂ ରାଜ୍ୟ ଦଳରୁ ୪୭୦ ପ୍ରାର୍ଥୀ ନିର୍ବାଚନ ଲଢୁଛନ୍ତି। ଏହାବ୍ୟତୀତ ପଞ୍ଜୀକୃତ ଅସ୍ୱୀକୃତ ପାର୍ଟିରୁ ୧,୬୦୭ ଜଣ ଏବଂ ୧,୨୯୭ ସ୍ୱାଧୀନ ପ୍ରାର୍ଥୀ ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି। ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି)ର ୧୪୧ ପ୍ରାର୍ଥୀଙ୍କ ମଧ୍ୟରୁ ସର୍ବାଧିକ ୯୮ ଜଣଙ୍କ ବିରୋଧରେ ଅପରାଧ ମାମଲା ରହିଛି। ସେହିପରି ଭାଜପାର ୧୦୯ ପ୍ରାର୍ଥୀଙ୍କ ମଧ୍ୟରୁ ୭୬, କଂଗ୍ରେସର ୭୦ ପ୍ରାର୍ଥୀଙ୍କ ମଧ୍ୟରୁ ୪୫, ଲୋକ ଜନଶକ୍ତି (ଏଲ୍‌ଜେପି)ର ୧୩୫ ପ୍ରାର୍ଥୀରୁ ୭୦, ଜେଡିୟୁର ୧୧୫ ପ୍ରାର୍ଥୀଙ୍କ ମଧ୍ୟରୁ ୫୬, ବହୁଜନ ସମାଜ ପାର୍ଟି (ବିଏସ୍‌ପି)ର

**ଶୀର୍ଷରେ ଆର୍‌ଜେଡି**

୭୮ ପ୍ରାର୍ଥୀଙ୍କ ମଧ୍ୟରୁ ୨୯ ଜଣଙ୍କ ବିରୋଧରେ ଅପରାଧ ମାମଲା ରହିଛି। ଆର୍‌ଜେଡିର ୭୨ ପ୍ରାର୍ଥୀଙ୍କ ବିରୋଧରେ ଗୁରୁତର ଅପରାଧ ମାମଲା ଥିବାବେଳେ ଭାଜପାର ୫୫, କଂଗ୍ରେସର ୩୩, ଏଲ୍‌ଜେପିର ୫୫, ଜେଡିୟୁର ୩୬ ଏବଂ ବିଏସ୍‌ପିର ୨୩ ପ୍ରାର୍ଥୀଙ୍କ ବିରୋଧରେ ଏଭଳି ଅପରାଧ ରହିଛି।

## ଦ୍ୱିତୀୟ ପର୍ଯ୍ୟାୟ ବିହାର ଭୋଟ ଆଜି

**ପାଟନା:** ବିହାର ବିଧାନସଭା ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟ ଭୋଟ ମଙ୍ଗଳବାର ଅନୁଷ୍ଠିତ ହେଉଛି। ଏହି ପର୍ଯ୍ୟାୟରେ ୧୭ ଜିଲାର ୯୪ ଆସନ ଲାଗି ୧,୫୦୦ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଏମାନଙ୍କ ମଧ୍ୟରେ ପ୍ରାୟ ୧୦% ଅର୍ଥାତ୍ ୧୪୬ ଜଣ ମହିଳା ପ୍ରାର୍ଥୀ ଅଛନ୍ତି। ମୋଟ ୨.୮୫ କୋଟି ଭୋଟର ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ। ମହାରାଜଗଞ୍ଜରେ ସର୍ବାଧିକ ୨୭ ପ୍ରାର୍ଥୀ ସେମାନଙ୍କ ଭାଗ୍ୟ ନିର୍ଦ୍ଧାରଣ କରୁଛନ୍ତି। ଦରୌଲିରେ ସର୍ବନିମ୍ନ ୪ ପ୍ରାର୍ଥୀ ଅଛନ୍ତି। ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ଗଡ଼ କୁହାଯାଉଥିବା ନାଳନ୍ଦା ଜିଲାର ୭ ଆସନରେ ଏହି ପର୍ଯ୍ୟାୟରେ ଭୋଟଗ୍ରହଣ କରାଯାଉଛି।

# ୩୦ ସହରବାସୀ ଭୋଗିବେ ଜଳଯନ୍ତ୍ରଣା

ନୂଆଦିଲ୍ଲୀ,୨।୧୧(ଆଇଏଏନ୍‌ଏସ୍)



କଥାରେ ଅଛି ଜଳ ହିଁ ଜୀବନ। ଜଳ ବିନା ଜୀବଜଗତ ତିଷ୍ଠିରହିବା ଅସମ୍ଭବ। ହେଲେ ଜଳବାୟୁରେ ପରିବର୍ତ୍ତନ ସହ ସାମାଜିକ ଚାଲିଚଳଣି ପରିବେଶକୁ ବିଗାଡ଼ିବାରେ ଲାଗିଛି। ଏବେଠାରୁ ଏହାକୁ ନ ସୁଧାରିଲେ କିମ୍ବା ଏନେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆଗକୁ ବିଷମୟ ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି। ଏକ ଓ୍ୱାର୍ଲ୍ଡ ଓ୍ୱାଇଡ୍ ଫଣ୍ଡ୍ (ଡବ୍ଲ୍ୟୁଡବ୍ଲ୍ୟୁଏଫ୍) ଅଧ୍ୟୟନରୁ ଜଣାପଡ଼ିଛି ଯେ, କିଛି ଦଶନ୍ଧି ମଧ୍ୟରେ ଭାରତର ୩୦ ସହରରେ ଉତ୍କଟ ଜଳସଙ୍କଟ ଦେଖାଦେବ। ମୁମ୍ବାଇ, କୋଲକାତା, ଜୟପୁର, ଅମ୍ରିତସର, ବିଶାଖାପାଟଣା, ଇନ୍ଦୋର, ଶ୍ରୀନଗର, ପୁଣେ, କୋଝିକୋଡେ ଆଦି ସହରରେ ଏଭଳି ସ୍ଥିତି ଉପୁଜିବ ବୋଲି ରିପୋର୍ଟରେ ଦର୍ଶାଯାଇଛି।

ଭାରତରେ ସହରୀ ସଭ୍ୟତାର ଦ୍ରୁତ ବିକାଶ ପରିଲକ୍ଷିତ ହେଉଛି। ସହରଗୁଡ଼ିକର ପରିବେଶ ଦିନକୁଦିନ ପ୍ରଦୂଷିତ ହେବାରେ ଲାଗିଛି। ବିକାଶ ସହ ପରିବେଶ ସନ୍ତୁଳନ ରକ୍ଷା ଉପରେ ବିଶେଷ ଗୁରୁତ୍ୱ ଦିଆଯିବାର ଆବଶ୍ୟକତା ରହିଥିବା ଡବ୍ଲ୍ୟୁଡବ୍ଲ୍ୟୁଏଫ୍, ଇଣ୍ଡିଆର କାର୍ଯ୍ୟକ୍ରମ ନିର୍ଦ୍ଦେଶକ ସେଜଲ ଓ୍ୱେରହ ପ୍ରକାଶ କରିଛନ୍ତି। ସ୍ମାର୍ଟସିଟିରେ ଯୋଜନା ମୁତାବକ ସମନ୍ୱିତ ଜଳ ପରିଚାଳନା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଜଳ ସଂରକ୍ଷଣ, ଜଳ ଯୋଗାଣ, ଜଳ ପରିଚାଳନା ଓ ବ୍ୟବହାର ଉପରେ ଅଧିକ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି। ଏନେଇ ଏବେଠାରୁ ସଜାଗ ହେବାକୁ କୁହାଯାଇଛି। ବିଭିନ୍ନ ଘରୋଇ କଳ କାରଖାନା ଓ ଅନୁଷ୍ଠାନ ଏସବୁ ନିୟମ ପାଳନ କରିବା ଉଚିତ। କେବଳ ଭାରତ ନୁହେଁ, ବିଶ୍ୱର ଅନେକ ସହରରେ ଏବେଠାରୁ ଜଟିଳ ସ୍ଥିତି ଦେଖାଦେଲାଣି। ୨୦୫୦ ମସିହା ବେଳକୁ ବିଶ୍ୱର ୧୦୦ ସହର କିମ୍ବା ଅତି କମ୍‌ରେ ୩୫ କୋଟିରୁ ଊର୍ଦ୍ଧ୍ୱ ଲୋକ ଜଳକଷ୍ଟ ଭୋଗକରିବାର ଆଶଙ୍କା ରହିଥିବା କୁହାଯାଇଛି। ୨୦୨୦ରେ ୧୭% ଲୋକ ଜଳସଙ୍କଟର ସମ୍ମୁଖୀନ ହୋଇଥିବାବେଳେ ୨୦୫୦ ବେଳକୁ ୫୧% ବିଶ୍ୱବାସୀ ଭୟଙ୍କର ଜଳଯନ୍ତ୍ରଣା ଭୋଗକରିବାର ଆଶଙ୍କା ରହିଥିବା ଅନୁଧ୍ୟାନରୁ ଜଣାପଡ଼ିଛି। ବିଶେଷକରି ସହରବାସୀ ଅଧିକ ଜଳକଷ୍ଟ ଭୋଗିବେ। ବିଶ୍ୱରେ ବେଜିଂ, ଜାକର୍ତ୍ତା, ଜୋହାନ୍ସବର୍ଗ, ହଂକଂ, ମକ୍କା, ଇସ୍ତାନ୍‌ବୁଲ, ରିଓ ଡି ଜାନିରୋ ସ୍ଥିତି ଅଧିକ ଖରାପ ହେବାର ଆଶଙ୍କା କରାଯାଉଛି।

# ପୋଲାଣ୍ଡରେ ଗର୍ଭପାତ ଆଇନକୁ ବିରୋଧ

ଓ୍ୱାର୍ସା,୨।୧୧




ଭ୍ରୂଣଗତ ତ୍ରୁଟି କାରଣରୁ ଗର୍ଭପାତ ଅସାମ୍ବିଧାନିକ ବୋଲି ପୋଲାଣ୍ଡର ଏକ ଅଦାଲତ ରାୟ ଦେବା ପରେ ଏହା ବିରୋଧରେ ସେଠାରେ ବିକ୍ଷୋଭ ଜୋର୍‌ଦାର ହୋଇଛି। ରାଜଧାନୀ ଓ୍ୱାର୍ସାରେ ଗତ ଶୁକ୍ରବାର ଲକ୍ଷାଧିକ ମହିଳା ଏକାଠି ହୋଇ ଦୀର୍ଘ ୭ ଘଣ୍ଟା ଧରି ପୋଲାଣ୍ଡ ଶାସକ ଲ ଆଣ୍ଡ ଜଷ୍ଟିସ୍ ପାର୍ଟି ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସରକାର ଅସୁସ୍ଥ ଓ ବିକାରଗ୍ରସ୍ତ ଶିଶୁ ଜନ୍ମ ଦେବା ଲାଗି ବାଧ କରାଉଛନ୍ତି ବୋଲି ବିକ୍ଷୋଭରେ ସାମିଲ ହୋଇଥିବା ଜଣେ ମହିଳା କହିଛନ୍ତି।

**ରାସ୍ତାକୁ ଓହ୍ଲାଇଲେ ଲକ୍ଷାଧିକ ମହିଳା**

ଗର୍ଭସ୍ଥ ଶିଶୁ ଅଙ୍ଗରେ ତ୍ରୁଟି ସତ୍ତ୍ୱେ ଗର୍ଭପାତ ଅସାମ୍ବିଧାନିକ ବୋଲି ଗତ ୨୨ ତାରିଖରେ ପୋଲାଣ୍ଡର କନ୍‌ଷ୍ଟିଚ୍ୟୁଶନାଲ ଟ୍ରିବ୍ୟୁନାଲ କହିଥିଲେ। ଏହାକୁ ସାରା ଦେଶରେ ପ୍ରବଳ ବିରୋଧ କରାଯାଉଛି। ମହିଳାମାନେ ଉକ୍ତ ଆଇନ ବିରୋଧରେ ଏକପ୍ରକାର ଯୁଦ୍ଧ ଡାକରା ଦେଇଛନ୍ତି।

ପୋଲାଣ୍ଡ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତଥ୍ୟ ଅନୁଯାୟୀ ପ୍ରତିବର୍ଷ ସେଠାରେ ୧୧୦୦ ଆଇନସମ୍ମତ ଗର୍ଭପାତ ମଧ୍ୟରୁ ୯୮ ପ୍ରତିଶତ ହେଉଛି ଭ୍ରୂଣଗତ ତ୍ରୁଟିଜନିତ। ତେଣୁ ନୂଆ ରାୟ ଅନୁଯାୟୀ ସେଠାରେ ଗର୍ଭପାତ ସମ୍ପୂର୍ଣ୍ଣ ବନ୍ଦ ହେବାକୁ ଯାଉଛି। ଏବେ ସେ ଏକବିଂଶ ଶତାବ୍ଦୀରେ ଏବଂ ୟୁରୋପରେ ଅଛନ୍ତି ବୋଲି ଅନୁଭବ କରିପାରୁ ନ ଥିବା ମାଜା ଟୋବିସ୍ ନାମ୍ନୀ ଜଣେ ମହିଳା କହିଛନ୍ତି। ପୂର୍ବରୁ ୨୦୧୬ରେ ଗର୍ଭପାତ ନିଷିଦ୍ଧ ନେଇ ଅଣାଯାଇଥିବା ଚିଠା ଆଇନକୁ ଜୋର୍‌ଦାର ବିରୋଧ କରାଯାଇଥିଲା। ସେତେବେଳେ ବହୁସଂଖ୍ୟାରେ ମହିଳା କଳାବସ୍ତ୍ର ପରିଧାନ କରି ରାସ୍ତାକୁ ଓହ୍ଲାଇଥିଲେ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୪,୭୦,୫୭,୨୧୮ | ୧୨,୦୮,୦୨୩ | ୩,୩୮,୮୮,୧୧୧ |
| ଭାରତ | ୮୨,୫୫,୪୨୮ | ୧,୨୨,୮୯୧ | ୭୫,୭୭,୦୭୪ |
| ଓଡ଼ିଶା | ୨,୯୩,୨୧୪ | ୧୩୪୦(+୫୩) | ୨,୭୯,୦୯୧ |

ସୋମବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### କାୟା ମେଲାଇଛି ବ୍ରାଉନ୍‌ସୁଗାର କାରବାର ଜଳେଶ୍ୱରରୁ ୮ ଜଣଙ୍କୁ ଉଠାଇନେଲା ଏସ୍‌ଟିଏଫ୍

ଜଳେଶ୍ୱର, ୨।୧୧(ସ୍ୱ.ପ୍ର): ବାଲେଶ୍ୱର ଜିଲା ଜଳେଶ୍ୱରରେ ବ୍ରାଉନସୁଗାର କାରବାର କାୟା ବିସ୍ତାର କରିବାରେ ଲାଗିଛି। ରାଜ୍ୟ ବାହାରୁ ଏହି ଅଞ୍ଚଳକୁ ବ୍ରାଉନ୍‌ସୁଗାର ଅଣାଯାଇ ବିଭିନ୍ନ ସ୍ଥାନକୁ ଚାଲାଣ କରାଯାଉଥିବା ସୂଚନା ମିଳିଛି। ଏହି କାରବାର ରୋକିବା ଲାଗି ଏସ୍‌ଟିଏଫ୍ ଟିମ୍ ବାରମ୍ବାର ଚଢ଼ାଉ କରୁଥିଲେ ମଧ୍ୟ ବ୍ୟବସାୟୀମାନେ ଅନାୟାସରେ ଚାଲୁ ରଖିଛନ୍ତି। ସୋମବାର ଭୋର ସମୟରେ ଜଳେଶ୍ୱର ଅଞ୍ଚଳର ୮ଜଣ ବ୍ରାଉନସୁଗାର ବ୍ୟବସାୟୀଙ୍କୁ ଭୁବନେଶ୍ୱର ଓ ପୁରୀର ୭ଜଣିଆ ଏସ୍‌ଟିଏଫ୍ ଟିମ୍ ଜଳେଶ୍ୱର ପୋଲିସ୍ ସହାୟତାରେ ଉଠାଇ ନେଇଛି। ସେମାନେ ହେଲେ ଶାସନବାର୍ଡର ମୀର ସାହତ ଅଲ୍ଲି, ତାଙ୍କ ପୁଅ, ଶେଖବାର୍ଡର ସେକ୍ ସାହାତୁଲ୍ଲା, ସେକ୍ ସାହାଜନ୍ ତୁଲ୍ଲା, ରାଜପୁରର ସେକ୍ ଆୟାସାନ୍, ଛୋଟା ସାଜନ ଓ ୨ ଅନ୍ୟ ସହଯୋଗୀ। ଗିରଫ ମୀର ସାହତ ଅଲ୍ଲି ପ୍ରଥମେ ୨୦୦୭ରେ ଧଳାଜହର କାରବାରରେ ସମ୍ପୃକ୍ତ ଥାଇ ଧରା ପଡ଼ିଥିଲେ। ପରବର୍ତ୍ତୀ ସମୟରେ ବାରମ୍ବାର ସେ ଧରାପଡ଼ି ଜେଲ ଯାଇଥିଲେ ମଧ୍ୟ ତାଙ୍କ ସହଯୋଗୀଙ୍କ ମାଧମରେ ଏହି କାରବାର ଜାରି ରଖିଥିଲେ। ଗତ ଶୁକ୍ରବାର ଜଳେଶ୍ୱର ଉପକଣ୍ଠ ସୁବର୍ଣ୍ଣରେଖା ପୋଲ ନିକଟରେ ଏସ୍‌ଟିଏଫ୍ ଝାଡ଼େଶ୍ୱରପୁର ବସ୍ତିର ସେକ୍ ହାସିମ୍ ବକ୍ସଙ୍କଠାରୁ ୧ କିଲୋ ୧୭୦ ଗ୍ରାମ ବ୍ରାଉନ୍‌ସୁଗାର ଧରିବାରେ ସଫଳ ହୋଇଥିଲା। ଏହା ପୂର୍ବରୁ ସେକ୍ ହାସିମ୍ ବକ୍ସଙ୍କ ଦୁଇଭାଇ ମଧ୍ୟ ଗିରଫ ହୋଇଥିଲେ। ଉଲ୍ଲେଖଯୋଗ୍ୟ, ଗତ ଜାନୁୟାରୀଠାରୁ ଅଦ୍ୟାବଧି ଜଳେଶ୍ୱର ଅଞ୍ଚଳରୁ ୨କିଲୋରୁ ଅଧିକ ବ୍ରାଉନ୍‌ସୁଗାର ଜବତ ହୋଇଛି।

# ୩ କ୍ରୀଡ଼ା ଭିତ୍ତିଭୂମିର ଉଦ୍‌ଘାଟନ

ଭୁବନେଶ୍ୱର,୨।୧୧(ବ୍ୟୁରୋ)


ଭିଡିଓ କନ୍‌ଫରେନ୍ସ ଜରିଆରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କ୍ରୀଡ଼ା ଭିତ୍ତିଭୂମିର ଉଦ୍‌ଘାଟନ କରୁଛନ୍ତି।

- ହିଞ୍ଜିଳିକାଟୁରେ ଇନ୍‌ଡୋର ଷ୍ଟାଡିୟମ, ଛତ୍ରପୁରରେ ବ୍ୟାଡମିଣ୍ଟନ କୋର୍ଟ, କଳିଙ୍ଗ ଷ୍ଟାଡିୟମରେ ଶୁଟିଂ ରେଞ୍ଜ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଲୋକାର୍ପିତ
- ଛତ୍ରପୁରରେ ନିର୍ମାଣ ହେବ ଟର୍ଫ ହକି ତାଲିମ କେନ୍ଦ୍ର

ରାଜ୍ୟକୁ କ୍ରୀଡ଼ା ହବ୍‌ରେ ପରିଣତ କରିବାକୁ ସରକାର ଉଦ୍ୟମ ଜାରି ରଖିଛନ୍ତି। ଏହିକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ଭିଡିଓ କନଫରେନ୍ସ ଜରିଆରେ ୩ଟି କ୍ରୀଡ଼ା ଭିତ୍ତିଭୂମିକୁ ଉଦ୍‌ଘାଟନ କରିଛନ୍ତି। ଗଞ୍ଜାମ ଜିଲାର ହିଞ୍ଜିଳିକାଟୁରେ ଇନ୍‌ଡୋର ଷ୍ଟାଡିୟମ୍, ଛତ୍ରପୁରରେ ୩ଟି ବ୍ୟାଡମିଣ୍ଟନ କୋର୍ଟ ସହିତ ୩ଟି ଇନ୍‌ଡୋର ଷ୍ଟାଡିୟମ୍ ଏବଂ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ୧୦ ମିଟର ଏବଂ ୫୦ ମିଟର ଶୁଟିଂ ରେଞ୍ଜକୁ ଲୋକାର୍ପିତ କରିଛନ୍ତି। ସେହିପରି ହକି କ୍ରୀଡ଼ାକୁ ପ୍ରୋତ୍ସାହନ ଦେବା ଲାଗି ଛତ୍ରପୁରଠାରେ ଏକ ସିନ୍ଥେଟିକ ଟର୍ଫ ହକି ତାଲିମ କେନ୍ଦ୍ର ସ୍ଥାପନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଶୁଟିଂ ରେଞ୍ଜ ଆଦିତ୍ୟ ବିର୍ଲା ଗ୍ରୁପ ଦ୍ୱାରା ବିକଶିତ କରାଯାଇଛି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ୫ଟି ଅଭିନବ ପ୍ରୟାସ ଭଳି ଆଗାମୀ ଦିନରେ କ୍ରୀଡ଼ାର ବିକାଶ ପାଇଁ ଏକ ବୈପ୍ଲବିକ ପରିବର୍ତ୍ତନ କରାଯିବ। ଉନ୍ନତମାନର ପ୍ରଶିକ୍ଷଣ ଏବଂ ଭିତ୍ତିଭୂମି ଆମ ରାଜ୍ୟର କ୍ରୀଡ଼ାବିତ୍‌ମାନଙ୍କୁ ରାଜ୍ୟ ତଥା ଦେଶର ଗୌରବ ବଢ଼ାଇବାରେ ସହାୟତା କରିବ। ଆସନ୍ତା ଦଶନ୍ଧିଗୁଡ଼ିକରେ ରାଜ୍ୟରୁ ନୂଆ ପିଢ଼ିର ବିଶ୍ୱସ୍ତରୀୟ କ୍ରୀଡ଼ାବିତ୍ ସୃଷ୍ଟି ହେବେ। ହିଞ୍ଜିଳିକାଟୁ ରାଜ୍ୟର ଏକ ଉତ୍ତମ ଇନ୍‌ଡୋର ଷ୍ଟାଡିୟମ ଭାବେ ପରିଚିତ ହୋଇଛି। ସେହି ଅଞ୍ଚଳରେ ବ୍ୟାଡମିଟନ କୋର୍ଟ ସହିତ ଟେବୁଲ ଟେନିସ, ଯୋଗ, ଜିମ୍, ଫିଜିଓଥେରାପି ଭିତ୍ତିଭୂମି କ୍ରୀଡ଼ାବିତ୍‌ମାନଙ୍କୁ ସହାୟତା କରିବ। ଏହି ଷ୍ଟାଡିୟମ ୧୧ କୋଟି ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଛି। ଛତ୍ରପୁର ଇନ୍‌ଡୋର ଷ୍ଟାଡିୟମରେ ୩ଟି ବ୍ୟାଡମିଣ୍ଟନ କୋର୍ଟ ରହିଛି। ଛତ୍ରପୁର ଏକ ବୃହତ କ୍ରୀଡ଼ା ସେଣ୍ଟରରେ ପରିଣତ ହୋଇଛି।

ସେହିପରି କଳିଙ୍ଗ ଷ୍ଟାଡିୟମ ପରିସରରେ ଉନ୍ନତମାନର 'ଓଡ଼ିଶା ଆଦିତ୍ୟ ବିର୍ଲା- ଗଗନ ନାରଙ୍ଗ ଶୁଟିଂ ହାଇ ପରଫରମାନ୍ସ ସେଣ୍ଟର' ରହିଛି। ଏଥିରେ ୨୨ ଲେନ୍ ୧୦ ମିଟର ରେଞ୍ଜରେ ୧୦ ଇଲେକ୍ଟ୍ରିକାଲ ଲେନ୍ ଓ ୧୨ ମାନୁଆଲ ଲେନ୍ ଲକ୍ଷ୍ୟ ଭେଦ ରହିଛି। ଏକାସଙ୍ଗରେ ୬୦ କ୍ରୀଡ଼ାବିତଙ୍କୁ ଦୈନିକ ପ୍ରଶିକ୍ଷଣ ଦିଆଯାଇପାରିବ। ପୂର୍ବ ଭାରତର ଏକ ଉତ୍ତମ ଷ୍ଟାଡିୟମ ମଧ୍ୟରୁ ଏହା ଅନ୍ୟତମ। ରାଜ୍ୟ ବାହାରୁ ମଧ୍ୟ କ୍ରୀଡ଼ାବିତମାନେ ପ୍ରଶିକ୍ଷଣ ନେବାକୁ ଆସିବେ। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା, ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀ, ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ତଥା ୫-ଟି ସଚିବ ଭି. କେ. ପାଣ୍ଡିଆନ, ନ୍ୟାଶନାଲ ରାଇଫଲ ଫେଡେରେଶନ ଅଫ ଇଣ୍ଡିଆର ବରିଷ୍ଠ ଉପ ସଭାପତି କଳିକେଶ ନାରାୟଣ ସିଂଦେଓ, ଉନ୍ନୟନ କମିଶନର ସୁରେଶ ଚନ୍ଦ୍ର ମହାପାତ୍ର, କ୍ରୀଡ଼ା ସଚିବ ବିଶାଳ ଦେବ ପ୍ରମୁଖ ଯୋଗ ଦେଇଥିଲେ। ଗଞ୍ଜାମରୁ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ ଏବଂ ଆସ୍କା ଏମ୍‌ପି ପ୍ରମିଳା ବିଶୋଇ ଯୋଗ ଦେଇଥିଲେ।

### ଯୁକ୍ତ୩ ସ୍ପଟ୍ ନାମଲେଖା ପାଇଁ ବିଜ୍ଞପ୍ତି

ଭୁବନେଶ୍ୱର, ୨।୧୧(ବ୍ୟୁରୋ)

ଯୁକ୍ତ୩ ପ୍ରଥମ ବର୍ଷ ସ୍ପଟ୍ ନାମଲେଖା ପାଇଁ ସୋମବାର ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଭିନ୍ନ ଡିଗ୍ରୀ କଲେଜରେ ଖାଲିଥିବା ସିଟ୍ ନେଇ ନଭେମ୍ବର ୯ରେ ବିଭାଗୀୟ ୱେବ୍‌ସାଇଟ୍‌ରେ ସୂଚନା ପ୍ରଦାନ କରାଯିବ ଓ ୧୦ରୁ ୧୩ ତାରିଖ ପର୍ଯ୍ୟନ୍ତ ନିର୍ଦ୍ଦିଷ୍ଟ ସ୍ଥାନରେ ରଖାଯାଇଥିବା ଡ୍ରପ୍ ବକ୍ସରେ ଆବେଦନପତ୍ର ପକାଇ ହେବ। ୧୭ ତାରିଖରେ ନାମଲେଖା ପାଇଁ କଲେଜରେ ଚୟନ ତାଲିକା ପ୍ରକାଶ ପାଇବ। ୨୧ ତାରିଖରେ ନାମଲେଖା ଫି' ଦାଖଲ କରାଯିବ। ଏହାପରେ ନଭେମ୍ବର ୨୩ରୁ ନାମଲେଖା ସହିତ ଯେଉଁମାନେ ନାମଲେଖାଇବେ ସେମାନଙ୍କ ତଥ୍ୟ ୱେବ୍‌ସାଇଟ୍‌ରେଅପ୍‌ଲୋଡ୍‌କରାଯିବବୋଲି ବିଭାଗ ତରଫରୁ ସୂଚନା ଦିଆଯାଇଛି।

# କରୋନା ମୃତ୍ୟୁରେ ଖୋର୍ଦ୍ଧା ଶୀର୍ଷରେ

ଭୁବନେଶ୍ୱର, ୨।୧୧(ବ୍ୟୁରୋ)

**ଆଉ ୧,୩୮୯ ଚିହ୍ନଟ, ୯ ମୃତ, ୧,୫୨୭ ସୁସ୍ଥ**

- ଦୈନିକ ମୃତ୍ୟୁ ସଂଖ୍ୟା ୧୦ ତଳକୁ ଖସିଲା
- ଆକ୍ରାନ୍ତ ୨,୯୩,୨୧୪, ଆରୋଗ୍ୟ ୨,୭୯,୦୯୧

ରାଜ୍ୟରେ ଦୀର୍ଘ ମାସ ପରେ ଦୈନିକ କରୋନା ମୃତ୍ୟୁ ସଂଖ୍ୟା ୧୦ ତଳକୁ ଖସିଛି। ଶେଷ ୨୪ଘଣ୍ଟାରେ ୯ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ସୁନ୍ଦରଗଡ଼ରୁ ୩ଜଣ, ସମ୍ବଲପୁର, ପୁରୀ, କଟକ, ଭୁବନେଶ୍ୱର, କନ୍ଧମାଳ ଓ ସୁବର୍ଣ୍ଣପୁରରୁ ଜଣେ ଲେଖାଏ ରହିଛନ୍ତି। ଏହାକୁ ମିଶାଇ ରାଜ୍ୟରେ କରୋନାଜନିତ ମୃତ୍ୟୁ ସଂଖ୍ୟା ୧,୩୪୦କୁ ବୃଦ୍ଧି ପାଇଛି। ସେପଟେ କରୋନା ମୃତ୍ୟୁରେ ଗଞ୍ଜାମକୁ ଟପିଛି ଖୋର୍ଦ୍ଧା ଜିଲା। ଗଞ୍ଜାମରେ ମୃତ୍ୟୁ ସଂଖ୍ୟା ୨୩୦ ଥିବାବେଳେ ଖୋର୍ଦ୍ଧାରେ ୨୩୧ ଛୁଇଁଛି। ଫଳରେ ଖୋର୍ଦ୍ଧା ଜିଲା ଏବେ ସଂକ୍ରମଣ ସହିତ ମୃତ୍ୟୁ ସଂଖ୍ୟାରେ ମଧ୍ୟ ଶୀର୍ଷରେ ରହିଛି।

ସେହିପରି ରାଜ୍ୟରେ ଆଉ ୧,୩୮୯ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ଖୋର୍ଦ୍ଧାରୁ ୧୪୨ଜଣ ଥିବାବେଳେ କଟକରୁ ୧୦୧ ଓ ସୁନ୍ଦରଗଡ଼ରୁ ୧୦୦ଜଣ ରହିଛନ୍ତି। ଅନ୍ୟସବୁ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ଏହା ତଳକୁ ରହିଛି। ଏବେ ମୋଟ ସଂକ୍ରମଣ ୨,୯୩,୨୧୪ରେ ପହଞ୍ଚିଛି। ସେପଟେ ଆଉ ୧,୫୨୭ ଆକ୍ରାନ୍ତ ସୁସ୍ଥ ହୋଇଥିବାରୁ ଆରୋଗ୍ୟ ସଂଖ୍ୟା ୨,୭୯,୦୯୧କୁ ବୃଦ୍ଧି ପାଇଛି।

# ଯେକୌଣସି ମାସରେ ଜୀବନ ପ୍ରମାଣପତ୍ର ଦାଖଲ କରିବେ ଇପିଏଫ୍ ଉପଭୋକ୍ତା

ଭୁବନେଶ୍ୱର,୨।୧୧(ବ୍ୟୁରୋ)

ଇପିଏଫ୍ ପେନ୍‌ସନ ଉପଭୋକ୍ତାଙ୍କ ପାଇଁ ଖୁସି ଖବର। ଏଣିକି ଯେକୌଣସି ମାସରେ ଜୀବନ ପ୍ରମାଣପତ୍ର (ଲାଇଫ୍ ସାର୍ଟିଫିକେଟ) ଦାଖଲ କରିପାରିବେ। ଇପିଏଫ୍ ଉପଭୋକ୍ତାମାନେ ମାସିକ ପେନସନ ଅବ୍ୟାହତ ରଖିବାକୁ ହେଲେ ପ୍ରତିବର୍ଷ ନଭେମ୍ବର ମାସରେ ଡିଜିଟାଲ ଜୀବନ ପ୍ରମାଣପତ୍ର ଦାଖଲ କରିଥାନ୍ତି। ଏକ ସମୟରେ ସଂଖ୍ୟାଧିକ ପ୍ରମାଣପତ୍ର ଦାଖଲ କରିବା ଓ ତାହାକୁ ତଦାରଖ କରି କାର୍ଯ୍ୟକାରୀ କରିବାରେ ଉଭୟ ଉପଭୋକ୍ତା ଓ କାର୍ଯ୍ୟକାରୀ ସଂସ୍ଥାଗୁଡ଼ିକୁ ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଏହାକୁ ନଜରରେ ରଖି ସରକାର ନିଷ୍ପତ୍ତି ନେଇଛନ୍ତି ଯେ, ପେନ୍‌ସନ ଉପଭୋକ୍ତା ପ୍ରତି ନଭେମ୍ବର ବଦଳରେ ଯେକୌଣସି ମାସରେ ଜୀବନ ପ୍ରମାଣପତ୍ର ଦାଖଲ କରିପାରିବେ। ଜୀବନ ପ୍ରମାଣପତ୍ର ଦାଖଲ କରିଥିବା ମାସଠାରୁ ବର୍ଷେ ପର୍ଯ୍ୟନ୍ତ ଏହା କ୍ରିୟାଶୀଳ ହୋଇ ରହିବ। ଏନେଇ ଶ୍ରମ ଓ ରୋଜଗାର ମନ୍ତ୍ରାଳୟର କର୍ମଚାରୀ ଭବିଷ୍ୟନିଧି ସଙ୍ଗଠନର ସହାୟକ ଭବିଷ୍ୟନିଧି ଆୟୁକ୍ତ ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଜଣାଇଛନ୍ତି। ଇପିଏଫ୍ ପେନ୍‌ସନ ଉପଭୋକ୍ତାମାନେ ନିଜ ବ୍ୟାଙ୍କ ଶାଖାରେ ବା କମନ ସର୍ଭିସ ସେଣ୍ଟର ବା 'ଉମଙ୍ଗ' ଆପ୍ ଜରିଆରେ ଡିଜିଟାଲ ଜୀବନ ପ୍ରମାଣପତ୍ର ଦାଖଲ କରିପାରିବେ। ବ୍ୟାଙ୍କ ତରଫରୁ କୌଣସି ପ୍ରକାର ଅସହଯୋଗର ସମ୍ମୁଖୀନ ହେଲେ ସବିଶେଷ ବିବରଣୀ ସହ ଭୁବନେଶ୍ୱରସ୍ଥିତ ଭବିଷ୍ୟନିଧି କର୍ମଚାରୀ ସଙ୍ଗଠନର ଆଞ୍ଚଳିକ କାର୍ଯ୍ୟାଳୟରେ ଜଣାଇବାକୁ ଅନୁରୋଧ କରାଯାଇଛି।

DSPL-94
ଉପ ନିର୍ବାଚନ-୨୦୨୦
ଓଡ଼ିଶା
୩୮-ବାଲେଶ୍ୱର ଏବଂ ୧୦୨-ତିର୍ତ୍ତୋଲ ବିଧାନ ସଭା ନିର୍ବାଚନ ମଣ୍ଡଳୀର ଭୋଟରଙ୍କ ପାଇଁ ଜରୁରୀ ସୂଚନା
ମତଦାନ ପାଇଁ ନିମ୍ନୋକ୍ତ ୧୨ଟି ପରିଚୟ ପତ୍ରରୁ ଯେ କୌଣସି ଗୋଟିଏ ଅନିର୍ବାର୍ଯ୍ୟ ଅଟେ
ମତଦାନ ତାରିଖ ନଭେମ୍ବର ୩ ତାରିଖ ସକାଳ ୭ ଘଣ୍ଟା ରୁ ସନ୍ଧ୍ୟା ୬ ଘଣ୍ଟା ପର୍ଯ୍ୟନ୍ତ
ଭୋଟର ଫଟୋ ପରିଚୟ ପତ୍ର
ଡ୍ରାଇଭିଂ ଲାଇସେନ୍ସ
ଫଟୋ ଥିବା ସରକାରୀ ଚାକିରି କ୍ଷେତ୍ରର ପରିଚୟପତ୍ର
ଫଟୋ ସଂଲଗ୍ନ ଥିବା ବ୍ୟାଙ୍କ ଓ ପୋଷ୍ଟ ଅଫିସର ପାସ୍‌ବୁକ
ଶ୍ରମ ମନ୍ତ୍ରଣାଳୟ ପକ୍ଷରୁ ଦିଆଯାଇଥିବା ସ୍ୱାସ୍ଥ୍ୟବୀମା ସ୍ମାର୍ଟକାର୍ଡ
ସାଂସଦ, ବିଧାୟକଙ୍କୁ ଦିଆଯାଇଥିବା ସରକାରୀ ପରିଚୟପତ୍ର
ଏମଏନଆରଇଜିଏର ଜବ କାର୍ଡ
ଫଟୋ ଥିବା ପେନ୍‌ସନ୍ ଦସ୍ତାବିଜ
ଏନପିଆର ସ୍ମାର୍ଟକାର୍ଡ
ପାସ୍‌ପୋର୍ଟ
ପାନ୍ କାର୍ଡ଼
ଆଧାରକାର୍ଡ

ଭୋଟର ତାଙ୍କର ନାମ ଏବଂ ତାଲିକା ଜାଣିବା ପାଇଁ ଏନ୍‌ଭିଏସ୍‌ପି.ଇନ୍ (nvsp.in) କିମ୍ବା "Voter Helpline" Mobile Appର ସହଯୋଗ ନିଅନ୍ତୁ ।
ସୌଜନ୍ୟ : ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡ଼ିଶା
OIPR-12001/13/0009/2021

DSPL - 93
ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡ଼ିଶା
ଉପ ନିର୍ବାଚନ ୨୦୨୦ : ୧୦୨-ତିର୍ତ୍ତୋଲ ଏବଂ ୩୮-ବାଲେଶ୍ୱର ବିଧାନସଭା ନିର୍ବାଚନ ମଣ୍ଡଳୀର ଭୋଟରଙ୍କ ପାଇଁ ଜରୁରୀ ମାର୍ଗ ଦର୍ଶିକା
ଘରୁ ମାସ୍କ (MASK) ପିନ୍ଧି ଭୋଟ ଗ୍ରହଣ କେନ୍ଦ୍ରକୁ ଆସନ୍ତୁ
ଭୋଟ ଗ୍ରହଣ କେନ୍ଦ୍ର ସାମ୍ନାରେ ନିଜ ନିଜର ତାପମାତ୍ରା ପରୀକ୍ଷା (Thermal Scanning) କରାନ୍ତୁ ଏବଂ ହାତକୁ ସାନିଟାଇଜର ରେ ବିଶୋଧନ କରାନ୍ତୁ
ବୁଥ୍ ସ୍ତରୀୟ ଅଧିକାରୀ (BLO)ଙ୍କ ପାଖରୁ ହାତରେ ପିନ୍ଧିବା ପାଇଁ ଗୋଟିଏ ଗ୍ଲୋଭ୍ସ (GLOVE) ସଂଗ୍ରହ କରନ୍ତୁ
ବୁଥରେ ସର୍ବଦା ସାମାଜିକ ଦୂରତା ବଜାୟ ରଖନ୍ତୁ । ଭୋଟ ଗ୍ରହଣ କେନ୍ଦ୍ର ଭିତରକୁ ଜଣଙ୍କ ପରେ ଜଣେ ଯାଆନ୍ତୁ । ପୋଲିଂ ଅଧିକାରୀ ମାନଙ୍କ ସାମ୍ନାରେ ଜଣେରୁ ଅଧିକ ଠିଆ ହୁଅନ୍ତୁ ନାହିଁ
ନିର୍ଦ୍ଧାରିତ ଅଙ୍ଗୁଳିରେ ଭୋଟିଂରେ ବ୍ୟବହୃତ ଅଲିଭା କାଳି (Indelible Ink) ଧାରଣ କରନ୍ତୁ । ଗ୍ଲୋଭ୍ସ ପିନ୍ଧି ଭୋଟର ରେଜିଷ୍ଟରରେ ଦସ୍ତଖତ କରନ୍ତୁ
ପୋଲିଂ ଅଧିକାରୀଙ୍କ ପାଖରୁ ଗ୍ଲୋଭ୍ସ ପିନ୍ଧା ହାତରେ ଚିରକୁଟ ଗ୍ରହଣ କରନ୍ତୁ ଏବଂ ଭୋଟିଂ ପ୍ରକୋଷ୍ଠ (VOTING COMPARTMENT) ଭିତରେ (EVM) ରେ ଭୋଟ ଦେବା ସମୟରେ ଗ୍ଲୋଭ୍ସ ପିନ୍ଧା ଆଙ୍ଗୁଳିର ଉପଯୋଗ କରନ୍ତୁ
କୋଭିଡ-୧୯ ପାଇଁ ଭୋଟ ଗ୍ରହଣ କେନ୍ଦ୍ରର ସର୍ବାଧିକ ଭୋଟରଙ୍କ ସଂଖ୍ୟା ୧୦୦୦ରେ ସିମିତ ରଖାଯାଇଛି । କେତେକ ସ୍ଥାନରେ ସହାୟକ ଭୋଟ ଗ୍ରହଣ କେନ୍ଦ୍ର ଅନ୍ୟତ୍ର ଖୋଲାଯାଇଛି । ତେଣୁ ଭୋଟ ଗ୍ରହଣ ପୂର୍ବରୁ ଆପଣମାନେ ନିଜର ବୁଥ୍‌ସ୍ତରୀୟ ଅଧିକାରୀଙ୍କ ଠାରୁ କିମ୍ବା ସେମାନଙ୍କ ଦ୍ୱାରା ପ୍ରଦତ୍ତ ଭୋଟ ଚିରକୁଟି ମାଧ୍ୟମରେ ନିଜ ନିଜର ବୁଥ୍ ସମ୍ବନ୍ଧରେ ପୂର୍ବରୁ ସୂଚନା ସଂଗ୍ରହ କରନ୍ତୁ ।
OIPR-12001/13/0008/2021

## ଲାଇଫ୍‌ଗାର୍ଡଙ୍କୁ ଆକ୍ରମଣ, ୩ ଗିରଫ

**ପୁରୀ ଅଫିସ,୨।୧୧:** ସମୁଦ୍ର ବେଳାଭୂମିରେ ଜଣେ ଲାଇଫ୍‌ଗାର୍ଡଙ୍କୁ ଆକ୍ରମଣ କରାଯାଇଛି। ଏହି ଘଟଣାରେ ସମୁଦ୍ରକୂଳ ଥାନା ପୋଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଖୋର୍ଦ୍ଧା ଗଜପତି ନଗର ରାଜା ବଜାରର ଚନ୍ଦନ ପ୍ରଧାନ, ରଞ୍ଜନ ସାହୁ ଏବଂ ଏସ୍. ଶିଖର। ସୂଚନା ଅନୁଯାୟୀ, ସୋମବାର ସନ୍ଧ୍ୟାରେ ସମୁଦ୍ର ଅଶାନ୍ତ ଥିବାବେଳେ ୩ଜଣ ଯୁବକ ଦିଗବାରିଣୀ ନିକଟରେ ସ୍ନାନ କରିବାକୁ ଚାହିଁଥିଲେ। ମାତ୍ର ସେଠାରେ ମୁତୟନ ଥିବା ଲାଇଫ୍‌ଗାର୍ଡ ସେମାନଙ୍କୁ ବାରଣ କରିଥିଲେ। ତେବେ ସମ୍ପୃକ୍ତ ୩ ଯୁବକ ତାଙ୍କ କଥା ନ ଶୁଣ ତାଙ୍କୁ ଆକ୍ରମଣ କରିଥିଲେ। ଅନ୍ୟ ଲାଇଫ୍‌ଗାର୍ଡଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା ରୁଜୁ କରିବା ସହ ୩ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଚେତନା
ପରିବାରବର୍ଗ


ରାକେଶ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଲୁସି ଦାସ ଏସ୍‌ସିବି ଅଧୀକ୍ଷକ

**କଟକ ଅଫିସ,୨।୧୧:** ସ୍ତ୍ରୀ ଓ ପ୍ରସୂତି ବିଭାଗର ପ୍ରଫେସର ଲୁସି ଦାସ ହେଲେ ଏସ୍‌ସିବି ମେଡିକାଲର ଭାରପ୍ରାପ୍ତ ଅଧୀକ୍ଷକ। ଏ ସମ୍ବନ୍ଧରେ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୋମବାର ବିଜ୍ଞପ୍ତି ଜାରି କରାଯାଇଛି। ଏହା ପୂର୍ବରୁ ସେ ସ୍ତ୍ରୀ ଓ ପ୍ରସୂତି ବିଭାଗର ମୁଖ୍ୟ ଭାବେ ମଧ ଦାୟିତ୍ୱ ତୁଲାଇଥିଲେ। ସୂଚନାଯୋଗ୍ୟ, କିଛି ମାସ ଧରି ପୂର୍ବତନ ଅଧୀକ୍ଷକ ପ୍ରଫେସର ଅନ୍ନଦା ପ୍ରସାଦ ପଟ୍ଟନାୟକ ନିଜର ସ୍ୱାସ୍ଥ୍ୟଗତ ସମସ୍ୟା ଲାଗି କାର୍ଯ୍ୟରେ ଯୋଗ ଦେଇପାରି ନ ଥିଲେ। ଫଳରେ ପରବର୍ତ୍ତୀ ସମୟରେ ଚକ୍ଷୁ ବିଭାଗର ପ୍ରଫେସର ପ୍ରଶାନ୍ତ କୁମାର ନନ୍ଦଙ୍କୁ କିଛିଦିନ ପାଇଁ ଏହି ଦାୟିତ୍ୱ ଦିଆଯାଇଥିଲା। ଏହାପରେ ଲୁସି ଦାସଙ୍କୁ ହସ୍ପିଟାଲ ପରିଚାଳନା କମିଟି ଏହି ଦାୟିତ୍ୱ ହସ୍ତାନ୍ତର କରିଥିଲା। ଶେଷରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଲୁସି ଦାସଙ୍କୁ ବିଧିବଦ୍ଧ ଭାବେ ଅଧୀକ୍ଷକ ଦାୟିତ୍ୱ ଦିଆଯାଇଛି।

# ସରକାରୀ ବାବୁଙ୍କ ଘରେ ନାବାଳିକାଙ୍କୁ ବଳାତ୍କାର

**ବାଲିଚନ୍ଦ୍ରପୁର,୨।୧୧(ସ୍ୱ.ପ୍ର.)**

### ଭୁବନେଶ୍ୱରରେ ଘରୋଇ ସହାୟିକା ଭାବେ କାର୍ଯ୍ୟ କରୁଥିଲେ ପୀଡ଼ିତା

ବାଲିଚନ୍ଦ୍ରପୁର ଥାନା ଅଞ୍ଚଳର ଜଣେ ଆଦିବାସୀ ନାବାଳିକାଙ୍କୁ ବଳାତ୍କାର ହୋଇଥିବା ସୋମବାର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗରୁ ଜଣାପଡ଼ିଛି ଯେ, ନାନପୁର ବିରୂପା ନଦୀ ପୋଲ ନିକଟରେ ଆଦିବାସୀ ସମ୍ପ୍ରଦାୟର ଜଣେ ଲୋକ ପରିବାର ସହ ରହିଆସୁଛନ୍ତି। ସେ ଅତ୍ୟନ୍ତ ଗରିବ ହୋଇଥିବାରୁ ଏହାର ସୁଯୋଗରେ କୁସୁପୁର ଗ୍ରାମର ଜଣେ ବ୍ୟକ୍ତି ପ୍ରଲୋଭନ ଦେଖାଇ ତାଙ୍କ ନାବାଳିକା ଝିଅକୁ ଭୁବନେଶ୍ୱରଠାରେ ଜଣେ ସରକାରୀ ବାବୁଙ୍କ ବାସଗୃହରେ କାର୍ଯ୍ୟ କରିବା ପାଇଁ ଛାଡ଼ିଥିଲେ। ୨/୩ ବର୍ଷ ହେବ ନାବାଳିକା ସେହି ବାବୁଙ୍କ ଘରେ ରହି କାମ କରି ପାରିଶ୍ରମିକ ବାବଦକୁ ମାସିକ ୩ ହଜାର ଟଙ୍କା ପାଆନ୍ତି। ତେବେ ଉକ୍ତ ବାବୁଙ୍କ ବାସଭବନରେ ତାଙ୍କର ୮୦ ବର୍ଷର ବୃଦ୍ଧ ଶ୍ୱଶୁର ନାବାଳିକାଙ୍କୁ ବଳାତ୍କାର କରିଥିବା ପୀଡ଼ିତାଙ୍କ ମା' ବାଲିଚନ୍ଦ୍ରପୁର ଥାନାରେ ଅଭିଯୋଗ କରିଛନ୍ତି। ୫ ମାସ ପୂର୍ବରୁ ଏହି ଘଟଣା ଘଟିଥିଲା। ଗତ ଦୁର୍ଗାପୂଜା ପୂର୍ବରୁ ନାବାଳିକା ଗ୍ରାମକୁ ବୁଲିବା ପାଇଁ ଆସିଥିଲେ। ତାଙ୍କ ମା' ସନ୍ଦେହ କରି ଘଟଣା ସମ୍ପର୍କରେ ଝିଅଠାରୁ ସବୁକଥା ପଚାରି ବୁଝିଥିଲେ। ଏବେ ଘଟଣାଟି ପ୍ରଘଟ ହେବା ପରେ ୨ଦିନ ହେବ ଏକ 'ଅଡି' କାର୍ ପୀଡ଼ିତାଙ୍କ ଘର ଚାରିକଡ଼େ ଚକ୍କର କାଟୁଥିବା ସ୍ଥାନୀୟ ଲୋକେ କହିଛନ୍ତି। ତେବେ ବାବୁ ଜଣକ ବଡ଼ ଅଫିସର ହୋଇଥିବାରୁ ସେ ଲୋକ ପଠାଇ ସେମାନଙ୍କୁ ଧମକଚମକ ଦେଉଥିବା ନାବାଳିକାଙ୍କ ମା' ଥାନାରେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ବାଲିଚନ୍ଦ୍ରପୁର ଥାନାଧିକାରୀ ସୁକାନ୍ତ କୁମାର ପାତ୍ର କହନ୍ତି, ନାବାଳିକା ମା'ଙ୍କ ଅଭିଯୋଗ ଅନୁଯାୟୀ ଆଇପିସି ଦଫା ୩୭୬, ୩୧ ଆର, ୩୨ ବି, ପୋକ୍‌ସୋ ଆକ୍ଟ ୬ ରେ ମାମଲା (ନଂ. ୩୦୬/୨୦) ରୁଜୁ କରାଯାଇଛି। ଉପରିସ୍ଥ ଅଧିକାରୀଙ୍କ ପରାମର୍ଶ ନିଆଯାଇ ପରବର୍ତ୍ତୀ ପଦକ୍ଷେପ ନିଆଯିବ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢ଼ମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବତିଶା କଦଳୀ ଗଛ**
**ଅଣଚାଷ ବାଆ ଭାଙ୍ଗି ପକେଇଲା**
**ଭଣ୍ଡା ନବ କିଏ ଆସ।**

କିଛି ବ୍ୟକ୍ତି ଆବଶ୍ୟକତା ଠୁଁ ଅଧିକ କଞ୍ଜୁସ ସ୍ୱଭାବର ହୋଇଥାନ୍ତି। ଭଲରେ ମନ୍ଦରେ କାହାକୁ କିଛି ଦେଇନଥାନ୍ତି। ତେବେ ପରିସ୍ଥିତିରେ ପଡି ଦେବାର ଆବଶ୍ୟକତା ଦେଖାଦେଲେ ସେଥିରୁ କିଛି ଦେଇ ନିଜ ଦାତାପଣିଆ ଦେଖେଇ ହେବାରେ ହେଳା କରିନଥାନ୍ତି। ନଷ୍ଟ ହୋଇଯାଉଥିବା ଜିନିଷରୁ କିଞ୍ଚିତ ଦାନକରି ଆତ୍ମସନ୍ତୋଷ ଲାଭ କରିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ବୁଢ଼ା କାଳ ପାଠ**
**ଛତୁ ଫୁଟା କାଠ।**

ପ୍ରତ୍ୟେକ କାର୍ଯ୍ୟ ପାଇଁ ଉଚିତ ସମୟ ରହିଥାଏ। ଉଚିତ ସମୟରେ କାର୍ଯ୍ୟାରମ୍ଭ ନକଲେ ତାହା ଫସର ଫାଟି ଯାଇଥାଏ। ଯଥା ସମୟରେ ବିଦ୍ୟାରମ୍ଭ ନ କଲେ ତାର ସୁଫଳ ମିଳିନଥାଏ। ସେହିପରି କାଠ ପଡି ପଡି ସେଥିରେ ଛତୁ ଫୁଟିଗଲେ ତାହା ଆଉ ବ୍ୟବହାରପଯୋଗୀ ହୋଇପାରୁନଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

**ପ୍ରଥମ ପୃଷ୍ଠାରୁ...**

## କେନ୍ଦ୍ର ଦେଲା ୬...

ଓଡ଼ିଶା ସମେତ ଆନ୍ଧ୍ର ପ୍ରଦେଶ, ଆସାମ, ବିହାର, ଗୋଆ, ଗୁଜରାଟ, ହରିୟାଣା, ହିମାଚଳ ପ୍ରଦେଶ, କର୍ଣାଟକ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ମେଘାଳୟ, ତାମିଲନାଡୁ, ତ୍ରିପୁରା, ଉତ୍ତରପ୍ରଦେଶ ଏବଂ ଉତ୍ତରାଖଣ୍ଡ ରହିଛନ୍ତି। ସେହିଭଳି କେନ୍ଦ୍ର ଶାସିତ ଅଞ୍ଚଳ ମଧ୍ୟରେ ଦିଲ୍ଲୀ, ଜମ୍ମୁକଶ୍ମୀର ଏବଂ ପୁଡୁଚେରୀ ରହିଛି। ଉଲ୍ଲେଖଯୋଗ୍ୟ ଯେ, ଅକ୍ଟୋବର ୨୩ରେ ୧୬ ରାଜ୍ୟ ଓ ୨ଟି କେନ୍ଦ୍ର ଶାସିତ ଅଞ୍ଚଳ ଦିଲ୍ଲୀ ଓ ଜମ୍ମୁ-କଶ୍ମୀରକୁ ୬ ହଜାର କୋଟି ଟଙ୍କା ପ୍ରଦାନ କରାଯାଇଥିଲା। ଦ୍ୱିତୀୟ କିସ୍ତିରେ କେନ୍ଦ୍ର ଶାସିତ ଅଞ୍ଚଳ ପୁଡୁଚେରୀକୁ ସାମିଲ କରାଯାଇଛି। କେନ୍ଦ୍ର ସରକାର ରାଜ୍ୟଗୁଡ଼ିକୁ ଅଗଷ୍ଟରେ ୨ଟି ବିକଳ୍ପ ପ୍ରଦାନ କରିଥିଲେ। ରିଜର୍ଭ ବ୍ୟାଙ୍କ ସ୍ପେଶାଲ ୱିଣ୍ଡୋରୁ ୯୭ ହଜାର କୋଟି କିମ୍ବା ଖୋଲା ବଜାରରୁ ୨.୩୫ ଲକ୍ଷ କୋଟି ଋଣ ଉଠାଣ ଲାଗି ପ୍ରସ୍ତାବ ଦିଆଯାଇଥିଲା। ଏହି ବିକଳ୍ପଗୁଡ଼ିକୁ ୧.୧୦ ଲକ୍ଷ କୋଟି ଏବଂ ୧.୮ ଲକ୍ଷ କୋଟି ଟଙ୍କାକୁ ପରିବର୍ତ୍ତନ କରାଯାଇଛି।

## ଚଳଚ୍ଚିତ୍ର ନିର୍ଦ୍ଦେଶକ...

ଓଡ଼ିଆ ଚଳଚ୍ଚିତ୍ର ଜଗତକୁ ସ୍ତବ୍ଧ କରିଦେଇଛି। ବହୁ ବିଶିଷ୍ଟ ବ୍ୟକ୍ତି ଓ କଳାକାର ତାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିବାବେଳେ ସାନପୁଅ ପୁନିତ ରାଜ ମୁଖାଗ୍ନି ଦେଇଥିଲେ। ଶେଷକୃତ୍ୟ ସମ୍ପନ୍ନ ବେଳେ ତାଙ୍କ ଭାଉଜ, ପୁତୁରା ବିଲାଲା, ଭିଣୋଇ ରାମଚନ୍ଦ୍ର ଦାସହାପାତ୍ର, ଭଣଜା ଅମିତ ଦାସମହାପାତ୍ରଙ୍କ ସମେତ ଓଡ଼ିଆ ସିନେଜଗତର ବହୁ ବ୍ୟକ୍ତି ଉପସ୍ଥିତ ଥିଲେ।

ଓଡ଼ିଆ ଫିଲ୍ମ ଇଣ୍ଡଷ୍ଟ୍ରିର ଶୋ'ମ୍ୟାନ୍ ଭାବେ ପରିଚିତ ରାଜୁ ମିଶ୍ର ଏକାଧାରରେ ଜଣେ ନିର୍ଦ୍ଦେଶକ, ଅଭିନେତା, ସିନେମାଟୋଗ୍ରାଫର୍, ଚିତ୍ରନାଟ୍ୟକାର, ସଂଳାପ ଲେଖକ, କାହାଣୀକାର ଏବଂ ସଙ୍ଗୀତକାର ଥିଲେ। ଏଥିପାଇଁ ତାଙ୍କୁ ଇଣ୍ଡଷ୍ଟ୍ରିର ଅଲ୍‌ରାଉଣ୍ଡର ମଧ କୁହାଯାଉଥିଲା। ୧୯୪୯ ଅକ୍ଟୋବର ୨୬ରେ ଜଟଣୀରେ ଜନ୍ମ ନେଇଥିବା ମିଶ୍ର ୧୯୭୭ରେ ପୁଣେସ୍ଥିତ ଫିଲ୍ମ ଆଣ୍ଡ୍ ଟେଲିଭିଜନ ଇନଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ (ଏଫ୍‌ଟିଆଇଆଇ)ରୁ ସିନେମାଟୋଗ୍ରାଫିରେ ଡିପ୍ଲୋମା କରିବା ପରେ ସିନେ ଜଗତରେ ପ୍ରବେଶ କରିଥିଲେ। ପ୍ରଥମେ ସିନେମାଟୋଗ୍ରାଫର୍ ଓ ସଙ୍ଗୀତକାର ଭାବେ କାର୍ଯ୍ୟ ଆରମ୍ଭ କରିଥିଲେ ଏବଂ ପରବର୍ତ୍ତୀ ସମୟରେ ନିର୍ଦ୍ଦେଶନାରେ ପାଦ ଦେଇଥିଲେ। ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଜଣେ ସଫଳ ସିନେମାଟୋଗ୍ରାଫର ଭାବେ ସେ ଖ୍ୟାତି ଅର୍ଜନ କରିଥିଲେ। ତାଙ୍କ ନିର୍ଦ୍ଦେଶିତ ମରାଠୀ ଫିଲ୍ମ 'ସର୍ବ ସାକ୍ଷୀ' ଜାତୀୟ ପୁରସ୍କାର ହାସଲ କରିଥିଲା। ସେହିଭଳି 'ମାୟା ମିରିଗ', 'ଉଲ୍‌କା', 'ଲକ୍ଷ୍ମୀର ଅଭିସାର' ପ୍ରଭୃତି ଓଡ଼ିଆ ଚଳଚ୍ଚିତ୍ର ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ପୁରସ୍କୃତ ହୋଇଛି।

ଦେଶର ବିଭିନ୍ନ ଭାଷାରେ ସେ ଚଳଚ୍ଚିତ୍ର ନିର୍ମାଣ କରିଥିଲେ। କମର୍ସିଆଲ ସହ ଆର୍ଟ ଫିଲ୍ମ ନିର୍ମାଣରେ ମଧ ତାଙ୍କର ଗଭୀର ଅଭିଜ୍ଞତା ରହିଥିଲା। ୧୯୮୧ରେ ତାଙ୍କ ନିର୍ମିତ ପ୍ରଥମ ଚଳଚ୍ଚିତ୍ର 'ଉଲ୍‌କା' ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ହାସଲ କରିଥିବାବେଳେ 'ଲକ୍ଷ୍ମୀର ଅଭିସାର' ଫିଲ୍ମ ୯ଟି ରାଜ୍ୟ ପୁରସ୍କାର ପାଇଥିଲା। ତାଙ୍କ ନିର୍ଦ୍ଦେଶିତ ଲୋକପ୍ରିୟ ଓଡ଼ିଆ ଚଳଚ୍ଚିତ୍ର ମଧ୍ୟରେ 'ଜୋର ଯାର ମୁଲକ ତାର', 'ପୁଅ ମୋର କଳାଠାକୁର', 'ଚକା ଆଖି ସବୁ ଦେଖୁଛି', 'ଆସୁଚି ମୋ କାଳିଆସୁନା', 'ପଥର ଖସୁଛି ବଡ଼ ଦେଉଳୁ', 'ସାଗର ଗଙ୍ଗା', 'ରୂପା ଗାଁର ସୁନାକନିଆଁ', 'ଲକ୍ଷ୍ମୀର ଅଭିସାର', 'ସତମିଛ', 'ହରି ଭାଇ ହାରେନା', 'ଜୀବନ ମୃତ୍ୟୁ' ଓ 'ସିଂହ ବାହିନୀ' ଭଳି ଏକାଧିକ ଫିଲ୍ମ ରହିଛି। ଏହି ଫିଲ୍ମଗୁଡ଼ିକରେ ମଧ ସେ ସିନେମାଟୋଗ୍ରାଫରର ଦାୟିତ୍ୱ ନିର୍ବାହ କରିଥିଲେ। ଏଥିସହ ସେ 'ଉଲ୍‌କା', 'ସତମିଛ' ଓ 'ରୂପା ଗାଁର ସୁନାକନିଆଁ' ଆଦି ସିନେମାରେ ସ୍ୱର ସଂଯୋଜନା କରିଥିଲେ। ବହୁ ଓଡ଼ିଆ ମେଗା ଧାରାବାହିକର ନିର୍ଦ୍ଦେଶନା ଦେବାସହ ନାଟକ ମଧ କରିଥିଲେ। ଓଡ଼ିଆ ଚଳଚ୍ଚିତ୍ର ଜଗତକୁ ସାମଗ୍ରିକ ଅବଦାନ ଲାଗି ତାଙ୍କୁ ରାଜ୍ୟ ସରକାର ଚଳଚ୍ଚିତ୍ର କ୍ଷେତ୍ରର ସର୍ବୋଚ୍ଚ ପୁରସ୍କାର 'ଜୟଦେବ ସମ୍ମାନ'ରେ ସମ୍ମାନିତ କରିଥିଲେ। ଏହାବ୍ୟତୀତ ଏକାଧିକଥର ସେ ଶ୍ରେଷ୍ଠ ନିର୍ଦ୍ଦେଶକ ଓ ଶ୍ରେଷ୍ଠ ଚିତ୍ରୋତ୍ତୋଳକ ଭାବେ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ହାସଲ କରିଥିଲେ।

## କାବୁଲ ବିଶ୍ୱବିଦ୍ୟାଳୟରେ...

ବିକଳରେ ପଳାଇଯାଉଥିବା ଦେଖାଯାଇଥିଲା। ସୂଚନା ଅନୁଯାୟୀ ବିଶ୍ୱବିଦ୍ୟାଳୟର ପୂର୍ବ ଭାଗରେ ଥିବା ଆଇନ ଓ ସାମ୍ବାଦିକତା ବିଭାଗ ପାଖରେ ଆକ୍ରମଣ ହୋଇଛି। ସେଠାରେ ପୁସ୍ତକ ମେଳା ଚାଲିଥିଲା। ୪୦ ଇରାନୀ ପ୍ରକାଶକ ଏହି ମେଳାର ଆୟୋଜନ କରିଥିବାରୁ ରାଷ୍ଟ୍ରଦୂତ ବାହାଦୋର ଅମିନିଆନ ଏବଂ ସଂସ୍କୃତି ବିଭାଗ ସହକାରୀ ମୋଜତାବା ନୋରୁଜି ଏହାକୁ ଉଦ୍‌ଘାଟନ କରିବା କାର୍ଯ୍ୟକ୍ରମ ଥିଲା। ପୂର୍ବରୁ ମଧ ଇରାନ କୂଟନୀତିଜ୍ଞ ଆଫଗାନିସ୍ତାନରେ ଆକ୍ରମଣର ସମ୍ମୁଖୀନ ହୋଇଛନ୍ତି। ୧୯୯୮ରେ ଆଫଗାନିସ୍ତାନରେ ଥିବା ବାଣିଜ୍ୟିକ ଦୂତାବାସରେ କାମ କରୁଥିବା ୯ ଜଣ ଇରାନୀ କୂଟନୀତିଜ୍ଞଙ୍କ ହତ୍ୟା ପାଇଁ ତେହେରାନ ତାଲିବାନକୁ ଦାୟୀ କରିଥିଲା।

## ଆଜି ବାଲେଶ୍ୱର,...

ବ୍ୟବସ୍ଥା କରାଯାଇଛି। ନିର୍ବାଚନ କାର୍ଯ୍ୟରେ ନିୟୋଜିତ ସମସ୍ତ କର୍ମଚାରୀଙ୍କର ଥର୍ମାଲ ସ୍କ୍ରିନିଂ କରାଯାଇଛି। ଏଥିସହିତ ସମସ୍ତ ପୋଲିଂ କର୍ମଚାରୀଙ୍କୁ କୋଭିଡ୍ ମୁକ୍ତ ରଖିବା ପାଇଁ ଫେସ୍ ସିଲ୍ଡ, ଗ୍ଲୋବ୍‌ସ, ସାନିଟାଇଜର ଓ ପିପିଇ କିଟ୍ ଇତ୍ୟାଦି ଯୋଗାଇ ଦିଆଯାଇଛି। ଭୋଟ ଗ୍ରହଣ କେନ୍ଦ୍ରଗୁଡ଼ିକରେ ଦୁଇଜଣ ଅତିରିକ୍ତ କର୍ମଚାରୀ, ଜଣେ ଲେଖାଏ ଆଶାକର୍ମୀ ଏବଂ ସ୍ୱେଚ୍ଛାସେବୀଙ୍କୁ କୋଭିଡ୍ ନିର୍ଦ୍ଦେଶାବଳୀକୁ କାର୍ଯ୍ୟକାରୀ ଯଥା ସ୍କ୍ରିନିଂ ଓ ସାମାଜିକ ଦୂରତା ରକ୍ଷା ପାଇଁ ନିୟୋଜିତ କରାଯାଇଛି ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି।

ଥର୍ମାଲ ସ୍କ୍ରିନି ସମୟରେ ଯଦି କୌଣସି ବ୍ୟକ୍ତିଙ୍କଠାରେ ନିର୍ଦ୍ଧାରିତ ତାପମାତ୍ରାଠାରୁ ଅଧିକ ଥାଏ କିମ୍ବା କୌଣସି କୋଭିଡ୍ ଲକ୍ଷଣ ପରିଲକ୍ଷିତ ହୁଏ ତେବେ ତାଙ୍କୁ କ୍ରମିକ ନମ୍ବର ସହ ଏକ କୁପନ ଦିଆଯାଇ ଅଲଗା ରଖାଯିବ। ମତଦାନ ଶେଷ ଘଣ୍ଟାରେ ସେମାନଙ୍କୁ ମତଦାନ କରିବାକୁ ଅନୁମତି ଦିଆଯିବ। ସମସ୍ତ ଭୋଟରଙ୍କ ନିମନ୍ତେ ହାତ ଧୋଇବା ପାଇଁ ସାବୁନ, ପାଣି ଓ ସାନିଟାଇଜର ବ୍ୟବସ୍ଥା କରାଯାଇଛି। ପ୍ରତି ଭୋଟରଙ୍କ ଡାହାଣ ହାତ ନିମନ୍ତେ ଏକ ଗ୍ଲୋଭ୍ସ ଯୋଗାଇ ଦିଆଯିବ। ଉକ୍ତ ଗ୍ଲୋବ୍‌ସ ପିନ୍ଧି ଭୋଟରମାନେ ଦସ୍ତଖତ କରିବା ସହ ଇଭିଏମ୍ ବଟନ ଦବାଇ ମତଦାନ କରିବେ ବୋଲି ଲୋହାନୀ କହିଛନ୍ତି।

ଅଧିକାଂଶ ଅତିରିକ୍ତ ବୁଥ୍‌ଗୁଡିକ ମୂଳବୁଥ୍ ଥିବା ସ୍ଥାନରେ ଖୋଲାଯାଇଛି। କିନ୍ତୁ ତିର୍ତ୍ତୋଲ ବିଧାନସଭା ନିର୍ବାଚନମଣ୍ଡଳୀର ୫ଟି ଓ ବାଲେଶ୍ୱର ନିର୍ବାଚନମଣ୍ଡଳୀର ୧୨ଟି ସ୍ଥାନରେ ଅତିରିକ୍ତ ବୁଥ୍ ପୂର୍ବ ବୁଥ୍ ଥିବା ସ୍ଥାନର ନିକଟବର୍ତ୍ତୀ କୋଠାକୁ ସ୍ଥାନାନ୍ତରିତ କରାଯାଇଛି। ତେଣୁ ଭୋଟରମାନେ ସେମାନଙ୍କୁ ଦିଆଯାଇଥିବା ଭୋଟର ସ୍ଲିପରୁ କିମ୍ବା ସମ୍ପୃକ୍ତ ବିଏଲଓଙ୍କଠାରୁ କେଉଁ ବୁଥ୍‌ରେ ଭୋଟ ଦେବାକୁ ହେବ ତାହା ଜାଣିପାରିବେ। ଏହାଛଡ଼ା ଭୋଟରମାନେ ମଧ ୱେବ୍‌ସାଇଟ www.nvsp.in କିମ୍ବା ଭୋଟର ହେଲ୍‌ପ ଲାଇନ ମୋବାଇଲ ଆପ୍ ଜରିଆରେ ମତଦାନ କେନ୍ଦ୍ର ସମ୍ପର୍କରେ ସମ୍ପୂର୍ଣ୍ଣ ତଥ୍ୟ ପାଇପାରିବେ ବୋଲି ଲୋହାନୀ କହିଛନ୍ତି।

ଉଭୟ ଉପନିର୍ବାଚନ କାର୍ଯ୍ୟରେ ୩୫୦୦ ପୋଲିଂ କର୍ମଚାରୀ ଓ ୮୦୦ ଲେଖାଏ ଆଶାକର୍ମୀ ଓ ସ୍ୱେଚ୍ଛାସେବୀଙ୍କୁ ନିୟୋଜିତ କରାଯାଇଛି। ବାଲେଶ୍ୱର ନିର୍ବାଚନମଣ୍ଡଳୀରେ ୮୬ଟି ଏବଂ ତିର୍ତ୍ତୋଲ ନିର୍ବାଚନମଣ୍ଡଳୀରେ ୧୫୫ଟି ସମ୍ବେଦନଶୀଳ ବୁଥ୍‌କୁ ଚିହ୍ନଟ କରାଯାଇଛି। ଉକ୍ତ ୨୪୧ ବୁଥ୍‌ରେ ସିସିଟିଭି, ୱେବକାଷ୍ଟିଂ, ଭିଡିଓଗ୍ରାଫି, ମାଇକ୍ରୋ ଅବଜରଭରଙ୍କ ସହ କେନ୍ଦ୍ରୀୟ ସଶସ୍ତ୍ର ସୁରକ୍ଷା ବଳକୁ ମୁତୟନ କରାଯାଇଛି। ସେହିପରି ଉଭୟ ନିର୍ବାଚନମଣ୍ଡଳୀରେ ୯୦ ପ୍ଲାଟୁନ ପୋଲିସ ଫୋର୍ସ ସହ ୨୫୦ ପୋଲିସ ଅଫିସର ଏବଂ ୬ କମ୍ପାନୀ କେନ୍ଦ୍ରୀୟ ସୁରକ୍ଷାବଳଙ୍କୁ ମୁତୟନ କରାଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
କୌଣସି ନୂତନ କର୍ମାରମ୍ଭ ସକାଶେ ଯୋଜନା ପ୍ରସ୍ତୁତ କରିବେ। ପାରିବାରିକ ସମସ୍ୟା ସମାଧାନ ହେବା ସକାଶେ ଜଣେ ପ୍ରିୟ ବନ୍ଧୁ ମାର୍ଗଦର୍ଶକ ସାଜିପାରନ୍ତି। ଦ୍ୱିଜା ନକ୍ଷତ୍ର ଧାରକରଜ କରି କାମ ଚଳାଇ ନେବା ସକାଶେ ଚେଷ୍ଟା କରିପାରନ୍ତି। ପରିବହନ, ବ୍ୟବସାୟ ବାଣିଜ୍ୟ, ହୋଟେଲ, ରେଷ୍ଟୁରାଣ୍ଟ କ୍ଷେତ୍ରରେ ବିଶେଷ ସୁଫଳ ମିଳିବ।

**ବୃଷ**
ଆଜିର ପ୍ରତ୍ୟୁଷ ଯାତ୍ରା, ପ୍ରତିଦ୍ୱନ୍ଦ୍ୱିତା, ବାଣିଜ୍ୟ ପ୍ରଭୃତି କ୍ଷେତ୍ରରେ ସୁଫଳ ପାଇବେ। ମାତ୍ର ମୃଗଶିରା ନକ୍ଷତ୍ର ପ୍ରତ୍ୟେକ କ୍ଷେତ୍ରରେ ମାପିଚୁପି ଚଳିବା ଭଲ ନଚେତ୍ ଆକସ୍ମିକ ଭାବରେ କଳହ ଲାଗିବାର ଆଶଙ୍କା ଉପୁଜିବ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ। ଅଟକି ରହିଥିବା କାମକୁ ଶେଷ କରିପାରିବେ।

**ମିଥୁନ**
କୌଣସି ଗୋଳମାଳିଆ ପରିସ୍ଥିତିରେ ମଧ୍ୟସ୍ଥତା କରିଥିବାରୁ ଅନ୍ୟକୁ କୈଫିୟତ୍ ଦେବାକୁ ପଡ଼ିପାରେ। ବ୍ୟବସାୟରେ ସମସ୍ୟା ବଢି ବଡ ଆକାର ଧାରଣ କରିବାର ସମ୍ଭାବନା ରହିଛି। ନିକଟ ସମ୍ପର୍କୀୟମାନଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ। ଆରଦ୍ରା ନକ୍ଷତ୍ରର ଅବୁଝା ବନ୍ଧୁଙ୍କୁ ବୁଝାଇ ମନାଇବା କଷ୍ଟକର ହୋଇପଡ଼ିବ।

**କର୍କଟ**
ଭୁଲ୍ ବୁଝାମଣା କାରଣରୁ ସାମୟିକ ପାରିବାରିକ ବିଷୟ ନେଇ ଡିପ୍ରେସନ ସୃଷ୍ଟି ହେବ। ଅଫିସରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ବନ୍ଧୁ ଗହଣରେ ବାଣିଜ୍ୟରେ ଲାଭ ବଦଳରେ କ୍ଷତିରେ ପଡ଼ିବେ। ପୁନର୍ବସୁ ନକ୍ଷତ୍ର ଯାତ୍ରାକାଳରେ ଅତି ପ୍ରିୟ ବ୍ୟକ୍ତିଟିର ସାନ୍ନିଧ ଲାଭ କରି ଖୁସୀ ହେବେ।

**ସିଂହ**
କୌଣସି ବ୍ୟକ୍ତିଙ୍କୁ ଦୀର୍ଘ ସମୟ ଅପେକ୍ଷା କରି ବ୍ୟସ୍ତତା ଅନୁଭବ କରିପାରନ୍ତି। ପରିବାର ଓ କର୍ମକ୍ଷେତ୍ରରେ ରହିଥିବା ବ୍ୟତିକ୍ରମ ବିଷୟ ଚିନ୍ତା କରି ମନ ବିଚଳିତ ରହିବ। ରୋଗ, ଋଣ ଓ ପରୋକ୍ଷ ଶତ୍ରୁତା ମାନସିକ ସ୍ଥିତିକୁ ବିପନ୍ନ କରିପାରେ। ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢିଯିବାର ଆଶଙ୍କା ରହିଛି।

**କନ୍ୟା**
ଚିତ୍ରା ନକ୍ଷତ୍ର ସକାଶେ ପାରିବାରିକ ସହଯୋଗ ଚେଷ୍ଟା କରୁଥିବା କାମ ପାଇଁ ଖୋରାକି ମିଳିଯିବ। ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା, କଳା, ସାହିତ୍ୟ ଓ ସଭା ସମିତିରେ ସମସ୍ୟା ସମାଧାନ କରିବାରେ ସଫଳ ହେବେ। ବନ୍ଧୁମାନଙ୍କ ସହ ଆଲୋଚନା କରିବାର ସୁଯୋଗ ଲାଭକରି ନିଜକୁ ଧନ୍ୟ ମନେକରିବେ।

**ତୁଳା**
ମନର ଅସନ୍ତୋଷକୁ ପରିପ୍ରକାଶ କରିବା ଦ୍ୱାରା ବନ୍ଧୁସମ୍ପର୍କ କ୍ଷୁଣ୍ଣ ହେବାର ସୂଚନା ରହିଛି। ପରିବାରରେ ସୁଖ ଶାନ୍ତି ଫେରାଇ ଆଣିବା ଦିଗରେ ପ୍ରଯତ୍ନ କଲେ ଚେଷ୍ଟା କଦାପି ବିଫଳ ହେବନି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସଫଳତା ଅବଶ୍ୟ ମିଳିବ। ସ୍ତ୍ରୀଙ୍କ ସହ ମତ ପାର୍ଥକ୍ୟ ଦେଖାଦେଇପାରେ।

**ବିଛା**
ମନରେ ବିଭିନ୍ନ ପ୍ରକାରର ଚିନ୍ତାଧାରା ଉଦ୍ରେକ ହେବା କାରଣରୁ ଅସ୍ଥିରତା ସୃଷ୍ଟିହେବ। ଅର୍ଥନୈତିକ, ସାମାଜିକ ଓ ଆନୁଷ୍ଠାନିକ କ୍ଷେତ୍ରରେ ସଫଳତା ହେତୁକ ମନ ଖୁସୀ ରହିବ। ବନ୍ଧୁମିଳନ, ନୂତନ ସମ୍ପର୍କ, ପ୍ରୀତିପ୍ରଦ ଆଲୋଚନା କରିବାର ସୁଯୋଗ ପାଇବେ। ଜ୍ୟେଷ୍ଠା ନକ୍ଷତ୍ରର ରାଜନୀତି, ସାହିତ୍ୟ ଓ ସଂଗୀତରେ ସୁନାମ ଅର୍ଜନ କରିବେ।

**ଧନୁ**
ମୂଳା ନକ୍ଷତ୍ରର ଅଧିକାଂଶ ସମୟ ଅନ୍ୟମନସ୍କତା ଓ ଭାବପ୍ରବଣତା ଯୋଗୁଁ ମନୋବଳ ହ୍ରାସ ପାଇବ। ବ୍ୟବସାୟ ଓ ପରିବହନ କ୍ଷେତ୍ରରେ, ତର୍କ ଓ ବିବାଦରେ, ଆଇନ ଅଦାଲତରେ ସ୍ଥଗିତ କାମକୁ ପୂରା କରିବେ। ବକେୟା ଅର୍ଥ ଆଦାୟରେ ଜଣେ ବନ୍ଧୁ ସାହାଯ୍ୟ କରିବେ। ବିବାଦୀୟ ଘଟଣାରେ ହସ୍ତକ୍ଷେପ କରିବା ଠିକ୍ ହେବ ନାହିଁ।

**ମକର**
ଆପଣ ଯେତେ ପ୍ରକାରର ଚେଷ୍ଟା କଲେ ମଧ ସବୁ କାମଗୁଡିକ ବିଳମ୍ବିତ ସମୟରେ ହିଁ ସମ୍ପନ୍ନ ହେବ। ବିବାଦୀୟ ଘଟଣାର ଦିଗ ବଦଳି ଯାଇପାରେ, ଯାହା କି ଆପଣଙ୍କ ସମସ୍ୟାକୁ କମାଇ ଦେବ। କଥା ଦେଇଥିବା ବନ୍ଧୁ ଠିକ୍ ସମୟରେ ନ ଫେରିବା କାରଣରୁ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହୋଇପାରେ।

**କୁମ୍ଭ**
କର୍ମକ୍ଷେତ୍ରରେ ଆତ୍ମୀୟତାର ସହ କାମ କରିବେ ସତ କିନ୍ତୁ ପ୍ରତିବଦଳରେ ଓଲଟା ଫଳ ପାଇବେ। ଶତଭିଷା ନକ୍ଷତ୍ରର ଶାରୀରିକ ସୁସ୍ଥତା ଅକ୍ଷୁଣ୍ଣ ରହିଥିଲେ ମଧ ଘରୋଇ ବ୍ୟାପାର ନେଇ ମାନସିକ ଅସୁସ୍ଥତା ଲାଗି ରହିବ। ପାଖ ପଡୋଶୀ କିମ୍ବା ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ।

**ମୀନ**
ଆଜିର ଯାତ୍ରା, ବ୍ୟବସାୟ, ପ୍ରତିଯୋଗିତା, ବନ୍ଧୁଙ୍କ ସହ ବାର୍ତ୍ତାଳାପ, ପ୍ରଶାସନିକ ଆଲୋଚନା ସମସ୍ୟା ମୁକ୍ତ ରହିବ। କର୍ମକ୍ଷେତ୍ର ଓ ପରିବାର ମଧ୍ୟରେ ବିଭିନ୍ନ ପ୍ରକାରର ସମସ୍ୟାଗୁଡିକୁ ସାମ୍ନା କରି ନ ପାରି ବିବ୍ରତବୋଧ କରିପାରନ୍ତି। ପାଖପଡୋଶୀ ଏବଂ ସହକର୍ମୀଙ୍କ ଯୋଗୁଁ କାମଗୁଡିକ କରିବାରେ ବିଶେଷ ଅସୁବିଧା ହେବ ନାହିଁ।

ଆଜି କାର୍ତ୍ତିକ କୃଷ୍ଣ ତୃତୀୟା ମଙ୍ଗଳବାର, ନଭେମ୍ବର ୩ ତାରିଖ, ରାଶି ନକ୍ଷତ୍ର-ରୋହିଣୀ/ବୃଷ, ମକର ରାଶିର ଘାତବାର, ବିଛା ରାଶିର ଘାତଚନ୍ଦ୍ର, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ, ଦିବା ଘ.୦୫.୫୨ମି. ଗତେଘ.୦୬.୩୭ମି.ମଧ୍ୟେ,ଘ.୦୭.୨୨ମି.ଗତେଘ.୧୧.୦୭ମି.ମଧ୍ୟେ, ରାତ୍ରି ଘ.୦୭.୪୦ମି.ଗତେ ଘ.୦୮.୩୧ମି.ମଧ୍ୟେ, ଘ.୦୯.୨୨ମି.ଗତେ ଘ.୧୧.୫୫ମି.ମଧ୍ୟେ, ଘ.୦୪.୧୧ମି. ଗତେ ଘ.୦୫.୫୩ମି. ମଧ୍ୟେ ଅମୃତବେଳା। ଦିବା ଘ.୦୫.୦୭ମି.ଗତେ ଘ.୦୭.୪୦ମି. ମଧ୍ୟେ, ରାତ୍ରି ଘ.୦୧.୩୭ମି. ଗତେ ଘ.୦୩.୧୯ମି.ମଧ୍ୟେ ମାହେନ୍ଦ୍ର ବେଳା। ଅପରାହ୍ନ ଘ.୦୨.୧୮ମି. ଗତେ ଘ.୦୩.୪୩ମି.ମଧ୍ୟେ ରାହୁକାଳ।

## ନନ୍ଦନକାନନରେ ଅନ୍‌ଲାଇନ୍ ହେଲା ପୋଷ୍ୟ ଯୋଜନା

**ବାରଙ୍ଗ,୨।୧୧(ଡି.ଏନ୍.ଏ.)**

ପ୍ରାଣୀଉଦ୍ୟାନ ନନ୍ଦନକାନନ ପଶୁପ୍ରେମୀ ଓ ପର୍ଯ୍ୟଟକଙ୍କ ପାଇଁ ପୁଣିଥରେ ଖୁସି ଖବର ଆଣିଛି। ଏଣିକି ଅନ୍‌ଲାଇନରେ ନନ୍ଦନକାନନରେ ପଶୁପକ୍ଷୀଙ୍କୁ ପୋଷ୍ୟ ଭାବେ ଲୋକେ ଗ୍ରହଣ କରିପାରିବେ। ଏଥିପାଇଁ ସର୍ବନିମ୍ନ ୫ଶହ ଟଙ୍କା ଦେବାକୁ ପଡ଼ିବ। ପୂର୍ବରୁ ଲୋକେ ଏଠାକୁ ଆସି କୌଣସି ପଶୁପକ୍ଷୀଙ୍କୁ ପୌଷ୍ୟ ଭାବେ ଗ୍ରହଣ କରୁଥିଲେ। କିନ୍ତୁ କରୋନା କଟକଣା ଯୋଗୁ ନନ୍ଦନକାନନ ବନ୍ଦ ରହିବାରୁ ଏହାକୁ ଅନ୍‌ଲାଇନ କରାଯାଇଥିଲା। ଗତ ୭ମାସ ମଧ୍ୟରେ ପ୍ରାୟ ୧୭୫ଟି ପଶୁପକ୍ଷୀଙ୍କୁ ଅନଲାଇନ ମାଧ୍ୟମରେ ପୋଷ୍ୟ ଭାବେ ଗ୍ରହଣ କରାଯାଇଛି। ଫଳରେ ନନ୍ଦନକାନନକୁ ୨୩ଲକ୍ଷ ଟଙ୍କାର ରାଜସ୍ୱ ଆଦାୟ ହୋଇପାରିଛି। ସୋମବାର ହାଇଦ୍ରାବାଦର ସ୍ୱପ୍ନଜିତ ପଟ୍ଟନାୟକ ନାମକ ବ୍ୟକ୍ତି ହିମାଳୟ କଳା ଭାଲୁକୁ ପୋଷ୍ୟ ଭାବେ ଗ୍ରହଣ କରିଛନ୍ତି। ଏହାଭିତରେ ଓଡ଼ିଶା ସମେତ ହରିୟାଣା, ଦିଲ୍ଲୀ, ରାଜସ୍ଥାନ, ମହାରାଷ୍ଟ୍ର ସମେତ ଅନ୍ୟ ୧୨ଟି ରାଜ୍ୟର ଲୋକମାନେ ନନ୍ଦନକାନନର ଜୀବଜନ୍ତୁଙ୍କୁ ପୋଷ୍ୟ ପଶୁ ଗ୍ରହଣ କରିବାକୁ ଆଗେଇ ଆସୁଛନ୍ତି। ଯାହାକି ନନ୍ଦନକାନନ ପାଇଁ ବେଶ ଲାଭଦାୟକ ସାଜିଛି। ୨୦୧୮ରୁ ଆରମ୍ଭ ହୋଇଥିବା ପୋଷ୍ୟ ଗ୍ରହଣ ଯୋଜନା ଧିମେଇ ପଡ଼ିଥିବାବେଳେ ଏବେ ଗତିଶୀଳ ହେବାକୁ ଲାଗିଛି। ଏହାଦ୍ୱାରା ଆମ୍ଭେ ପଶୁପକ୍ଷୀମାନଙ୍କର ସଂରକ୍ଷଣର ବାର୍ତ୍ତା ପ୍ରଦାନ କରିପାରୁଛୁ ବୋଲି ନନ୍ଦନକାନନ ନିର୍ଦ୍ଦେଶକ ଶଶିପଲ କହିଛନ୍ତି।


# classifieds Everyday
0674-2580101, 2549302




### SALE

ଭୁବନେଶ୍ୱରରେ/ ନିକଟବର୍ତ୍ତୀ ଅଞ୍ଚଳରେ ନିଜର ଜମି, ଘର ବିକ୍ରି ହୋଇପାରୁନାହିଁ କି? ଉପଯୁକ୍ତ ମୂଲ୍ୟରେ ବିକ୍ରିପାଇଁ ମାଲିକ ଯୋଗାଯୋଗ କରନ୍ତୁ- 6370446556 D-70008

Infosis-II ପାଖରେ 690/- ସୁନ୍ଦରପଦା 1200/- ପିପିଲି NHକୁ ଲାଗି 800/-ରେ 30' road ଘରବାରି ପାଚେରି ଥାଇ plot କିଣନ୍ତୁ। 7978641199 D-69574

**FOR SALE AT PURI G+3 Building 5200sqft. built-up on 2400sqft. plot having 5-AC & 6 N-AC full furnished rooms + dining, kitchen, reception & parking. For details and to avail early bird discount and special discount for Charitable trust. 9777386474** D-18760

Urgent sale land at Sisupalgarh and near Trinath Bazaar, Phulnakhara. Call-9437033691 D-68390

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,20,000/-, ଅରଗୁଳ IIT 1200sqft. 1,32,000/- (Outright). 9348232008, 9776974912 D-69189

3BHK flat resale 1600sqft. Patia opposite RTO-2, 1km KIIT Square, 75 Lakh including parking. 7978584549 (Broker Excuse) D-70009

### PURCHASE

Required 3 Acres/ above land near Pitapalli by pass, clear approach road 9938895656 D-18767

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

### GENERAL

### PURCHASE

We buy old gold, land, building. Please contact Hindustan-Jewellers. 9437033691 D-68389




2BHK Rs.11,000/- and single room attached toilet Rs.4000/- District Centre, Chandrasekharpur, Bhubaneswar. 9337199407 D-68388

**Godown space available near Puri bypass area 18000/-, open space 15000/-. 9938125254** D-18598

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




Get refreshment body massage by expert therapist contact for 7205084157. D-69799

Newly open full body massage SPA in Bhubaneswar. Contact: 7205058838. D-70003

Rejuvenate and Ayurvedic full body massage by smart therapist. 9348123330. D-70004

Refreshing your mind & body with best therapy at Lotus Spa. 8018234866 D-69571

Swarna SPA newly open positively health benefits with expert therapist. 7873794731. D-70010

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com




Agarbati, Paper plate, Silper ମେସିନ ଘରେ ବସାଇ ରୋଜଗାର କରନ୍ତୁ! 7077645763 D-18684

**Ph.D Award**



**Honorary Doctor of Philosophy for Social work under Royal American University.**

**Dr. SANJEEB KUMAR HOTA**
D-69637

# ଅସତ୍ୟରେ ସୁଖ

କୋଭିଡ୍-୧୯ ଯୋଗୁ ବିଶ୍ୱ ଅର୍ଥନୀତି ତଳିତଳାନ୍ତ ହୋଇଯାଇଛି। କିନ୍ତୁ ଭାରତ ବାହୁସ୍ଫୋଟ ମାରୁଛି ଯେ, ଏଥିରେ ସୁଧାର ଆସିବା ଦେଖାଦେଲାଣି। କରୋନା ମୁକାବିଲା ସକାଶେ କେନ୍ଦ୍ର ସରକାର ଘୋଷଣା କରିଥିବା ଆର୍ଥିକ ପ୍ୟାକେଜର ଲାଭ ଅର୍ଥ ବ୍ୟବସ୍ଥାକୁ ମିଳୁଥିବା ନେଇ ଅର୍ଥ ସଚିବ ଅଜୟ ଭୂଷଣ ପାଣ୍ଡେ ୧ ନଭେମ୍ବରରେ କହିଛନ୍ତି। ସେହିପରି ଫେଡେରେଶନ ଅଫ୍ ଇଣ୍ଡିଆନ୍ ଚାମ୍ବର୍ସ ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିଜ୍ (ଫିକି) ସଭାପତି ସଙ୍ଗୀତା ରେଡ୍ଡୀ କହିଛନ୍ତି, ଭାରତୀୟ ଅର୍ଥନୀତି ପୂର୍ବସ୍ଥିତିକୁ ଫେରୁଛି ଓ ଖବ୍‌ଶୀଘ୍ର ସୁଦୃଢ଼ ହେବାକୁ ଯାଉଛି। ଏଭଳି ସକାରାତ୍ମକ କଥା ଶୁଣି ଭାରତବାସୀ ଆଶ୍ୱସ୍ତି ଲାଭ କରୁଥିବେ ବୋଲି କହିହେବ ନାହିଁ। କାରଣ କିଛି ସମୟ ବ୍ୟବଧାନରେ ସରକାରଙ୍କ ପକ୍ଷରୁ ଲୋକଙ୍କୁ ନାନାବାୟା ଗୀତ ଶୁଣାଇ ଦିଆଯାଇଆସୁଛି।

ଅକ୍ଟୋବରରେ ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ବାବଦକୁ ସରକାର ୧ ଲକ୍ଷ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ସଂଗ୍ରହ କରିଛନ୍ତି ବୋଲି ଦର୍ଶାଯାଉଛି। ଗତ ୮ ମାସ ମଧ୍ୟରେ ପ୍ରଥମ ଥର ପାଇଁ ପରୋକ୍ଷ ଟିକସ ୧ ଲକ୍ଷ କୋଟି ଟଙ୍କା ଅତିକ୍ରମ କରିଥିବାରୁ ସରକାରୀ ବ୍ୟବସ୍ଥା ସହ ସମ୍ପୃକ୍ତ ଥିବା ବ୍ୟକ୍ତିବିଶେଷ ଉତ୍ସାହିତ ହୋଇ ବିଭିନ୍ନ ମନ୍ତବ୍ୟ ଦେବାରେ ଲାଗିଲେଣି। ନିକଟରେ ସରକାରଙ୍କ ପକ୍ଷରୁ କୁହାଯାଇଥିଲା ଯେ, ୨୦୨୪-୨୫ ବେଳକୁ ଭାରତର ମୋଟ ଘରୋଇ ଉତ୍ପାଦ (ଜିଡିପି) ୫ ଟ୍ରିଲିୟନ ଆମେରିକୀୟ ଡଲାରରେ ପହଞ୍ଚିବ। ଅର୍ଥନୈତିକ ସର୍ଭେ ଓ ବଜେଟଠାରୁ ଆରମ୍ଭ କରି ପ୍ରତି ସରକାରୀ ଦଲିଲରେ ଏହିଭଳି ଅନେକ ଆଶା ସଞ୍ଚାର କରାଯାଉଛି। ଟାର୍ଗେଟ ବିଷୟରେ କହିବା ପାଇଁ ସରକାରୀ ଅଧିକାରୀମାନେ ଅଗକୁ ଆସି ଗଣମାଧ୍ୟମକୁ ଜଣାଇବା ନିମନ୍ତେ ତରବର ହେଉଥିବା ଦେଖିବାକୁ ମିଳୁଛି। କିନ୍ତୁ ଅର୍ଥନୀତି ଉପରେ ଏବେ ଯେଉଁସବୁ ତଥ୍ୟ ଦିଆଯାଉଛି ସେଥିରେ ଅନେକ ଖାଦ ରହୁଛି ବୋଲି ଜଣାଗଲାଣି। କାରଣ ଦର୍ଶାଯାଉଥିବା ସଂଖ୍ୟା ସହ ବାସ୍ତବ ସଂଖ୍ୟାର ମେଳ ଖାଉନାହିଁ। ୧୬ ଅକ୍ଟୋବରରେ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍‌ଏଫ୍) ଭାରତୀୟ ଅର୍ଥନୀତି ୨୦୨୦-୨୧ ଆର୍ଥିକ ବର୍ଷରେ ୧୦.୩ ପ୍ରତିଶତ ହ୍ରାସ ପାଇବ ବୋଲି ରିପୋର୍ଟ ପ୍ରକାଶ କରିଥିଲା। ସାଧାରଣତଃ ଏହିଭଳି ଅନ୍ତର୍ଜାତୀୟ ଆର୍ଥିକ ସଂସ୍ଥାଗୁଡ଼ିକ ଗୋଟିଏ ଦେଶର ବ୍ୟବସ୍ଥାକୁ ତନ୍ନତନ୍ନ କରି ସମୀକ୍ଷା କରିବା ପରେ ତଥ୍ୟ ପ୍ରଦାନ କରିଥାଆନ୍ତି। ସେହି ଦୃଷ୍ଟିରୁ ଦେଖିଲେ ଏହି ରିପୋର୍ଟ ପ୍ରକାଶ ପାଇବାର ମାତ୍ର ୧୫ ଦିନ ପରେ ଭାରତୀୟ ଅର୍ଥନୀତି ସୁଧୁରିଲାଣି ବୋଲି କହିବା ଅବାସ୍ତବ ମନେହେଉଛି। ଅନ୍ତର୍ଜାତୀୟ ପର୍ଯ୍ୟବେକ୍ଷକ ବିଶେଷକରି ପୁଞ୍ଜିନିବେଶକାରୀମାନେ ମଧ୍ୟ ଭାରତ ସରକାରଙ୍କ ଦ୍ୱାରା ଦିଆଯାଉଥିବା ତଥ୍ୟକୁ ସନ୍ଦେହ ଚକ୍ଷୁରେ ଦେଖୁଛନ୍ତି। ସମଗ୍ର ବିଶ୍ୱ ଅର୍ଥନୀତି ଭୁଶୁଡ଼ି ପଡ଼ିଥିବାରୁ ପୁଞ୍ଜି ନିବେଶକମାନେ ଜାକିଜୁକି ହୋଇ ବସିଛନ୍ତି। ଯେଉଁମାନଙ୍କୁ ବିଦେଶୀ ପୁଞ୍ଜିଲଗାଣକାରୀ ଭାବେ ଆମେ ଆଖ୍ୟା ଦେଉଛେ, ସେମାନେ ନିଜ ଦେଶରେ ଆର୍ଥିକ ଦୁଃସ୍ଥିତିର ସମ୍ମୁଖୀନ ହୋଇଛନ୍ତି। ତେଣୁ କେଉଁଆଡୁ ଅର୍ଥ ଆଣି ସେମାନେ ଭାରତ ବଜାରରେ ଲଗେଇବେ ବୋଲି ଭାବିବା ବେଳକୁ ଆଶ୍ଚର୍ଯ୍ୟ ଲାଗୁଛି। କାହିଁକି ଅବାସ୍ତବ ତଥ୍ୟ ଦିଆଯାଇ ଲୋକଙ୍କୁ ଭଣ୍ଡାଇ ଦିଆଯାଉଛି, ସେଥିନେଇ କେହି ପ୍ରଶ୍ନ କରିବାକୁ ନାହାନ୍ତି।

ଗତ ୮ ମାସର ଜିଏସ୍‌ଟି ସଂଗ୍ରହକୁ ଦେଖାଯାଉ। ମାର୍ଚ୍ଚରେ ୯୭, ୫୯୭ କୋଟି ଟଙ୍କା ଆଦାୟ ହୋଇଥିବା ବେଳେ ଏପ୍ରିଲରେ ୩୨,୧୭୨, ମେ'ରେ ୬୨,୧୫୧, ଜୁନ୍‌ରେ ୯୦,୯୧୭, ଜୁଲାଇରେ ୮୭,୪୨୨, ଅଗଷ୍ଟରେ ୮୬,୪୪୯, ସେପ୍ଟେମ୍ବରରେ ୯୫,୪୮୦ ଏବଂ ଅକ୍ଟୋବରରେ ୧,୦୫,୧୫୫ କୋଟି ଟଙ୍କା ସଂଗ୍ରହ କରାଯାଇଛି। ଫେବୃୟାରୀ ପରେ ଜିଏସ୍‌ଟି ସଂଗ୍ରହ କମିଚାଲୁଥିବା ବେଳେ ଅକ୍ଟୋବରରେ କେଉଁଭଳି ଭାବେ ୧ ଲକ୍ଷ କୋଟି ଟଙ୍କାରୁ ଊର୍ଦ୍ଧ୍ୱକୁ ଡେଇଁଲା, ତାହା କେବଳ ସଂଖ୍ୟା କାରସାଦି ବୋଲି ବିଦେଶୀ ପୁଞ୍ଜିଲଗାଣକାରୀ ଭାବିବା ସ୍ୱାଭାବିକ ହୋଇପାରେ। ଦେଖିବାକୁ ଗଲେ ଆଜିର ପୃଥିବୀରେ ସବୁ ଦେଶ ପରସ୍ପର ମଧ୍ୟରେ ବନ୍ଧା ହୋଇ ରହିଛନ୍ତି। ଉଦାହରଣ ସ୍ୱରୂପ ଭାରତର ସବୁଠାରୁ ଧନୀ ବିବେଚିତ ହେଉଥିବା ମୁକେଶ ଅମ୍ବାନୀଙ୍କ ସ୍ଥିତି ଦେଖାଯାଉ। ବିଭିନ୍ନ କାରଣରୁ ଅନ୍ତର୍ଜାତୀୟ ତୈଳ ଦର ହ୍ରାସ ପାଇଥିବାରୁ ମୁକେଶଙ୍କ ରିଲାଏନ୍ସ ଶିଳ୍ପସଂସ୍ଥା ପ୍ରାୟ ୭ ବିଲିୟନ ଡଲାର କ୍ଷତି ସହିଛି। ସେହି ପରିମାଣକୁ ଦେଖିଲେ ବୁଝାପଡୁଛି ଯେ, ସବୁ ଶିଳ୍ପରେ କ୍ଷତି ଘଟିଛି। କାହାର ପ୍ରତିଶତ ବେଶି କିମ୍ବା କମ୍ ତାହା ପରିସ୍ଥିତି ଓ ବଜାରକୁ ନେଇ ଆକଳନ କରାଯାଇପାରେ। ଏଥିରୁ ଖିଅ ନେଇ ଏକ ଲକ୍ଷ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଜିଏସ୍‌ଟି ସଂଗ୍ରହ ଅବିଶ୍ୱସନୀୟ ହେବାର କାରଣ ଯଥେଷ୍ଟ ରହିଛି। ଏହା ବ୍ୟତୀତ ଯଦି ବାସ୍ତବରେ ଏହି ପରିମାଣର ଜିଏସ୍‌ଟି ଆଦାୟ କରାଯାଇପାରିଛି, ତେବେ ରାଜ୍ୟ ସରକାରଗୁଡ଼ିକୁ ଋଣ ନେବା ସକାଶେ କେନ୍ଦ୍ର ଅର୍ଥମନ୍ତ୍ରୀ କହିବାର କୌଣସି ଆବଶ୍ୟକତା ନ ଥିଲା। କାରଣ ଏହିଭଳି ବଡ଼ ଅଙ୍କର ଆଦାୟ ଗୋଟିଏ କିମ୍ବା ଦୁଇଟି ଦିନରେ ହୁଏ ନାହିଁ। ଟିକସ ଆଦାୟର ଧାରା ଦର୍ଶାଇଦେବ ନିକଟ ଭବିଷ୍ୟତରେ କେତେ ଯାଏ ସଂଗ୍ରହ ହୋଇପାରେ। ତେବେ ୨ ନଭେମ୍ବରରେ ଓଡ଼ିଶା ସମେତ ୧୬ ରାଜ୍ୟ ଓ ୩ କେନ୍ଦ୍ର ଶାସିତ ଅଞ୍ଚଳକୁ କେନ୍ଦ୍ର ୬,୦୦୦ କୋଟି ଟଙ୍କା ଜିଏସ୍‌ଟି କ୍ଷତିପୂରଣ ସେସ୍ ଦେବାକୁ ଘୋଷଣା କରିଛି। କିନ୍ତୁ ସବୁ ସ୍ତରରେ କେବଳ ତାଳି ପକାଯିବା ଭଳି କାର୍ଯ୍ୟ ହେଉଥିବାରୁ ସରକାରୀ ତଥ୍ୟ ଉପରେ ଲୋକଙ୍କ ଅବିଶ୍ୱାସ ସୃଷ୍ଟି ହେଲାଣି। ଏଥିରୁ ବୁଝିହେଉଛି ଯେ, କେନ୍ଦ୍ର ସରକାର ସତ୍ୟକୁ ଛାଡ଼ି ଅସତ୍ୟରେ ସୁଖ ଖୋଜୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୩ ନଭେମ୍ବର ୧୯୯୫**

- ଉତ୍ତର ବୁରୁଣ୍ଡିରେ ସରକାରୀ ସୈନ୍ୟମାନେ ୨୫୦ ଜଣ ହୁଟୁ ସଂପ୍ରଦାୟର ବ୍ୟକ୍ତିଙ୍କୁ ଗୁଳିକରି ହତ୍ୟା କରିଛନ୍ତି।
- କରାଚୀ ସହରରେ କେତେକ ଅଜ୍ଞାତ ବ୍ୟକ୍ତି ୧୫ ଜଣଙ୍କ ଆଖିରେ ପୁଟୁଳି ବାନ୍ଧି ଗୁଳିକରି ହତ୍ୟା କରିଛନ୍ତି।
- ପ୍ରଖ୍ୟାତ ଓଡ଼ିଆ ବୈଜ୍ଞାନିକ ଡକ୍ଟର ଜଗଦୀଶ୍ୱର ମହାନ୍ତିଙ୍କ ୬୪ ବର୍ଷ ବୟସରେ ଅଷ୍ଟ୍ରେଲିଆର ଆଡିଲେଡଠାରେ ପରଲୋକ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 0 | | | | | | | 8 | 7 | | | | 6 | | C |
| | 3 | | B | 5 | | | | A | 2 | | | 4 | | 1 |
| | | | | 9 | | | | | | | | 0 | | |
| B | | | D | A | 6 | | | | | | | 9 | 3 | 8 |
| 1 | 8 | | | 3 | | 6 | 5 | C | | 7 | | | | |
| D | | | 8 | 2 | | | | | 9 | | | A | | |
| | 7 | | | | | | | 3 | D | 8 | | | | |
| | | 8 | | | 9 | | | 4 | | 1 | | | | 7 |
| 3 | | 6 | | | | 9 | | | | | 7 | | | |
| C | | | 0 | | B | | D | | 6 | 5 | E | | 4 | |
| | | | 5 | | D | C | A | | 7 | | | E | | |
| 8 | 1 | B | | | | | | 2 | | E | 0 | C | | A |
| | 6 | | A | | | B | | | 4 | | | 3 | | |
| 2 | D | 0 | 6 | | | | | | 1 | | 3 | | | 4 |
| | E | | | 1 | | | | 0 | | | | | 6 | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 2 | 3 | 9 | D | B | 1 | A | 4 | 8 | 0 | C | E | 7 | 6 | 5 |
| 1 | 0 | 5 | E | 2 | C | B | 7 | 3 | 4 | A | 6 | 8 | 9 | D |
| D | 6 | 7 | 5 | 8 | 4 | C | 1 | 0 | 2 | 3 | 9 | E | B | A |
| A | B | E | 3 | 9 | 0 | 6 | 2 | D | 5 | 7 | 8 | 4 | 1 | C |
| 8 | C | 4 | 6 | A | 7 | 5 | 9 | E | 1 | D | B | 2 | 0 | 3 |
| B | 7 | 8 | 1 | 4 | 6 | E | 3 | 5 | A | 9 | D | C | 2 | 0 |
| 5 | 4 | C | 8 | E | 3 | 0 | B | 9 | 6 | 2 | 1 | D | A | 7 |
| 0 | 9 | 2 | C | D | B | 8 | A | 7 | 3 | 5 | 4 | 1 | E | 6 |
| 6 | 1 | A | 2 | 0 | 5 | 4 | D | C | E | B | 7 | 3 | 8 | 9 |
| 3 | E | D | A | 7 | 9 | 2 | 6 | 1 | 8 | 0 | C | B | 5 | 4 |
| 9 | 8 | B | 7 | 3 | D | 1 | 5 | A | C | 6 | 2 | 0 | 4 | E |
| 4 | D | 1 | 9 | 6 | E | 3 | 0 | B | 7 | 8 | A | 5 | C | 2 |
| E | 5 | 6 | 0 | 1 | 8 | 9 | C | 2 | D | 4 | 3 | A | 7 | B |
| C | A | 3 | B | 5 | 2 | 7 | 8 | 4 | 9 | E | 0 | 6 | D | 1 |
| 7 | 2 | 0 | 4 | C | A | D | E | 6 | B | 1 | 5 | 9 | 3 | 8 |

ଗତ କାଲିର ଉତ୍ତର

# ନୋବେଲ ଶାନ୍ତି ପୁରସ୍କାର, କ୍ଷୁଧା ଓ ଭାରତ



ଭାଲଚନ୍ଦ୍ର ଷଡ଼ଙ୍ଗୀ

ବିଗତ ବର୍ଷମାନଙ୍କ ଭଳି ଚଳିତବର୍ଷ ମଧ୍ୟ ନୋବେଲ ଶାନ୍ତି ପୁରସ୍କାର ଏଭଳି ଏକ ସଂସ୍ଥାକୁ ଦିଆଗଲା, ଯାହାର ଶାନ୍ତି ସହିତ କୌଣସି ସମ୍ପର୍କ ନାହିଁ। ମିଳିତ ଜାତିସଂଘ ଅଧୀନସ୍ଥ ଖାଦ୍ୟ ଏବଂ କୃଷି ସଂଗଠନ (ଏଫ୍‌ଏଓ)ର ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ ଏହି ପୁରସ୍କାରର ଅଧିକାରୀ ହୋଇଛି। ଏହି ସଂସ୍ଥାର ମୁଖ୍ୟଙ୍କ ମତରେ ଏହି ପୁରସ୍କାର ମିଳିବା ପରେ ବିଶ୍ୱର କ୍ଷୁଧାପୀଡ଼ିତ ଲୋକଙ୍କ ସମସ୍ୟା ପ୍ରତି ବିଶ୍ୱବାସୀଙ୍କ ଦୃଷ୍ଟି ଆକର୍ଷିତ ହେବ। ଚଳିତବର୍ଷ ଏହି ସଂଗଠନ ୭୫ ବର୍ଷରେ ପହଞ୍ଚିଛି। ଏହି ଅବସରରେ ଏକ ୭୫ ଟଙ୍କିଆ ମୁଦ୍ରାକୁ ଉନ୍ମୋଚିତ କରି ପ୍ରଧାନମନ୍ତ୍ରୀ ମୋଦି ବିଶ୍ୱରେ କ୍ଷୁଧା ଓ ଅନାହାରକୁ ଦୂର କରିବାରେ ଏହି ସଂସ୍ଥାର କାର୍ଯ୍ୟକୁ ଭୂରି ଭୂରି ପ୍ରଶଂସା କରିବା ସହିତ ଦେଶରେ କୃଷି ଓ ଖାଦ୍ୟ ଉତ୍ପାଦନର ଏକ ଗୋଲାପୀ ଚିତ୍ର ପ୍ରଦାନ କରିଛନ୍ତି। ତେବେ ସବୁଠାରୁ ମଜାର କଥା ହେଲା, ଦେଶରୁ କ୍ଷୁଧା ଓ ଅନାହାର ଦୂର ପାଇଁ ସରକାର ବଡ଼ ବଡ଼ ଦାବି କରୁଥିବା ବେଳେ, ଠିକ୍ ସେହି ସମୟରେ ପ୍ରକାଶିତ ବିଶ୍ୱ କ୍ଷୁଧା ସୂଚକାଙ୍କର ରିପୋର୍ଟ ଭାରତରେ କ୍ଷୁଧାର ଅସଲ ସ୍ଥିତିକୁ ଉଜାଗର କରି ଦେଇଛି। ଦେଶର ଏକ ବଡ଼ ଭାଗ ଲୋକଙ୍କୁ ଖାଦ୍ୟ ଯୋଗାଇବାରେ ସରକାରଙ୍କ ବିଫଳତାକୁ ଏହା ପ୍ରମାଣିତ କରିଛି। କ୍ଷୁଧା ଓ ଅନାହାର ପରିସ୍ଥିତି ରହିଥିବା ବିଶ୍ୱର ୧୦୭ ଦେଶକୁ ନେଇ ପ୍ରସ୍ତୁତ ବିଶ୍ୱ କ୍ଷୁଧା ସୂଚକାଙ୍କରେ ଚଳିତବର୍ଷ ଭାରତ ୯୪ତମ ସ୍ଥାନରେ ରହିଛି। ଯଦିଓ ଗତବର୍ଷ ତୁଳନାରେ ସ୍ଥିତିରେ ସାମାନ୍ୟ ଉନ୍ନତି ଦେଖାଯାଇଛି କିନ୍ତୁ ଆଜି ବି ଦେଶରେ କ୍ଷୁଧାର ସ୍ଥିତି ଅତ୍ୟନ୍ତ ଗମ୍ଭୀର ରହିଥିବା ପୁଣିଥରେ ପ୍ରମାଣିତ ହୋଇଛି। କ୍ଷୁଧା ଓ ପୁଷ୍ଟିହୀନତାକୁ ନିରାକରଣ କରିବାରେ ଆମେ ବିଶ୍ୱର ଅନେକ ଦେଶଠାରୁ ବହୁ ପଛରେ ରହିଥିବା ଜଣାପଡ଼ିଛି। ଆଫ୍ରିକା ମହାଦେଶର ୨୪ଟି ଦେଶ ମଧ୍ୟ ଆମଠାରୁ ଅନେକ ଆଗରେ ରହିଛନ୍ତି। ଏପରି କି ଆମର କ୍ଷୁଦ୍ର ପଡ଼ୋଶୀ ଦେଶମାନେ ବି ଆମଠାରୁ ଭଲ ସ୍ଥିତିରେ ରହିଛନ୍ତି। ଆମର ପଡ଼ୋଶୀ ରୂପେ ପରିଚିତ ମ୍ୟାନ୍‌ମାର, ପାକିସ୍ତାନ, ଶ୍ରୀଲଙ୍କା, ବାଂଲାଦେଶ ଓ ନେପାଳ ପ୍ରଭୃତି ଦେଶ ଯଥାକ୍ରମେ ୭୮, ୮୮, ୬୪, ୭୫ ଓ ୭୩ ସ୍ଥାନରେ ରହି କ୍ଷୁଧା ଓ ଅନାହାରର ମୁକାବିଲାରେ ଆମଠାରୁ ଭଲ ସ୍ଥିତିରେ ରହିବା ଅତ୍ୟନ୍ତ ଲଜ୍ଜାଜନକ ମନେହୁଏ।

ବିଶ୍ୱ କ୍ଷୁଧା ସୂଚକାଙ୍କରେ ଭାରତର ସ୍କୋର ଚଳିତବର୍ଷ ତାହା ୨୭.୨ ରହିଛି। ଏ କ୍ଷେତ୍ରରେ ଚାଇନା, ବ୍ରାଜିଲ ଓ ରୁଷ୍ ପରି ବିଶ୍ୱର ଅନେକ ଦେଶଠାରୁ ଆମ ଦେଶ ବହୁତ ତଳେ ରହିଛି। ବିଶେଷ କରି ନିଜର ପଡ଼ୋଶୀ ଦେଶ ସହ ଭାରତର ବ୍ୟବଧାନ କ୍ରମାଗତ ଭାବେ ବୃଦ୍ଧି ପାଇବା ଦେଖାଯାଇଛି। ୨୦୦୦ରୁ ୨୦୨୦ ମଧ୍ୟରେ ଭାରତର ସ୍କୋରରେ ମାତ୍ର ୦.୧ପ୍ରତିଶତ ଉନ୍ନତି ପରିଲକ୍ଷିତ ହୋଇଥିବା ବେଳେ ପାକିସ୍ତାନର ୩୩.୯ପ୍ରତିଶତ ଏବଂ ବାଂଲାଦେଶର ୪୦.୨ପ୍ରତିଶତ ଉନ୍ନତି ପରିଲକ୍ଷିତ ହୋଇଛି। ଯଦିଓ ୨୦୦୦ରୁ ୨୦୧୪ ମଧ୍ୟରେ ଏହି ସ୍କୋରରେ ଯଥେଷ୍ଟ ଉନ୍ନତି ହୋଇଥିଲା ବେଳେ ୨୦୧୪ ପରଠାରୁ ଏଥିରେ ଗୁରୁତର ଅବନତି ଦେଖାଦେଇଛି।

ତେବେ ବିଶ୍ୱର କ୍ଷୁଧା ସୂଚକାଙ୍କରେ ଭାରତର ସ୍ଥାନ ଏତେ ତଳେ ରହିବା ନୂଆ ନୁହେଁ। ଆମ ଦେଶ ଲଗାତର ଭାବେ ପ୍ରତିବର୍ଷ ତଳେ ରହି ଆସିଥିଲେ ମଧ୍ୟ ଗତ କିଛି ବର୍ଷ ମଧ୍ୟରେ ତାହା ଅଧିକ ଖରାପ ସ୍ଥିତିରେ ରହିଛି। ୨୦୧୩ରେ ଭାରତ ୬୩ତମ ଏବଂ ୨୦୧୪ରେ ୫୫ତମ ସ୍ଥାନରେ ରହିଥିବା ବେଳେ ତାହା ଲଗାତର ନିମ୍ନଗାମୀ ହୋଇ ୨୦୧୮ରେ ୧୦୩ ଏବଂ ୨୦୧୯ରେ ୧୦୨ତମ ସ୍ଥାନରେ ରହିଥିଲା। କ୍ଷୁଧା ସୂଚକାଙ୍କରେ ଉପରୋକ୍ତ ଅଧପତନରୁ ସ୍ପଷ୍ଟ ପ୍ରମାଣିତ ଯେ ଦେଶରେ କ୍ଷୁଧା ଓ ପୁଷ୍ଟିହୀନତାର ସ୍ଥିତିଟି ଅଧିକ ଖରାପ ହୋଇଛି।

ଏହି ସୂଚକାଙ୍କ ଯେଉଁ ସବୁ ମାପକାଠିର ଆଧାରରେ ପ୍ରସ୍ତୁତ ହେଉଛି ତା'ରି ମଧ୍ୟରେ ରହିଛି ୧) ପୁଷ୍ଟିହୀନତା, ୨) ଚାଇଲ୍ଡ ୱେଷ୍ଟିଂ, ୩) ଚାଇଲ୍ଡ ଷ୍ଟଣ୍ଟିଙ୍ଗ୍ ଏବଂ ୪) ହେଉଛି ଶିଶୁ ମୃତ୍ୟୁହାର। ଚଳିତବର୍ଷର ରିପୋର୍ଟରେ ସବୁଠାରୁ ଲଜ୍ଜାଜନକ ବିଷୟଟି ହେଲା, ଉପରୋକ୍ତ ସମସ୍ତ ମାପକାଠିରେ ଆମେ ବହୁତ ପଛରେ ରହିଛୁ। ବିଶ୍ୱରେ ପୁଷ୍ଟିହୀନତା, ଶିଶୁଙ୍କ ଅନଗ୍ରସରତା ଏବଂ ମୃତ୍ୟୁହାରରେ ବହୁତ ତଳେ ରହିଛି। ଶରୀରରେ ପୁଷ୍ଟିହୀନତାର ଅର୍ଥ ହେଉଛି ଅର୍ଥାତ୍ ବଞ୍ଚିବା ପାଇଁ ଆବଶ୍ୟକୀୟ ଶରୀରରେ କ୍ୟାଲୋରିର ଅଭାବ। ସେହି ଦୃଷ୍ଟିରୁ ଦେଖିଲେ ଆମ ଦେଶର ୧୪ପ୍ରତିଶତ ଲୋକ ପୁଷ୍ଟିହୀନତାର ଶିକାର ହୋଇଥିବା ରିପୋର୍ଟରେ କୁହାଯାଇଛି। ସେହିଭଳି ଚାଇଲ୍ଡ ୱେଷ୍ଟିଂର ଅର୍ଥ ହେଲା ପାଞ୍ଚ ବର୍ଷରୁ କମ୍ ବୟସର ଶିଶୁଙ୍କ ଉଚ୍ଚତା ତୁଳନାରେ ଓଜନରେ ବୃଦ୍ଧି ନ ଘଟିବା। ଏହା ବି ଏକ ଭୟଙ୍କର ପୁଷ୍ଟିହୀନତାକୁ ସୂଚାଉଛି ଏବଂ ଏ କ୍ଷେତ୍ରରେ ଭାରତର ହାରଟି ହେଉଛି ୧୭.୩ପ୍ରତିଶତ, ଯାହା କି ବିଶ୍ୱରେ ସବୁଠାରୁ କମ୍ ଥିବା ଦେଶମାନଙ୍କ ମଧ୍ୟରେ ଆମକୁ ରଖିଛି। ଅନ୍ୟତମ ମାପକାଠି ରୂପେ ପରିଚିତ ଚାଇଲ୍ଡ ଷ୍ଟଣ୍ଟିଙ୍ଗ୍‌ର ଅର୍ଥ ହେଲା ପୁଷ୍ଟିହୀନତା କାରଣରୁ ବୟସ ତୁଳନାରେ ଶିଶୁର ଉଚ୍ଚତାରେ ଆବଶ୍ୟକୀୟ ବୃଦ୍ଧି ନ ହେବା। ଏ କ୍ଷେତ୍ରରେ ଭାରତର ୩୭.୪ପ୍ରତିଶତ ଶିଶୁ ନିଜର ବୟସ ଅନୁସାରେ ଆବଶ୍ୟକୀୟ ଓଜନ ଏବଂ ଉଚ୍ଚତାରୁ ବଞ୍ଚିତ ରହିଛନ୍ତି। ସର୍ବଶେଷ ମାପକାଠିଟି ହେଉଛି ଦେଶରେ ଶିଶୁ ମୃତ୍ୟୁହାର। ଯଦିଓ ଆମ ଦେଶରେ ଶିଶୁଙ୍କ ମୃତ୍ୟୁହାରଟି ୩.୭ପ୍ରତିଶତ ରହିଛି କିନ୍ତୁ ତାହା ବିଶ୍ୱର ଅନ୍ୟ ଦେଶମାନଙ୍କ ସହ ତୁଳନା କଲେ ବହୁତ ଅଧିକ। ସମୟ ପୂର୍ବରୁ ଜନ୍ମ ଏବଂ କମ୍ ଓଜନର ଶିଶୁ ଜନ୍ମ ହେବା ଶିଶୁ ମୃତ୍ୟୁର ସବୁଠାରୁ ବଡ଼ କାରଣ ହୋଇଛି, ଯାହା କି ଦେଶରେ ଗୁରୁତର ପୁଷ୍ଟିହୀନତାର ସ୍ଥିତିକୁ ପ୍ରମାଣିତ କରୁଛି।

ଅଧିକାଂଶ ଭାରତୀୟ ଗରିବୀ ଏବଂ ଅଭାବର ଶିକାର ହେବା ପଛରେ ଶ୍ରେଣୀ ବିଭାଜନ ପରି ସମାଜର ଢାଞ୍ଚାଗତ ସମସ୍ୟା ରହିଛି କିନ୍ତୁ ସରକାରଙ୍କ ନବ ଉଦାରବାଦୀ ନୀତି ଏହି ବ୍ୟବଧାନକୁ ଅଧିକ ଚଉଡ଼ା କରିଦେଇଛି। ଦାରିଦ୍ର୍ୟ ଦୂରୀକରଣ ପାଇଁ ସରକାରଙ୍କ ଗୁରୁତ୍ୱର ଅଭାବ ଦେଶର ଖାଦ୍ୟ ଓ ପୁଷ୍ଟିଜନିତ କାର୍ଯ୍ୟକ୍ରମ ବାବଦରେ ସରକାରୀ ଅନୁଦାନ ବଢ଼ିବା ପରିବର୍ତ୍ତେ ଲଗାତର ହ୍ରାସ ପାଉଛି।

ବିଶ୍ୱରେ ଅନାହାରର କାରଣ ଯେ ଖାଦ୍ୟର ଅଭାବ ନୁହେଁ, ଏକଥା କେହି ନ ହେଲେ ବି ସରକାରମାନେ ତ ଭଲରୂପେ ଜାଣନ୍ତି। ସମାଜରେ ଶ୍ରେଣୀ ବିଭାଜନଜନିତ ଆର୍ଥିକ ଅସମାନତା ଏବଂ ତାକୁ ଦୂର କରିବାରେ ସରକାରୀ ନୀତିର ଅଭାବ କାରଣରୁ ସମାଜର ଏକ ବଡ଼ ଭାଗ ଜନତା ଅନାହାର ଏବଂ ପୁଷ୍ଟହୀନତା ମଧ୍ୟରେ ବଞ୍ଚିବାକୁ ବାଧ୍ୟ ହେଉଛନ୍ତି। ଆମ ଦେଶରେ ବି ସେହି କାରଣରୁ ଖାଦ୍ୟଶସ୍ୟର ବିପୁଳ ଉତ୍ପାଦନ ଓ ମହଜୁଦ ସତ୍ତ୍ୱେ ଦେଶର ଏକ ବଡ଼ଭାଗ ଲୋକ ଭୋକିଲା ଓ ପୁଷ୍ଟିହୀନ ରହିବାକୁ ବାଧ୍ୟ ହେଉଛନ୍ତି।

ଦେଶର ଗ୍ରାମାଞ୍ଚଳର ୭୫ପ୍ରତିଶତ ଏବଂ ସହରାଞ୍ଚଳର ୫୦ପ୍ରତିଶତ ଜନତାଙ୍କ ଖାଦ୍ୟ ସୁରକ୍ଷାର ସମସ୍ୟା ରହିଛି ବୋଲି ସ୍ୱୀକାର କରି ୨୦୧୩ରେ ତତ୍କାଳୀନ ସରକାର ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ପ୍ରଣୟନ କରିଥିଲେ। ଏକ ଶକ୍ତିଶାଳୀ ଗଣ ବଣ୍ଟନ ବ୍ୟବସ୍ଥାର ଅନୁପସ୍ଥିତି ଭୋକର ସ୍ଥିତିକୁ ଅଧିକ ଖରାପ କରୁଥିବାରୁ ସରକାର ଖାଦ୍ୟ ସୁରକ୍ଷାର ସଙ୍କଟକୁ ଦୂର କରିବା ପାଇଁ ସାର୍ବଜନୀନ ଗଣବଣ୍ଟନ ଯୋଜନା କରିବେ ବୋଲି ଆଶା କରାଯାଉଥିଲା। କିନ୍ତୁ ପରିତାପର ବିଷୟ ହେଲା, ଖାଦ୍ୟ ସୁରକ୍ଷା ଆଇନ ଅନ୍ତର୍ଗତ ସରକାର ଦେଶରେ ଭୋକିଲା ଜନତାଙ୍କୁ ଯେଉଁ ଖାଦ୍ୟଶସ୍ୟ ବଣ୍ଟନ କରୁଛନ୍ତି ତାହା ଉଭୟ ମାନ ଓ ପରିମାଣ ଦୃଷ୍ଟିରୁ ଅପର୍ଯ୍ୟାପ୍ତ। ଖୋଦ୍ କେନ୍ଦ୍ର ସରକାରଙ୍କ ଆଇସିଏମ୍‌ଆର୍ ସଂସ୍ଥା ଜଣେ ବ୍ୟକ୍ତି ପାଇଁ ମାସିକ ସର୍ବନିମ୍ନ ୧୫ କିଲୋ ଖାଦ୍ୟଶସ୍ୟ ଜରୁରୀ ବୋଲି କହୁଥିବା ବେଳେ ସରକାର ଖାଦ୍ୟ ସୁରକ୍ଷା ଆଇନରେ ମାତ୍ର ପାଞ୍ଚ କିଲୋ ଖାଦ୍ୟଶସ୍ୟ ପ୍ରଦାନ କରୁଛନ୍ତି। ଏପରି କି ଶରୀର ପୁଷ୍ଟିହୀନତା ଦୂର ପାଇଁ ଡାଲି ଏବଂ ଖାଇବା ତେଲର ଆବଶ୍ୟକତା ରହିଥିବା ବେଳେ ସରକାରଙ୍କ ଖାଦ୍ୟ ସୁରକ୍ଷା କାର୍ଯ୍ୟକ୍ରମ କେବଳ ଚାଉଳ ଏବଂ ଗହମ ଉପରେ ହିଁ ପର୍ଯ୍ୟବସିତ ରହି ଲୋକଙ୍କୁ ପୁଷ୍ଟିସାର ଖାଦ୍ୟରୁ ବଞ୍ଚିତ କରୁଛି।

ଦେଶରେ ଅନାହାର ଓ ପୁଷ୍ଟିହୀନତାର ଅନ୍ୟତମ ବଡ଼ କାରଣ ହେଲା, ଲୋକଙ୍କ କ୍ରୟଶକ୍ତିରେ ହ୍ରାସ ଯୋଗୁ ବଜାରରୁ ଖାଦ୍ୟ କିଣିବାରେ ଲୋକଙ୍କ ଅସମର୍ଥତା। ଖାଦ୍ୟ ଓ କୃଷି ସଙ୍ଗଠନର ହିସାବ ଅନୁଯାୟୀ ଚାଉଳ ଓ ଗହମ ପରି ଶକ୍ତିବର୍ଦ୍ଧକ ଖାଦ୍ୟ ବାବଦରେ ବ୍ୟକ୍ତି ପିଛା ଦୈନିକ ୦.୭୯ ଡଲାର ଦରକାର ପଡୁଥିବା ବେଳେ ପୁଷ୍ଟିସାର ଜନିତ ଖାଦ୍ୟ ବାବଦରେ ୧.୯ ଡଲାର ଏବଂ ସ୍ୱାସ୍ଥ୍ୟ ବର୍ଦ୍ଧକ ଖାଦ୍ୟ ବାବଦରେ ଦୈନିକ ୩.୪୧ ଡଲାର ଖର୍ଚ୍ଚ କରିବାକୁ ପଡ଼ିଥାଏ। ଖାଦ୍ୟ ଓ କୃଷି ସଙ୍ଗଠନର ରିପୋର୍ଟ ଅନୁଯାୟୀ ଦେଶରେ ଭାତ ଓ ରୁଟି ପରି ଶକ୍ତି ବର୍ଦ୍ଧକ ଖାଦ୍ୟ ପାଇବାରେ ଅସମର୍ଥ ଜନତାଙ୍କ ସଂଖ୍ୟାରେ ମାତ୍ର ୦.୯ପ୍ରତିଶତ ହ୍ରାସ ପାଇଥିବା ବେଳେ ୩୯.୧ପ୍ରତିଶତ ଲୋକ ପୁଷ୍ଟିସାର ଖାଦ୍ୟରୁ ବଞ୍ଚିତ ଏବଂ ୭୭.୯ପ୍ରତିଶତ ଲୋକ ସ୍ୱାସ୍ଥ୍ୟ ବର୍ଦ୍ଧକ ଖାଦ୍ୟ ପାଇବାରୁ ବଞ୍ଚିତ ଅଟନ୍ତି।

ବିଶ୍ୱ କ୍ଷୁଧା ସୂଚକାଙ୍କ ରିପୋର୍ଟ ଦେଶର ସଂଖ୍ୟାଗରିଷ୍ଠ ଲୋକଙ୍କ ଖାଦ୍ୟ ଅସୁରକ୍ଷାର ଭୟଙ୍କର ସ୍ଥିତିକୁ ପୁଣିଥରେ ଆମ ସାମ୍ନାକୁ ଆଣିଛି। ଅତଏବ ସରକାର ଏହାକୁ ଗମ୍ଭୀରତାର ସହିତ ନେଇ ନିଜର ଖାଦ୍ୟ ସୁରକ୍ଷାର କୌଶଳକୁ ପୁନଃ ନିର୍ଦ୍ଧାରିତ କରିବାକୁ ହେବ। ତାତ୍କାଳିକ ଭାବେ ସରକାରୀ ଖାଦ୍ୟ ସୁରକ୍ଷା କାର୍ଯ୍ୟକ୍ରମରେ ଲୋକଙ୍କୁ ପୁଷ୍ଟିସାରଯୁକ୍ତ ଖାଦ୍ୟକୁ ସହଜରେ ଏବଂ ସୁଲଭରେ ଯୋଗାଇବାର ବ୍ୟବସ୍ଥା କରିବାକୁ ହେବ ଏବଂ ଦୀର୍ଘକାଳୀନ ଭିତ୍ତିରେ ଲୋକେ ଯେପରି ସ୍ୱାସ୍ଥ୍ୟବର୍ଦ୍ଧକ ଖାଦ୍ୟ ପାଇବାକୁ ସକ୍ଷମ ହେବେ ସେଥିପାଇଁ ଆବଶ୍ୟକୀୟ ଅର୍ଥନୈତିକ ପଦକ୍ଷେପ ଗ୍ରହଣ କରିବାକୁ ହେବ।

ମୋ:୯୪୩୭୧୬୭୩୯୧

## ଏଇ ଭାରତରେ

୧୦୫ ବର୍ଷ ବୟସରେ ଜଣେ ମହିଳା ଚାଷ କରିବା କଥା କେବେ ଚିନ୍ତା କରିପାରୁଛନ୍ତି। ହେଲେ ଏହା ସମ୍ଭବ ହୋଇଛି ପାପ୍ପାମାଲଙ୍କ ଦ୍ୱାରା। ତାମିଲନାଡୁର ଏହି ମହିଳା ଜଣକ ୧୯୧୪ରେ ଦେଭାଲପୁରମ୍‌ରେ ଜନ୍ମଗ୍ରହଣ କରିଥିଲେ। ପିଲାଦିନେ ମାତାପିତାଙ୍କୁ ହରାଇବା ପରେ କୋଏମ୍ବାଟୁର ଜିଲାର ଟେକାମପଟିରେ ତାଙ୍କ ମାମୁ ଘରେ ବଢ଼ିଥିଲେ। ପରେ ସେ ସେଇଠି ରହି ଚାଷ କାମ ଶିଖିଥିଲେ। ସଂଖ୍ୟା ଗଣିବା ଓ ମିଶାଇବା ବ୍ୟତୀତ ଅଧିକ ପଢ଼ିନାହାନ୍ତି। ତାଙ୍କ ଆଈଙ୍କ ଦେହାନ୍ତ ପରେ ସେ ଏକ ଗ୍ରସେରି ଦୋକାନ କରି ପରିବାର ଚଳାଇଲେ। ଯାହା ଆୟ କଲେ ସେଥିରେ ସେ ୧୦ ଏକର ଜମି କିଣି ଚାଷ ଆରମ୍ଭ କରି ୬୦ ବର୍ଷ ହେବ ଚାଷ କରୁଛନ୍ତି। ପ୍ରଥମେ ସେ ବିଭିନ୍ନ ପ୍ରକାର ଶସ୍ୟ ତଥା ପନିପରିବା ଚାଷ ଆରମ୍ଭ କରିଥିଲେ। ଚାଷ ସମ୍ବନ୍ଧରେ ତାମିଲନାଡୁ କୃଷି ବିଶ୍ୱବିଦ୍ୟାଳୟରୁ ସେ ପ୍ରଶିକ୍ଷଣ ଲାଭକରିବା ସହ 'ଶ୍ରେଷ୍ଠ ଚାଷୀ'ର ସମ୍ମାନ ମଧ୍ୟ ପାଇଛନ୍ତି। ଉକ୍ତ କୃଷି ବିଶ୍ୱବିଦ୍ୟାଳୟରେ ଚାଷ ସମ୍ପର୍କରେ ମଧ୍ୟ ତଙ୍କର ଡିବେଟ୍ ଉପସ୍ଥାପନ କରିଛନ୍ତି। ୧୯୫୯ରେ ସେ ପ୍ରଥମେ ଟେକାମପଟି ପଞ୍ଚାୟତର ମୁଖ୍ୟ ଭାବେ ନିର୍ବାଚିତ ହୋଇଥିଲେ। ସମୟକ୍ରମେ ୧୦ ଏକର ଜମିରୁ କିଛି ବିକ୍ରି କରିବା ପରେ ଏ ବୟସରେ ୨.୫ ଏକର ଜମିରେ ବୈଜ୍ଞାନିକ ପଦ୍ଧତିରେ ଚାଷ କରୁଛନ୍ତି। ପ୍ରତିଦିନ ବିଲକୁ ଯାଉଛନ୍ତି ଓ ଶାରୀରିକ ପରିଶ୍ରମ କରୁଛନ୍ତି। ଦୁଇଟି ବିଶ୍ୱଯୁଦ୍ଧ, ଭାରତର ସ୍ୱାଧୀନତା, ଏକାଧିକ ପ୍ରାକୃତିକ ବିପର୍ଯ୍ୟୟ ତଥା ଏବକାର କୋଭିଡ୍-୧୯ ମହାମାରୀକୁ ଦେଖିଥିବା ପାପ୍ପାମଲ କୁହନ୍ତି, କୃଷିକ୍ଷେତ୍ରରେ ଯୁବପିଢ଼ି ଅଧିକ ସାମିଲ ହେଲେ ଦେଶ ଆଗକୁ ବଢ଼ିବ। ୧୦୫ ବର୍ଷ ବୟସରେ ତାଙ୍କ ରକ୍ତଚାପ ଓ ସୁଗାର ସ୍ତର ଶତପ୍ରତିଶତ ନର୍ମାଲ ରହିଛି। କଠିନ ପରିଶ୍ରମ ଦ୍ୱାରା ସବୁକିଛି ହାସଲ କରିହୁଏ ଓ ବୟସ କୌଣସି ଲକ୍ଷ୍ୟରେ ପହଞ୍ଚିବାରେ ବାଧକ ସାଜେନି ବୋଲି କହନ୍ତି ପାପ୍ପାମଲ।

# କମ୍ପ୍ୟୁଟର ସାକ୍ଷରତା ଓ ଶିକ୍ଷଣ ପ୍ରକ୍ରିୟା



ସଂଯୁକ୍ତା ମହାପାତ୍ର

ଆମେ ସମସ୍ତେ ଜାଣନ୍ତି ଏବେ ବିଜ୍ଞାନଯୁଗର ନାମ କମ୍ପ୍ୟୁଟର ଯୁଗ ହୋଇସାରିଛି। ଦୈନନ୍ଦିନ କାର୍ଯ୍ୟ ନିମନ୍ତେ ସମସ୍ତେ ପ୍ରତ୍ୟକ୍ଷ ବା ପରୋକ୍ଷଭାବେ ଆମେ କମ୍ପ୍ୟୁଟର ଉପରେ ନିର୍ଭରଶୀଳ। ସାମାଜିକ, ଅର୍ଥନୈତିକ ଜୀବନକୁ ଏକ ଡିଜିଟାଲ ଅଂଶ ଦଳ କ୍ରମେ ଅଧିକରୁ ଅଧିକ ଦଖଲ କରୁଥିବା କାରଣରୁ ଏହି ସୁବିଧାକୁ ଉପଯୋଗ କରିପାରୁ ନ ଥିବା ଆମ ସମାଜର ଗ୍ରାମୀଣ, ଦରିଦ୍ର, ବୟସ୍କ ଓ ଦିବ୍ୟାଙ୍ଗ, ଯେଉଁମାନଙ୍କର କମ୍ପ୍ୟୁଟର ବା ଇଣ୍ଟରନେଟ ଜ୍ଞାନ ସମ୍ବନ୍ଧରେ ଦଖଲ ନାହିଁ, ସେମାନେ କମ୍ପ୍ୟୁଟର କାର୍ଯ୍ୟରୁ ବଞ୍ଚିତ ହେଉଛନ୍ତି।

ଓମସ୍ୟାର ଆକଳନ କରିବା ନିମନ୍ତେ ଗବେଷଣା କରୁଥିବା ଆଟଲାସ ଭି.ପି.ଏନ.ଦଳ ଆନୁମାନିକ ହିସାବ କରନ୍ତି ଯେ ଭାରତରେ ଇଣ୍ଟରନେଟ ବ୍ୟବହାରକାରୀ ୨୦୨୫ ମସିହା ବେଳକୁ ଏକଶତ କୋଟିରେ ପହଞ୍ଚି ସାରିଥିବେ। କିନ୍ତୁ ୨୦୧୫ ମସିହା ବେଳକୁ ଇଣ୍ଟରନେଟ ବ୍ୟବହାରକରୀ ସଂଖ୍ୟା ଥିଲା ମାତ୍ର ୧୯ପ୍ରତିଶତ। ସମ୍ପ୍ରତି ୨୦୨୦ ମସିହାରେ କମ୍ପ୍ୟୁଟର ବ୍ୟବହାରକାରୀଙ୍କ ପରିସଂଖ୍ୟା ଶତକଡା ୫୦ପ୍ରତିଶତ ଭାଗରେ ପହଞ୍ଚି ସାରିଛି। ଏହାର ଅର୍ଥ ଭାରତର ସମସ୍ତ ଜନସଂଖ୍ୟା ମଧ୍ୟରୁ ଅର୍ଦ୍ଧେକ ଜନସଂଖ୍ୟା ଇଣ୍ଟରନେଟ ବ୍ୟବହାର କରୁଛନ୍ତି। ଏହି ପରିସ୍ଥିତିରେ ପରିମାଣର ଚିତ୍ର ସମଗ୍ର ବିଶ୍ୱରେ ବିସ୍ତୃତଭାବେ ଭିନ୍ନଭିନ୍ନ ଭାବେ ଦେଖାଯାଏ। ଅଧିକ ବିକଶିତ ଦେଶମାନଙ୍କରେ ଇଣ୍ଟରନେଟ ବ୍ୟବହାରକରୀ ସଂଖ୍ୟା ୮୦ପ୍ରତିଶତ ଥିବାବେଳେ, ବିକାଶୋନ୍ମୁଖୀ ଦେଶଗୁଡ଼ିକରେ ବିଜ୍ଞାନ ଆଧାରିତ ଏହି ଯାନ୍ତ୍ରିକ ବ୍ୟବସ୍ଥାର ବ୍ୟବହାରକାରୀ ସଂଖ୍ୟା ଶତକଡା ୫୦ପ୍ରତିଶତ। କିନ୍ତୁ ସମଗ୍ର ବିଶ୍ୱରେ ଭାରତ ଦ୍ୱିତୀୟ ଇଣ୍ଟରନେଟ ବ୍ୟବହାରକାରୀ ଦେଶ। ଭାରତ ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଡିଜିଟାଲ ସାମର୍ଥ୍ୟର ପ୍ରଥମ ପଦକ୍ଷେପ ଉଭୟ ଇଣ୍ଟରନେଟ ଓ କମ୍ପ୍ୟୁଟର ସାକ୍ଷରତା କ୍ଷେତ୍ରରେ ଏକ ସୁଦୂର ପ୍ରଭାବୀ ଓ ବୈପ୍ଳବିକ ପରିବର୍ତ୍ତନ ଆଣିପାରିଛି। ବିଭିନ୍ନ କ୍ଷେତ୍ରରେ ବ୍ୟବହାର ହେଉଥିବା ଇ-ପ୍ରଶାସନିକ ସେବା ବିଶେଷକରି ଇ-କାର୍ଯ୍ୟାଳୟ, ଏମ.ସିଏ. ୨୧, ଇ ଜିଲା, ଇ ବିଚାରାଳୟ ଇତ୍ୟାଦି ସୁଶାସନ ଓ ପ୍ରଶାସନିକ କ୍ଷେତ୍ରରେ ଏକ ଉତ୍ତମ ପଦକ୍ଷେପ। କେନ୍ଦ୍ର ସରକାରଙ୍କ ଡିଜିଟାଲ ଭାରତ ଯୋଜନା ଏକ ଛତା ଯୋଜନା, ଯାହା କି ଭାରତକୁ ଏକ ଜ୍ଞାନ ଆଧାରିତ ଦେଶରେ ପରିବର୍ତ୍ତିତ କରିପାରିବ। ବିଭିନ୍ନ ପ୍ରକାର ଚିନ୍ତା, କୌଶଳ, ଭାବନାର ବିସ୍ତୃତ ଜୁଆର ଜଣକ ଦୃଷ୍ଟିଶକ୍ତିକୁ ଏକାବେଳେ ପ୍ରଭାବିତ କରି ବୃହତ୍ ଲକ୍ଷ୍ୟ ସାଧନର ଅଂଶୀଦାର କରିପାରିବ। ମୋ ସରକାର, ଡିଜି ଲକ୍‌ରସ୍, ଇ-ଚିକିତ୍ସାଳୟ, ଅନ୍‌ଲାଇନ ରେଜିଷ୍ଟ୍ରେଶନ, ପ୍ରଗତି, ଦର୍ପଣ ଇତ୍ୟାଦି ଡିଜିଟାଲ ଭାରତ ଗଠନ ନିମନ୍ତେ ଗୋଟିଏ ଗୋଟିଏ ଯୋଜନା। ଆମେ କହିପାରିବା ଯେ ମୋବାଇଲ ଫୋନର ବୈଜ୍ଞାନିକ ଜ୍ଞାନକୌଶଳ କ୍ଷେତ୍ରରେ ଆସିଥିବା ବୈପ୍ଳବିକ ପରିବର୍ତ୍ତନ ସ୍ମାର୍ଟ ଫୋନକୁ ସୁଲଭ ମୂଲ୍ୟରେ ଆର୍ଥିକ ଅନଗ୍ରସର ଶ୍ରେଣୀର ଲୋକମାନଙ୍କ ନିକଟରେ ପହଞ୍ଚାଇପାରିଛି। ପାଞ୍ଚବର୍ଷ ବୟସରୁ ଅଧିକ ବର୍ଷର ଲୋକ, ଯେଉଁମାନେ ମୋବାଇଲ ବ୍ୟବହାର କରିଥାନ୍ତି ସେମାନଙ୍କର ଏକ ତୁଳନାତ୍ମକ ସଂଖ୍ୟା ଦେଖିଲେ ଜଣାପଡେ ଗ୍ରାମରେ ୧୨.୯ପ୍ରତିଶତ ପୁରୁଷ ଓ ୭ପ୍ରତିଶତ ମହିଳା ହୋଇଥିବାବେଳେ ସହରରେ ୩୭.୫ପ୍ରତିଶତ ପୁରୁଷ ଓ ୨୬.୯ପ୍ରତିଶତ ମହିଳା ମୋବାଇଲ ବ୍ୟବହାର କରିଥାନ୍ତି। ଏଥିରୁ ଜଣାପଡେ ସହର ଲୋକମାନେ ଗ୍ରାମ ଅପେକ୍ଷା ଅଧିକ ସଂଖ୍ୟାରେ ମୋବାଇଲ ବ୍ୟବହାର କରିଥାନ୍ତି। ଆଉ ଇଣ୍ଟରନେଟ କ୍ଷେତ୍ରରେ ଦେଖିଲେ ଗ୍ରାମରେ ୧୭.୧ପ୍ରତିଶତ ପୁରୁଷ, ୮.୫ପ୍ରତିଶତ ମହିଳା, ସହରରେ ୪୩.୫ପ୍ରତିଶତ ପୁରୁଷ, ୩୦.୧ପ୍ରତିଶତ ମହିଳା ବ୍ୟବହାର କରିଥାନ୍ତି। ପରିସଂଖ୍ୟାରୁ ଜଣାଯାଏ ଇଣ୍ଟରନେଟ ବ୍ୟବହାରର ଚିତ୍ର ଯଥେଷ୍ଟ ନୁହେଁ। କେନ୍ଦ୍ର ସରକାରଙ୍କ ପୂର୍ବତନ ଟେଲିକମ୍ୟୁନିକେଶନ ବିଭାଗର ଶାସନ ସଚିବ ଓ କେରଳ କୋଭିଡ୍ -୧୯ର ପରିଚାଳନା କମିଟି ସଦସ୍ୟ ଅରୁନ ସୁନ୍ଦରରାଜନ କୁହନ୍ତି 'ଗୋଟିଏ ସ୍ତରରେ ଆମେ ସମସ୍ତେ ଏକମତ ଯେ ଇଣ୍ଟରନେଟ ଅପରିହାର୍ଯ୍ୟ, ଅନ୍ୟସ୍ତରରେ ନିଷ୍ପତ୍ତି କର୍ତ୍ତାମାନେ ଏହା ଉପରେ ଯଥେଷ୍ଟ ଦୃଷ୍ଟି ଦେଉନାହାନ୍ତି।'

ଆଇନଜ୍ଞ ଓ ସରକାରଙ୍କ ନୀତି ଗବେଷକ ଓ ଛାତ୍ରୀଛାତ୍ରଙ୍କ ସହିତ ସମ୍ପର୍କରେ ରହୁଥିବା ସ୍ମୃତି ପାରଶୀରା, ଏହି ସମସ୍ୟାର ଅନ୍ୟ ଏକ ପରିମେୟ ପରିସର ସମ୍ପର୍କରେ କୁହନ୍ତି 'ଅନେକ ଛାତ୍ରୀଛାତ୍ର ଏପରି ପରିବାରରୁ ଆସିଛନ୍ତି , ଯେଉଁ ପରିବାରରେ ଗୋଟିଏ ଫୋନ ବ୍ୟବହାର ହୋଇଥାଏ।'

ମୋବାଇଲ ବ୍ୟବହାର କ୍ଷେତ୍ରରେ ଲିଙ୍ଗୀୟ ବ୍ୟବଧାନ କେବଳ ଅର୍ଥନୈତିକ କ୍ଷେତ୍ରରେ ନୁହେଁ ସାମାଜିକ ଓ ସାଂସ୍କୃତିକ କ୍ଷେତ୍ରରେ ମଧ୍ୟ ଭିନ୍ନତା ପ୍ରଦର୍ଶନ କରେ। ତେଣୁ ଏହି ବ୍ୟବଧାନ ଦୂର ନ ହେବାଯାଏ ସାମଗ୍ରିକ ବିକାଶ ଅସମ୍ଭବ। ସମଗ୍ର ବିଶ୍ୱ ଚତୁର୍ଥ ଶିଳ୍ପବିପ୍ଳବ, ଯାହା କ୍ଷୁଦ୍ରତମ ରାସାୟନିକ ଅଂଶନିର୍ମାଣ କ୍ଷେତ୍ରରେ ବିପ୍ଳବ ଆଣିବାକୁ ଯାଉଛି, ସେଥିରେ ଦ୍ରୁତ ଦୌଡରେ ଥିବାବେଳେ ଆମେ ଲିଙ୍ଗଗତ, ଗ୍ରାମ ଓ ସହର ସମ୍ପର୍କିତ ବୈଷମ୍ୟର ସମ୍ମୁଖୀନ ହେଉଛନ୍ତି। ଆମପାଖରେ ସଂରଚନାର ଅଭାବ ସହିତ ଡିଜିଟାଲ ଶିକ୍ଷାଦେବା ନିମନ୍ତେ କୁଶଳୀ ପ୍ରଶିକ୍ଷକ ନାହାନ୍ତି କିମ୍ବା ସମାଜର ଗରିବ ଓ ବୟସ୍କମାନଙ୍କ ନିକଟରେ ଏହି ବୈପ୍ଳବିକ ପରିବର୍ତ୍ତନ ପହଞ୍ଚି ପାରୁନାହିଁ। ଏହାସହିତ ସାଇବର ସୁରକ୍ଷା ଓ ସଂଗୃହୀତ ସ୍ୱୀକୃତ ସିଦ୍ଧାନ୍ତର ସୁରକ୍ଷା ସମଗ୍ର ଦେଶ ପାଇଁ ଅନ୍ୟ ଏକ ସମସ୍ୟା ଭାବେ ଦେଖାଦେଉଛି।

ଉପରୋକ୍ତ ପରିସ୍ଥିତିରେ ଆମକୁ ନିଜେ ଓ ସମାଜକୁ ପ୍ରଗତିଶୀଳ କରିବା ଆବଶ୍ୟକ। ପାଞ୍ଚବର୍ଷ ହେଲା ସରକାରୀ ଓ ବେସରକାରୀ ସ୍ତରରୁ ପ୍ରତ୍ୟେକଙ୍କୁ କମ୍ପ୍ୟୁଟର ସାକ୍ଷର ହେବାପାଇଁ ପ୍ରୋତ୍ସାହିତ କରାଯାଉଛି। ୨୦୧୪ରେ ଜାତୀୟ ଡିଜିଟାଲ ସାକ୍ଷର ମିଶନର ଲକ୍ଷ୍ୟ ଥିଲା ଏକ ଲକ୍ଷ ଲୋକଙ୍କୁ କେତେକ ନିର୍ଦ୍ଦିଷ୍ଟ ଜିଲାରେ ସାକ୍ଷର କରିବା। ଡିଜିଟାଲ ସାକ୍ଷର ଅଭିଯାନ ମଧ୍ୟ ସେହି ବର୍ଷ ଆରମ୍ଭ କରାଯାଇଥିଲା ଓ ଏହାର ଲକ୍ଷ୍ୟ ଥିଲା ୪.୨ ଲକ୍ଷ ଲୋକଙ୍କୁ ଚାରିବର୍ଷ ମଧ୍ୟରେ କମ୍ପ୍ୟୁଟର ସାକ୍ଷର କରିବା।

ଏବେ କରୋନାରେ ସମଗ୍ର ବିଶ୍ୱ କବଳିତ। ସାମାଜିକ ଦୂରତ୍ୱ, ସଙ୍ଗରୋଧ କାରଣରୁ କମ୍ପ୍ୟୁଟର ସାକ୍ଷରତା ଅପରିହାର୍ଯ୍ୟ ହୋଇପଡିଛି। ବିଶେଷ କରି ଛାତ୍ରୀଛାତ୍ର ଓ ଶିକ୍ଷକ ସମାଜ ବହୁ ଭାବେ ପ୍ରଭାବିତ ହେଉଛନ୍ତି। ମୋବାଇଲ ଫୋନ ଅଭାବରୁ ଛାତ୍ରୀମାନେ ଗୃହ କାର୍ଯ୍ୟରେ ବ୍ୟସ୍ତ ରହୁଛନ୍ତି। ଆର୍ଥିକ ଅନଗ୍ରସର ଓ ପ୍ରବାସୀମାନଙ୍କର ପିଲାମାନଙ୍କ ପାଖରେ ମୋବାଇଲ ନ ଥିବାରୁ, ସେମାନେ ଶିକ୍ଷାଗ୍ରହଣରୁ ବଞ୍ଚିତ ରହୁଛନ୍ତି। ଗ୍ରାମାଞ୍ଚଳରେ ଦାରିଦ୍ର୍ୟ ସହିତ 'ନେଟ' ଉପଲବ୍ଧ ଠିକ ଭାବେ ହେଉ ନ ଥିବାରୁ ଛାତ୍ରୀଛାତ୍ରମାନେ ନାନା ଅସୁବିଧାର ସମ୍ମୁଖୀନ ହେଉଥିବାବେଳେ ଶିକ୍ଷକମାନେ ଠିକ୍‌ଭାବେ ପ୍ରଶିକ୍ଷଣ ଗ୍ରହଣ କରି ନ ଥିବାରୁ ଗୁଣାତ୍ମକ ଶିକ୍ଷା ପ୍ରକ୍ରିୟା ଅନେକ ଶିକ୍ଷକଶିକ୍ଷୟିତ୍ରୀଙ୍କ କ୍ଷେତ୍ରରେ ଏକ ପ୍ରହସନରେ ପରିଣତ ହେଉଛି। ସରକାରୀ ବିଦ୍ୟାଳୟଗୁଡ଼ିକରେ ଆର୍ଥିକ ଅନଗ୍ରସର ଶ୍ରେଣୀର ଓ ଗ୍ରାମାଞ୍ଚଳର ଛାତ୍ରୀଛାତ୍ରମାନେ ଅଧ୍ୟୟନ କରୁଥିବାରୁ ଏହି ସମସ୍ୟା ଅଧିକ ଜଟିଳ ହୋଇପଡିଛି।

ମୋ-୯୬୫୮୪୮୨୦୧୪

## ଚିରନ୍ତନୀ

ମଳିନ କ୍ଷୀଣ ଧୂସର ଦେହ
ତୁଟିଛି ତା'ର ଆକାଶ ଗେହ
ଭୂତଳେ ପଡ଼ି ପରାଣ ତା'ର
ମାଗଇ ସୁଖ ମାଗଇ ସ୍ନେହ।
-(କବିର ବ୍ୟଥା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### କରୋନା ପଜିଟିଭ ପରିବାରଙ୍କୁ ସହାୟତା ମିଳୁ

ମହାଶୟ,

ଏବେ ଅନେକ ଜିଲାରେ ଦୈନିକ ଶତାଧିକ ରୋଗୀ ଚିହ୍ନଟ ହେଉଛନ୍ତି। ସେମାନଙ୍କ ଭିତରୁ କିଛିଙ୍କୁ ଡାକ୍ତରଖାନାରେ ଚିକିତ୍ସା କରାଯାଉଥିବା ବେଳେ ଅନେକ ରୋଗୀଙ୍କୁ ହୋମ୍ କ୍ୱାରାଣ୍ଟାଇନରେ ରହିବାକୁ ପରାମର୍ଶ ଦିଆଯାଉଛି। ସେମାନଙ୍କୁ କେବଳ କିଛିଟା ଔଷଧ ଦିଆଯାଉଛି। ରୋଗୀ ଚାକିରି କରିଥିଲେ କିଛି ଅସୁବିଧା ନାହିଁ। ହେଲେ ସାଧାରଣ ଲୋକ ହୋଇଥିଲେ ତା'ର ରୋଜଗାର ନାହିଁ କି ପରିବାର ଲୋକ ତା'ପାଇଁ ବାହାରକୁ ଯାଇପାରୁ ନାହାନ୍ତି। ଏ କ୍ଷେତ୍ରରେ ସେମାନେ ପ୍ରତିପୋଷଣ ହେବେ କେମିତି ? ତେଣୁ ଏ କଥାକୁ ବିଚାର କରି ସରକାର ସେମାନଙ୍କ ପରିବାର ସଦସ୍ୟଙ୍କ ସଂଖ୍ୟା ଦେଖି ୧୫ରୁ ୨୦ ଦିନ ଚଳିଲାଭଳି ଆର୍ଥିକ ସହାୟତା କରନ୍ତୁ।

-ସନ୍ନ୍ୟାସୀ ମହାରଣା, ଆଦିମାତା କଲୋନୀ, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ସଂକ୍ଷେପରେ**

## ଓଡ଼ିଶାର ବାନ୍ଧକଳା ହେବ ବିଶ୍ୱବ୍ରାଣ୍ଡ

### ମୁଖ୍ୟ ଶାସନ ସଚିବଙ୍କ ଗୁରୁତ୍ୱ

**ଭୁବନେଶ୍ୱର, ୨।୧୧(ବ୍ୟୁରୋ):** ଜାତୀୟସ୍ତରରେ ଏକ ଉତ୍କୃଷ୍ଟ ପାରମ୍ପରିକ ହସ୍ତତନ୍ତର ମାନ୍ୟତା ହାସଲ କଲାପରେ ଓଡ଼ିଶାର ବାନ୍ଧକଳା(ଇକାତ୍) ଏବେ ଏକ ବିଶ୍ୱବ୍ରାଣ୍ଡ ହେବାକୁ ଯାଉଛି। ମୁଖ୍ୟ ଶାସନ ସଚିବ ଅସିତ୍ ତ୍ରିପାଠୀଙ୍କ ଅଧକ୍ଷତାରେ ସୋମବାର ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ଏନେଇ ଆଲୋଚନା ହୋଇଛି। ଲୋକ ସେବା ଭବନରୁ ଡ଼ିଜିଟାଲ୍ ମୋଡ୍‌ରେ ଅନୁଷ୍ଠିତ ବୈଠକରେ ବିଭାଗୀୟ ସଚିବ ଏସମ୍ବନ୍ଧୀୟ ପ୍ରସ୍ତାବ ଉପରେ ଆଲୋଚନା ଲାଗି ତଥ୍ୟ ଉପସ୍ଥାପିତ କରିଛନ୍ତି। ସମୀକ୍ଷାରୁ ଜଣାପଡିଛି, ଓଡ଼ିଶାର ପଶାପାଲି, ସୋନପୁରୀ, ବମକେଇ ଏବଂ କୋଟପାଡ୍ ଆଦି ଇକାତ୍ ଡିଜାଇନ୍‌ର ବଜାର ଚାହିଦା ରହିଛି। ଏହିସବୁ ବ୍ରାଣ୍ଡକୁ ବିଶ୍ୱସ୍ତରୀୟ କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଏ ଗୁଡିକର ବୁଣବଓା, ରଙ୍ଗ ଓ ମିଶ୍ରିତ ଡିଜାଇନ୍ ଆଦିକୁ ଉଚ୍ଚମାନର କରିବା ସହ ସେଗୁଡିକୁ ବିଶ୍ୱସ୍ତରୀୟ ବ୍ରାଣ୍ଡ, ପ୍ରଚାର ଓ ପ୍ରସାର କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ବିଭାଗୀୟ ନିର୍ଦ୍ଦେଶକ ଜ୍ୟୋତିପ୍ରକାଶ ଦାସ କହିଛନ୍ତି, ବରଗଡ, ସୋନପୁର, କଳାହାଣ୍ଡି ଓ କୋରାପୁଟ ଅଞ୍ଚଳର ବୁଣାକାରମାନେ ଏହିସବୁ ଡିଜାଇନ୍ ପ୍ରସ୍ତୁତିରେ ସିଦ୍ଧହସ୍ତ। ପାରମ୍ପରିକ ବ୍ୟତୀତ ବର୍ତ୍ତମାନ ୧୬୬ ନୂଆ ଡିଜାଇନ୍ ପ୍ରସ୍ତୁତ କରାଯାଇଛି। ୨ୟ ପର୍ଯ୍ୟାୟ 'ଡିଜାଇନ୍ ଏବଂ ରେଫରେନ୍ସ' ସଂଗ୍ରହ ଆରମ୍ଭ ହୋଇଛି। ବିଭାଗୀୟ ଶାସନ ସଚିବ କହିଛନ୍ତି, ଓଡ଼ିଶା ବୟନ ବିପଣନୀକୁ ବାର୍ଷିକ ପ୍ରାୟ ୬୦୦ରୁ ୭୦୦ କୋଟି ଟଙ୍କାରେ ପହଞ୍ଚାଯାଇ ପାରିଛି। ଆସନ୍ତା ବର୍ଷ ଏହାକୁ ବହୁଗୁଣିତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ବରଗଡ 'ବାଲିଜୁରି' ହାଟକୁ ଏସିଆର ବୃହତ୍ତମ ପାରମ୍ପରିକ ପୋଷାକ ବଜାରଭାବେ ବିକଶିତ କରିବାକୁ ସ୍ଥିର କରାଯାଇଛି। ଏଠାରେ ସମସ୍ତ ଆଧୁନିକ ଡିଜାଇନ୍ ଏବଂ ଅନ୍ତର୍ଜାତିକ ବଜାର ସଂଯୋଗ ସୁବିଧା ସୃଷ୍ଟି କରିବା ପାଇଁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। 'ଜେମ୍' ପୋର୍ଟାଲ୍ ସହ ବଣାକାରଙ୍କୁ ସଂଯୋଜିତ କରାଯିବ। ଯାହାଦ୍ୱାରା ସେମାନେ ସିଧାସଳଖ ସର୍ବୋତ୍ତମ ମୂଲ୍ୟରେ ନିଜର ଉତ୍ପାଦ ବିକ୍ରି କରିପାରିବେ।

# ଚିଲିକାରେ ବିଦେଶୀ ପକ୍ଷୀଙ୍କ ଆଗମନ



**ବାଲୁଗାଁ,୨।୧୧(ଡି.ଏନ୍.ଏ.)**

**ସୁରକ୍ଷା ପାଇଁ ୧୯ କ୍ୟାମ୍ପ, ୨ ଭ୍ରାମ୍ୟମାଣ ସ୍କ୍ୱାଡ୍**

ବାୟୁମଣ୍ଡଳରୁ ଉଷ୍ମତା ହ୍ରାସ ପାଇଥିବା ବେଳେ ଚିଲିକାକୁ ରଙ୍ଗବେରଙ୍ଗର ବିଦେଶୀ ପକ୍ଷୀଙ୍କ ଆଗମନ ଆରମ୍ଭ ହୋଇଛି। ବାଲୁଗାଁ ବନ୍ୟପ୍ରାଣୀ ବିଭାଗ ସୂଚନା ଅନୁଯାୟୀ, ସୋମବାର ସୁଦ୍ଧା ଚିଲିକାକୁ ୧୫ହଜାରରୁ ଊର୍ଦ୍ଧ୍ୱ ପକ୍ଷୀ ଆସିଛନ୍ତି। ତନ୍ମଧ୍ୟରୁ ପକ୍ଷୀ ଅଭୟାରଣ୍ୟ ନଳବଣ ଅଞ୍ଚଳରେ ୬୨୪୩ ବିଦେଶୀ ପକ୍ଷୀଙ୍କ ସମାଗମ ହୋଇଛି। ଚିଲିକାରେ ଶୀତ ଦିନେ ପ୍ରାୟ ୧୬୦ରୁ ଊର୍ଦ୍ଧ୍ୱ ପ୍ରଜାତିର ପକ୍ଷୀଙ୍କ ସମାଗମ ହେଉଥିବା ବେଳେ ବର୍ତ୍ତମାନ ସୁଦ୍ଧା ପ୍ରଥମ ପର୍ଯ୍ୟାୟରେ ୩୧ପ୍ରଜାତିର ପକ୍ଷୀଙ୍କ ଆଗମନ ହୋଇଛି। ସେଥିମଧ୍ୟରୁ ୟୁରାସିଆନ୍ ୱିଜିଅନ୍ ୨୬୪୩, ଗଡୱାଲ ୨୪୫୮, ନର୍ଦନ୍ ପିଣ୍ଟେଲ୍ ୧୫୩୨, ସୋଭଲର ୧୧୦୦, କମନକୁଟ୍ ୯୪୫, ବ୍ରାହ୍ମିଣ ସେଲଡକ୍ ୫୦ରୁ ଊର୍ଦ୍ଧ୍ୱ ଏବଂ ଚିଲିକାକୁ ଶୋଭାବର୍ଦ୍ଧନ କରୁଥିବା ଆକର୍ଷଣୀୟ ଗ୍ରେଟର ଫ୍ଲେମିଙ୍ଗୋ ୨୦(ଏରା ପକ୍ଷୀ) ଆଦି ପ୍ରଜାତିର ପକ୍ଷୀଙ୍କ ଆଗମନ ହୋଇଛି। ବର୍ତ୍ତମାନ ସୁଦ୍ଧା ବିଦେଶାଗତ ଓ ସ୍ଥାନୀୟ ମୋଟ୍ ୫୮ପ୍ରଜାତିର ୩୪ହଜାରରୁ ଊର୍ଦ୍ଧ୍ୱ ପକ୍ଷୀଙ୍କ ସମାଗମ ହୋଇଛି। ଅନ୍ୟପକ୍ଷରେ ପକ୍ଷୀଙ୍କ ସୁରକ୍ଷା ପାଇଁ ୧୯ଟି କ୍ୟାମ୍ପ ଓ ଦୁଇଟି ଭ୍ରାମ୍ୟମାଣ ସ୍କ୍ୱାଡ୍ ଗଠନ କରାଯାଇଛି। ଟାଙ୍ଗୀ ରେଞ୍ଜରେ ସର୍ବାଧିକ ୧୦ଟି କ୍ୟାମ୍ପ, ନଳବଣରେ ୪, ସାତପଡ଼ାରେ ୨, ରମ୍ଭା ୨ ଓ ଚିଲିକାରେ ଗୋଟିଏ କ୍ୟାମ୍ପ କରାଯାଇଛି। ଗୋଟିଏ ସ୍କ୍ୱାଡ୍ ନଳବଣ ଅଞ୍ଚଳରେ ଏବଂ ଅନ୍ୟଟି ବାଲୁଗାଁଠାରୁ ଟାଙ୍ଗୀ ମଧ୍ୟରେ ଥିବା ବିଭିନ୍ନ ଢାବା ଓ ହୋଟେଲରେ ଚଢ଼ାଉ ପାଇଁ ନିୟୋଜିତ କରାଯାଇଛି। ପ୍ରତ୍ୟେକ କ୍ୟାମ୍ପରେ ଗୋଟିଏ ଲେଖାଏ ଯନ୍ତ୍ରଚାଳିତ ବୋଟ୍ ସମେତ ଜଣେ ବନପାଳ କିମ୍ବା ବନରକ୍ଷୀ ଏବଂ ଚିଲିକା ତଟବର୍ତ୍ତୀ ଗ୍ରାମ ପକ୍ଷୀ ସୁରକ୍ଷା ମଞ୍ଚର ୩ଜଣ ଲେଖାଏ ସଦସ୍ୟ ସାମିଲ୍ ହୋଇଛନ୍ତି। ଚିଲିକା ତଟବର୍ତ୍ତୀ ଗ୍ରାମଗୁଡ଼ିକରେ ପକ୍ଷୀ ସୁରକ୍ଷା ସମ୍ପର୍କିତ ବିଭିନ୍ନ ସଚେତନମୂଳକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ବୋଲି ଏସିଏଫ୍ ଶରତ କୁମାର ମିଶ୍ର କହିଛନ୍ତି। ସୂଚନାଥାଉ କି, ଗତବର୍ଷ ସମଗ୍ର ଚିଲିକାରେ ୧୧ଲକ୍ଷ ୪୦ହଜାର ବିଦେଶୀ ପକ୍ଷୀଙ୍କ ସମାଗମ ହୋଇଥିବା ବିଭାଗୀୟ ଗଣନାରୁ ଜଣାପଡ଼ିଥିଲା। ଚଳିତବର୍ଷ ପାଗ ଅନୁକୂଳ ରହିଲେ ପକ୍ଷୀଙ୍କ ସଂଖ୍ୟା ବୃଦ୍ଧିପାଇବ ବୋଲି ପକ୍ଷୀ ବିଶେଷଜ୍ଞ ମତପ୍ରକାଶ କରିଛନ୍ତି।

# କାରକୁ ଧକ୍କା ଦେଇ ବସ୍ ଓଲଟିଲା: ୨ ମୃତ

**ବୌଦ୍ଧ/ ମାଧପୁର, ୨।୧୧(ସ୍ୱ.ପ୍ର.)**

ଅନୁଗୋଳ ଜିଲା କିଆକଟା ଛକଠାରେ ରବିବାର ରାତିରେ ଦୁର୍ଘଟଣା ଘଟିଛି। ରାସ୍ତା ପାର୍ଶ୍ୱରେ ଛିଡା ହୋଇଥିବା କାରକୁ ଧକ୍କା ଦେଇ ଏକ ଯାତ୍ରୀବାହୀ ବସ ଓଲଟିପଡିବାରୁ ଦୁଇଜଣଙ୍କ ମୃତ୍ୟୁ ଘଟିଛି। ଭବାନୀପାଟଣାର ଜର୍ନାଦନ ମହାପାତ୍ର ଓ ତାଙ୍କର ପରିବାର ଓଡି-୦୩-ଜି-୨୨୫୫ ନଂ. ଏକ କାରରେ କାମାକ୍ଷାନଗରକୁ ରବିବାର ଯାଇଥିଲେ। କାମ ସାରି ରାତିରେ ପରିବାର ସହ ଭବାନୀପାଟଣା ଫେରିବା ସମୟରେ ଅନୁଗୋଳ ଜିଲା କିଆକଟା ଛକଠାରେ ରାତି ୧୨ଟାରେ ଗାଡିକୁ ଚାଳକ ରାସ୍ତା କଡରେ ରଖିଥିଲେ। କାରରେ ୮ ଜଣ ଯାତ୍ରୀ ଥିଲେ। କେତେଜଣ ପରିସ୍ରା କରିବାକୁ ଯାଇଥିବା ବେଳେ କାରରେ ଚାଳକ ଶ୍ରୀକୃଷ୍ଣ ଓ ଜର୍ନାଦନ ବସିଥିଲେ। ଏହି ସମୟରେ ବୁର୍ଲାରୁ ବ୍ରହ୍ମପୁର ଯାଉଥିବା ଓଡି ୦୨ ଏକେ ୮୧୮୮ନଂ. ଯାତ୍ରୀବାହୀ ବସ ରାସ୍ତା କଡରେ ଛିଡା ହୋଇଥିବା କାରକୁ ଧକ୍କା ଦେଇ ରାସ୍ତା ଉପରେ ଓଲଟିପଡିଥିଲା। ଧକ୍କା ହେବା ଫଳରେ କାର ଚାଳକ ଶ୍ରୀକୃଷ୍ଣ ପଟେଲ ଓ ଜର୍ନାଦନ ମହାପାତ୍ର ଓ ଅନ୍ୟ ଜଣେ ଗୁରୁତର ଆହତ ହୋଇଥିଲେ। ବସ ଓଲଟିପଡିବାରୁ ବସରେ ଥିବା ୨୫ ଯାତ୍ରୀ ଆହତ ହୋଇଥିଲେ। ସମସ୍ତଙ୍କୁ ଅଗ୍ନିଶମ ବାହିନୀ ଓ ଆମ୍ବୁଲାନସ ଯୋଗେ ବୌଦ୍ଧ ମେଡିକାଲକୁ ପଠାଯାଇଥିଲା। ମେଡିକାଲକୁ ଆଣିବା ବାଟରେ କାର ଚାଳକ ଶ୍ରୀକୃଷ୍ଣ ପଟେଲ ଓ ଜନାର୍ଦ୍ଦନଙ୍କ ମୃତ୍ୟୁ ହୋଇଥିଲା। ୬ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ବୁର୍ଲା ପଠାଯାଇଥିଲା।



ଦୁର୍ଘଟଣାଗ୍ରସ୍ତ କାର।

# କେନ୍ଦ୍ର, ରାଜ୍ୟରେ ଅଘୋଷିତ ମେଣ୍ଟ ସରକାର ଚାଲିଛି: କଂଗ୍ରେସ

**ଭୁବନେଶ୍ୱର,୨।୧୧(ବ୍ୟୁରୋ)**

**ରାଜ୍ୟ ରାଜକୋଷକୁ ୭୨ହଜାର କୋଟିର କ୍ଷତି**

୨୦୧୪ରୁ କେନ୍ଦ୍ର ଶାସନ ଦାୟିତ୍ୱ ଭାଜପା ହାତକୁ ଯିବାଠାରୁ ଓଡ଼ିଶାରେ ଭିନ୍ନ ସମୀକରଣ ଦେଖିବାକୁ ମିଳୁଛି। ରାଜ୍ୟ ଓ କେନ୍ଦ୍ର ମଧ୍ୟରେ ଚାଲିଥିବା ଅଘୋଷିତ ମେଣ୍ଟ ସରକାର ଯୋଗୁ ରାଜକୋଷକୁ ୭୨ ହଜାର କୋଟିର କ୍ଷତି ପହଞ୍ଚିଛି ବୋଲି କଂଗ୍ରେସ ଅଭିଯୋଗ କରିଛି।

କଂଗ୍ରେସ ଭବନଠାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ବରିଷ୍ଠ ନେତା ପଞ୍ଚାନନ କାନୁନ୍‌ଗୋ କହିଛନ୍ତି, ଗତ ୬ ବର୍ଷରେ ଓଡ଼ିଶା ନିଜ ପ୍ରାପ୍ୟ ବାବଦକୁ ୭୨ ହଜାର କୋଟି ଟଙ୍କା ହରାଇଛି। କେନ୍ଦ୍ରର ପ୍ରତ୍ୟେକ ନିଷ୍ପତ୍ତି ଯେତେ କ୍ଷତିକାରକ ଏବଂ ଲୋକ ବିରୋଧୀ ହେଲେ ମଧ୍ୟ ରାଜ୍ୟ ଖୋଲାଖୋଲି ସମର୍ଥନ ଜଣାଉଛି। ବିମୁଦ୍ରୀକରଣ, ଜିଏସ୍‌ଟି, ଚାଷ ସମ୍ପର୍କିତ ଆଇନ, କୋଇଲା ନିଲାମ ଏବଂ ସିଏଏ ସମ୍ପର୍କିତ ଆଇନ ଆଦି ସବୁ ନବୀନ-ମୋଦିଙ୍କ ଡବଲ ଇଞ୍ଜିନ ସରକାର ଏକାଠି କାର୍ଯ୍ୟ କରୁଛନ୍ତି। ଭାଜପା ନେତାଙ୍କୁ ଓଡ଼ିଶାରୁ ରାଜ୍ୟ ସଭା ପଠାଇବାରେ ବିଜେଡିର ଅକୁଣ୍ଠ ସାହାଯ୍ୟ ମଧ୍ୟ ସାରା ଓଡ଼ିଶା ଦେଖିଛି। ଏହା ମଧ୍ୟରେ ରାଜ୍ୟର ଋଣ ପରିମାଣ ଲକ୍ଷେ ୨୫ ହଜାର କୋଟିରେ ପହଞ୍ଚିଲାଣି। ରାଜ୍ୟରେ ବେକାରି ଏବଂ ଚାଷୀ ସମସ୍ୟା ଉତ୍କଟ ହେଲାଣି। ଜିଏସ୍‌ଟିର କ୍ଷତିପୂରଣ ସେସ୍ ଓ ଅର୍ଥ କମିଶନଙ୍କ ଆବଣ୍ଟନ ପ୍ରକ୍ରିୟାରେ ରାଜ୍ୟର ଅଂଶ ବାବଦକୁ ଓଡ଼ିଶା ନିଜସ୍ୱ ହକ୍ ଗତ ୬ ବର୍ଷରେ ହରାଇଛି। ସମଦୂରତାର କଥା କହୁଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦଳୀୟ ସ୍ୱାର୍ଥ ପାଇଁ କେନ୍ଦ୍ର ନିକଟରେ ଓଡ଼ିଶାର ଦାବି ଓ ହକ୍‌କୁ ଉତ୍ଥାପନ କରିବାରେ ଫେଲ୍ ହୋଇଥିବା ପଞ୍ଚାନନ କହିଛନ୍ତି।

# କୋମ୍ବିଂ ବେଳେ ବନ୍ଧୁକ ଜବତ

**ଫୁଲବାଣୀ ଅଫିସ, ୨।୧୧:** କନ୍ଧମାଳ-ଗଞ୍ଜାମ ସୀମାନ୍ତ ରାଇକିଆ ଥାନା ବାଇବାଲି ଜଙ୍ଗଲରେ ଯବାନ ଓ ମାଓବାଦୀଙ୍କ ମଧ୍ୟରେ ଗୁଳିବିନିମୟ ହୋଇଛି। ମାଓବାଦୀମାନେ ଫେରାର୍ ହୋଇଯାଇଛନ୍ତି। ସର୍ଚ୍ଚ ଅପରେଶନ ବେଳେ ଜଙ୍ଗଲରୁ ଗୋଟିଏ ଦେଶୀ ବନ୍ଧୁକ, ଗୁଳି, ବ୍ୟାଟେରୀ ସମେତ ମାଓବାଦୀ ପୁସ୍ତିକା ମିଳିଥିବା ଏସ୍‌ପି ଭିନୀତ ଅଗ୍ରୱାଲ ସୋମବାର ଖବରଦାତା ସମ୍ମିଳନୀରେ କହିଛନ୍ତି। ବାଇବାଲି ଜଙ୍ଗଲରେ ମାଓବାଦୀମାନେ ଚଳପ୍ରଚଳ କରୁଥିବା ନେଇ ପୋଲିସକୁ ଖବର ମିଳିଥିଲା। ଗତ ୨୮ ତାରିଖରେ ଏସ୍‌ଓଜି ଟିମ୍ କୋମ୍ବିଂ ଆରମ୍ଭ କରିଥିଲା। ୩୦ ତାରିଖରେ ଏସ୍‌ଓଜି ଓ ମାଓବାଦୀଙ୍କ ମଧ୍ୟରେ ମୁହାଁମୁହିଁ ହୋଇଥିଲା। ପ୍ରାୟ ୩୦ ମିନିଟ୍ ଧରି ଗୁଳିବିନିମୟ ହେବା ପରେ ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ ବୋଲି ଏସ୍‌ପି କହିଛନ୍ତି।

# ଦରବୃଦ୍ଧି ପ୍ରତିବାଦରେ ସବୁ ଜିଲାରେ ଆନ୍ଦୋଳନ ପ୍ରସ୍ତୁତି

**ଭୁବନେଶ୍ୱର, ୨।୧୧(ବ୍ୟୁରୋ):** ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ୍ ବୃଦ୍ଧି ପ୍ରତିବାଦରେ ଯୁବକଂଗ୍ରେସ ସଭାପତି ସ୍ମୃତିରଞ୍ଜନ ଲେଙ୍କାଙ୍କ ନେତୃତ୍ୱରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହା ବିରୋଧରେ ସୋମବାର କଂଗ୍ରେସ ଭବନଠାରୁ ଏକ ର୍‍ୟାଲି ବାହାରି ମାଷ୍ଟରକ୍ୟାଣ୍ଟିନ୍ ଛକ ନିକଟରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ବିକ୍ଷୋଭରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ଏହି ଅବସରରେ ସ୍ମୃତିରଞ୍ଜନ କହିଛନ୍ତି, ବର୍ତ୍ତମାନ ସମଗ୍ର ଦେଶ ଓ ରାଜ୍ୟ କରୋନା ମହାମାରୀ ସହ ଲଢ଼େଇ କରୁଥିବା ବେଳେ ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ୍ ବୃଦ୍ଧି ଘଟିବା ଜନସାଧାରଣଙ୍କ ପାଇଁ ବୋଝ ଉପରେ ନଳିତାବିଡା ସଦୃଶ। ମୋଦିଙ୍କ ଆଚ୍ଛେ ଦିନ୍ ରାଜ୍ୟରେ ତଥା ଦେଶରେ ଅନିୟନ୍ତ୍ରିତ ଦରଦାମ୍‌ରୁ ପ୍ରକଟିତ ହୋଇଛି। ଉଭୟ ସରକାର ଏ ବ୍ୟବସ୍ଥାରେ ସୁଧାର ପାଇଁ ଆଦୌ ଚିନ୍ତା କରୁନାହାନ୍ତି। ଦରଦାମ୍ ବୃଦ୍ଧିକୁ ନେଇ ଏକ ନିର୍ଦ୍ଦିଷ୍ଟ ଯୋଜନା କରିବା ପରିବର୍ତ୍ତେ ଦୋଷ କାହାର ବୋଲି କାଦୁଅ ଫୋପଡ଼ା ଫୋପଡ଼ି ଚାଲିଛି। ଖାଦ୍ୟ ଯୋଗାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଅତି ଦାୟିତ୍ୱହୀନ ଭାବେ 'ନିକଟରେ ପିଆଜ ଦର କମିବାର ନାହିଁ' ବୋଲି ମନ୍ତବ୍ୟ ଦେଉଛନ୍ତି। ରାଜ୍ୟ ସରକାର କୃଷି କର୍ମଣ ପୁରସ୍କାର ପାଉଥିବା ବେଳେ ରାଜ୍ୟରେ କୃଷକ ଆତ୍ମହତ୍ୟା କରୁଛନ୍ତି ଏବଂ ପନିପରିବା ଦର ଆକାଶଛୁଆଁ ହୋଇଛି। ତୁରନ୍ତ ଦରଦାମ୍ ବୃଦ୍ଧିର ନିୟନ୍ତ୍ରଣ କରା ନ ଗଲେ ଯୁବକଂଗ୍ରେସ ସବୁ ଜିଲାରେ ବିକ୍ଷୋଭ କରିବ ବୋଲି ସ୍ମୃତିରଞ୍ଜନ ଚେତାବନୀ ଦେଇଛନ୍ତି।

# ଖୋଲିବ ବାଣ ଦୋକାନ, ଜଗିବ ୧୫ ପ୍ଲାଟୁନ ଫୋର୍ସ

**କଟକ ଅଫିସ, ୨।୧୧:** ଦୀପାବଳି ପାଇଁ ପ୍ରସ୍ତୁତ ହୋଇଛି କଟକ ପୋଲିସ। ସମ୍ପୂର୍ଣ୍ଣ କଟକଣା ଭିତରେ ଦୀପାବଳି ଓ କାଳିପୂଜା ଆୟୋଜନ ହେବ। ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ରିଲିଫ କମିଶନର(ଏସ୍‌ଆର୍‌ସି)ଙ୍କ ଗାଇଡ୍‌ଲାଇନକୁ ପାଳନ କରାଯିବ। କାଳୀପୂଜାରେ ମୃଣ୍ମୟୀଙ୍କ ଉଚ୍ଚତା ୪ଫୁଟ କରାଯିବ। ଏ କ୍ଷେତ୍ରରେ ପୋଲିସ ସ୍ୱତନ୍ତ୍ର ଦୃଷ୍ଟି ରଖିବ। ତେବେ ଏହି ଉତ୍ସବ ପାଇଁ ୧୫ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହେବ ବୋଲି କଟକ ଡିସିପି ପ୍ରତୀକ ସିଂ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ବାଣ ଦୋକାନ ଖୋଲିବା ନିମନ୍ତେ ଲାଇସେନ୍ସ ପ୍ରଦାନ କରାଯିବ। କୋଭିଡ କଟକଣା ମଧ୍ୟରେ ବାଣ ଦୋକାନ ଖୋଲିବା ଲାଗି ନିଷ୍ପତ୍ତି ହୋଇଛି। ଜନସାଧାରଣ ଘରେ ରହି ଉତ୍ସବର ମଜା ଉଠାଇବା ପାଇଁ ଡିସିପି ନିବେଦନ କରିଛନ୍ତି। ପୂଜା ସମୟରେ ସାଜସଜ୍ଜା କିମ୍ବା ଭସାଣି ବେଳେ ଶୋଭାଯାତ୍ରା ହେବ ନାହିଁ। ଗତବର୍ଷ ଭଳି ଚଳିତବର୍ଷ ପୂଜା ଆରମ୍ଭରୁ ବିସର୍ଜନ ପର୍ଯ୍ୟନ୍ତ ସହରର ସମସ୍ତ ଭାଗରେ ଫୋର୍ସ ସହ ପୋଲିସ ଅଫିସରଙ୍କୁ ନିୟୋଜିତ କରାଯିବ।


**ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଗୁଣୁପୁର, ଜିଲ୍ଲା: ରାୟଗଡ଼ା**

**ସିମେଣ୍ଟ ବେଞ୍ଚ ଯୋଗାଇବା ସକାଶେ ଇସ୍ତାହାର**

ଗୁଣୁପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟ ବିଜ୍ଞପ୍ତି ସଂଖ୍ୟା ୨୧୩୮ ତା୦୨।୧୧।୨୦୨୦ରିଖରେ ଗୁଣୁପୁର ପଞ୍ଚାୟତ ସମିତି ଅନ୍ତର୍ଗତ ପୁଟାସିଂ, ଶଗାଡ଼ା, ଆବଡ଼ା ଏବଂ ଟଲଣା ଗ୍ରାମପଞ୍ଚାୟତ ନିମନ୍ତେ ଜାତୀୟ ରୁର୍ବାନ ମିଶନ ତରଫରୁ ସିମେଣ୍ଟ ବେଞ୍ଚ ଯୋଗାଇବା ନିମନ୍ତେ ଇସ୍ତାହାର ପ୍ରକାଶିତ ହୋଇଅଛି। ଏହି ଇସ୍ତାହାର ସମ୍ପର୍କିତ ସମସ୍ତ ତଥ୍ୟ ରାୟଗଡ଼ା ଜିଲ୍ଲା ୱେବ୍‌ସାଇଟ୍ **www.rayagada.nic.in** ରେ ଉପଲବ୍ଧ କରାଯାଇଛି। ନିଲାମରେ ଭାଗନେବା ପାଇଁ ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ ୱେବ୍‌ସାଇଟ୍‌ରୁ ସମସ୍ତ ତଥ୍ୟ ହାସଲ କରିପାରିବେ କିମ୍ବା ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଗୁଣୁପୁର ସହ ଯୋଗାଯୋଗ କରି ନିଲାମ ସମ୍ବନ୍ଧୀୟ ସମସ୍ତ ତଥ୍ୟ ନେଇପାରିବେ।

ମୁଦ ଦରଖାସ୍ତ ଦାଖଲର ଅନ୍ତିମ ତାରିଖ: ୧୧।୧୧।୨୦୨୦
ସମୟ: ଅପରାହ୍ନ ୦୧.୦୦ଘଟିକା
ଦରଖାସ୍ତ ଉନ୍ମୋଚନ ଓ ତନଖି ତାରିଖ: ୧୧।୧୧।୨୦୨୦
ସମୟ: ଅପରାହ୍ନ ୦୧.୦୦ ଘଟିକା

ସ୍ୱା./- ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଗୁଣୁପୁର



**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର - ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବସାଇଟ୍: www.oshb.org

ପତ୍ର ସଂଖ୍ୟା: ୧୦୩ ତା: ୧୪।୧୦।୨୦୨୦

**ବିଜ୍ଞାପନ**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ବାସନ୍ତୀ କଲୋନୀ, ୪ର୍ଥ ପର୍ଯ୍ୟାୟ, ରାଉରକେଲା ହାଉସିଂ ପ୍ରକଳ୍ପରେ ଘର ନଂ.- ଏଫ୍.ଏଲ୍.-୧୩ (FL-13) ଶ୍ରୀମତୀ ବି. ସୁଶୀଳା, ସ୍ୱା.- ୪ ଡି.ପି. ଆଚାରୀ, ଘର ନଂ.- ଏଫ୍.ଏଲ୍.-୧୩, ବାସନ୍ତୀ କଲୋନୀ, ୪ର୍ଥ ପର୍ଯ୍ୟାୟ, ପୋ.- ରାଉରକେଲା-୧୨, ଥା- ପ୍ଲାଣ୍ଟସାଇଟ୍, ଜି.- ସୁନ୍ଦରଗଡ଼ଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନକାରୀ ଶ୍ରୀମତୀ ବି. ସୁଶୀଳା ଉକ୍ତ ଗୃହଟିକୁ ତୃତୀୟପକ୍ଷ ଅନ୍ତରୀଣ ଆଧାରରେ ସୁଧାକର ବିଶ୍ୱାଳ, ପି.- ପ୍ରତାପ କୁମାର ବିଶ୍ୱାଳ, ଗ୍ରା/ପୋ.- ରାମଚନ୍ଦ୍ରପୁର, ଥା- ବନ୍ତ, ଜି.- ଭଦ୍ରକଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ ତା'ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଘରଟିର ମାଲିକାନା ପରିବର୍ତ୍ତନ ଆଇନ୍ ଅନୁଯାୟୀ କରାଯାଇପାରେ।

ସ୍ୱା./- ସହ ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା



**Office of the Superintending Engineer**
**Eastern Circle-I, Cuttack**
**Cancellation of e-procurement Notice No.SEEC-I/03 (MND-I) of 2020-21**

**No. A-269:-** The tender published vide this office tender call notice No.SEEC-I/03 (MND-I) of 2020-21 for the work "Construction of village road bridge on river Sapua at U/S of Tailamala Minor Irrigation Project" under NABARD Assistance is hereby cancelled due to unavoidable circumstances.

(Er. B.N. Sahoo), Superintending Engineer
Eastern Circle-I, Cuttack
OIPR-32370/11/0004/2021



**OFFICE OF THE MUNICIPAL COUNCIL, NAYAGARH**
No. 3594 Dt. 02.11.2020

**QUOTATION CALL NOTICE**
**For Supply of Tractor Mahindra - 475 DI-PLUS**

The Executive Officer on behalf of Municipal Council, Nayagarh invites quotations in conformity with Quotation Call Notice for supply of One No. of Tractor in respect of Municipal Council, Nayagarh from registered Vendors of Govt. of Orissa having experience in similar works.

| | |
|---|---|
| Date of Issue of Quotation Paper | : 04.11.2020 to 11.11.2020 upto 01.00 P.M. |
| Last date for receipt of sealed quotation | : 11.11.2020 upto 05.00 P.M. |
| Date & time of Opening | : 12.11.2020 at 11.00 A.M. |
| Place of Opening | : Office of Nayagarh Municipality |

Interested bidders/quotationers are required to purchase quotation paper on payment of Rs.4000/- from this office during office hours along with the bid. The bidder should deposit EMD/TDR amounting to Rs.10000/- in favour of the Executive Officer, Nayagarh Municipality. Offers received without paper cost receipt & EMD quotation document will be rejected.

Sd./- Executive Officer
Nayagarh Municipality



GOVT. OF ODISHA No. A-271
**OFFICE OF THE SUPERINTENDING ENGINEER**
**CENTRAL IRRIGATION CIRCLE, BHUBANESWAR**
**'e' Procurement Notice No. SECIC 04 of 2020-21**

1. Name of the Work : Protection to scoured Bank of Kathajodi Sirua Devi right embankment near village Sainda
2. Amount put to Tender : Rs.8,36,73,422.00
3. Bid Document Cost : Rs.10,000.00 (Online)
4. E.M.D. : Rs.8,36,800.00 (Online)
5. Class of Contractor : "Special" Class & "Super" Class
6. Period of Completion : 12 Calendar Months (365 Days)
7. Other details are as follows :

| Procurement Officer | Bid Identification No. | Availability of Tender Online for Bidding | | Date of Opening of Technical Bid (Cover - I) |
|---|---|---|---|---|
| | | From | To | |
| Superintending Engineer, Central Irrigation Circle, Bhubaneswar | SECIC PRD 08 of 2020-21 | 03.11.2020 10.00 hrs. | 18.11.2020 17.00 hrs. | 19.11.2020 11.00 hrs. |

e-mail id : **secic_dowr@yahoo.com**
Further detail conditions can be seen from the Govt. website **www.tendersorissa.gov.in**.

Superintending Engineer
Central Irrigation Circle, Bhubaneswar
OIPR-32160/11/0006/2021



**अखिल भारतीय आयुर्विज्ञान संस्थान (एम्स), भुवनेश्वर**
**ALL INDIA INSTITUTE OF MEDICAL SCIENCES (AIIMS), BHUBANESWAR**
Sijua, Post : Dumuduma, Bhubaneswar - 751019

**EXAMINATION SECTION ADMISSION NOTICE**
**AIIMS Bhubaneswar-PhD PROGRAMME-2020-21 SESSION**

All India Institute of Medical Sciences, Bhubaneswar invites application for admission in Ph.D. Programme (2020-21 session) through interview mode. The details are given below:

**Application for PhD Programme-important dates**

| Name of the course | Opens on | Closes on |
|---|---|---|
| Ph.D. Programme | 02.11.2020 | 21.11.2020 at 5:00pm |

**Date of Interview**

| Name of the course | Date of Interview | Location |
|---|---|---|
| Ph.D. Programme | 02.12.2020 | Board Room, Administrative building, AIIMS Bhubaneswar |

**Important:** For prospectus detailed information, please visit the institute website **https://aiimsbhubaneswar.nic.in/**All applicants are required to visit the website regularly, since all subsequent corrigendum/addendum/updates will be uploaded on the website only.

Sd/-
Registrar
Phone No : 0674-2476789



**OFFICE OF THE SENIOR PROJECT MANAGER**
**PURI PROJECT DIVISION NO. III**
**ODISHA BRIDGE & CONSTRUCTION CORPORATION LIMITED**
(A GOVT. OF ODISHA UNDERTAKING)
SETU BHAWAN, NAYAPALLY, BHUBANESWAR-751012 | E-mail: obccpuridivniii@gmail.com
Lr No. 1126 Date: 28.10.2020

**BID IDENTIFICATION NO. 07/2020-21 | TENDER CALL NOTICE**

**No. CAD-662:- 1.** The **Sr. Project Manager, Puri Division-III,** Odisha Bridge & Construction Corporation Limited (O.B. & C.C. Ltd.), Setu Bhavan, Bhubaneswar, on behalf of Governer of Odisha, invites **Percentage bids** in **Double Cover system** for the following works from 'B' & 'A' class contractors registered with the State Government and contractors of equivalent grade/class registered with Central Government/MES/Railways Or Manufacturers, Authorized Manufacturers having MSME registration throughout India to be eventually drawn up in P-1 form / other available forms for execution of the works, on production of definite proof from the appropriate authority. But successful bidder other than State/MES/Railways/CPWD/MSME Company in equivalent rank must register under the State PWD before signing the agreement.

| Sl No. | Name of work | Approx. Value of work (Rs. in lakhs) | Concerned Tender Inviting Authority | EMD (To be remitted Online) | Cost of Bid Documents including GST (To be remitted Online) | Class of Bidder | Period of completion |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Construction of Precast Pretensioned SFRC Boundary wall of Mangalaghat Site, Puri. Sahar Unit-3, Puri | 70.38 | Sr. Project Manager, Puri Project Division No.-III, O.B. & C.C. Ltd., Bhubaneswar | Rs.71,000/- | Rs.11,200/- | 'B' & 'A' Class Contractors of PWD or Equivalent Class of other Department/ Authorized Manufacturers having MSME registration throughout India | 04 (Four) calendar months |

**2.** The Bid document shall be available in the website https://tendersodisha.gov.in from **11.00 A.M. of Dt. 3.11.2020 to 5.00 P.M. of Dt.17.11.2020** for online Bidding. **3.** The bidder must possess compatible **Digital Signature Certificate (DSC)** of Class II or Class III. The online bidding procedure is indicated in the document. **4.** The bid shall be received **only through "online" on or before 5.00 P.M. of Dt. 17.11.2020. 5.** Bids received online shall be opened at **11.00 A.M. on Dt. 18.11.2020** in the office of the Sr. Project Manager, Puri Division-III, Odisha Bridge & Construction Corporation Ltd., Odisha, Nayapalli, Bhubaneswar. If the office happens to be close on the last date of opening the bids as specified, the bids will be opened on the next working day at the same time and venue. **6.** The authority reserves the right to cancel any or all bids without assigning any reason thereof. **7.** Further details with any addendum, corrigendum, cancellation can be seen from the website only **https://tendersodisha.gov.in**.

Sr. Project Manager, Puri Project Divn. No.-III, O.B. & C.C. Ltd., Bhubaneswar
OIPR-34106/11/0023/2021



GOVERNMENT OF ODISHA No. C-188
**OFFICE OF THE SUPERINTENDING ENGINEER**
**PUBLIC HEALTH CIRCLE, SAMBALPUR, ODISHA**
E-mail id: sephsbp@yahoo.in / sephsbp@gmail.com

**NATIONAL COMPETITIVE BIDDING THROUGH e-Procurement**
Bid Identification No. SEPHSBP-04/2020-21 Dt.27.10.2020

1. Number of Work : 15 Nos.
2. Type of Bid : Two Bid System
3. Estimated Cost : Rs.127.45 lakh to Rs.494.41 lakh
4. Period of Completion : 6 (Six) Calendar Months to 9 (Nine) Calendar Months
5. Class of Contractor : 'B' & 'A' Class and 'A' & 'Special' Class
6. Date & time of availability of bid document in the portal : From 11.00 hrs. of Dt.07.11.2020 to 17.00 hrs. of 21.11.2020
7. Last date/time of seeking clarification : 17.00 hrs. of 12.11.2020
8. Last date/time of receipt of bids in the portal : 17.00 hrs. of 21.11.2020
9. Date & time of opening of Technical Bids : At 11.00 hrs. of 23.11.2020
10. Name and address of the Officer Inviting Bid : Superintending Engineer, P.H. Circle, Sambalpur, Brooks Hill, Near Stadium, At/P.O. - Motijharan, Dist.- Sambalpur - 768 001

Further details can be seen from the e-Procurement portal "http://www.tendersorissa.gov.in".

Sd./- Superintending Engineer
P.H. Circle, Sambalpur
OIPR-13018/11/0003/2021



**Government of Odisha**
**Higher Education Department**
**SPOT ADMISSION IN DEGREE COLLEGES FOR THE SESSION 2020-21**

**No. N-44:-** The seats lying vacant in Degree Colleges (+3 1st. Year) shall be filled up through Spot admission for the following categories of applicants/students with barcode number (starting from 20D........)

1. (a) Submitted the CAF online, but could not deposit the CAF fees
   (b) Submitted the CAF online, deposited the CAF fees, but could not be selected during 1st and 2nd Selection
   (c) Submitted the CAF online, deposited the CAF fees and were selected during either 1st and 2nd selection, but could not take admission
   (d) Those who had taken admission during 1st or 2nd selection, but want to change College or Subject or both
2. Fresh/New applications will not be entertained.

**Timeline for different activities for SPOT Admission is given below.**

| Sl# | Activities | Timeline |
|---|---|---|
| 1 | Publication of vacancy seat at website | 9-Nov-2020 (11:00AM) |
| 2 | Availability of "drop box facility" where the applicants/students can drop the application forms. | 10-Nov-2020 to 13-Nov-2020 (04:00PM) |
| 3 | College will shortlist the candidates name for SPOT admission and display on the college notice board | 17-Nov-2020 (3:00PM) |
| 4 | Updation of selected students' data in the College e-Space | 17-Nov-2020 (6:00PM) |
| 5 | Online deposit of admission fees by login to SAMS [Student] account | 21-Nov-2020 (11:45 PM) |
| 6 | Admission and data updation in the e-space of the student who took admission. | 23-Nov-2020 to 27-Nov-2020 (06:00 PM) |

**For more details please contact e-Admission Helpdesk @ (Toll Free) Number 155335, 1800-345-6770**

**NB: To get more information on the Guidelines for Spot admission, visit the website : www.dheodisha.gov.in/samsodisha.gov.in**

Sd./- Officer-In-Charge, PTC
OIPR-11001/11/0023/2021

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୩ ନଭେମ୍ବର, ୨୦୨୦

## ବଳାତ୍କାର ଉଦ୍ୟମ କରି ଯୁବକ ଗିରଫ

**ଚଣ୍ଡିଖୋଲ/ବାଲିଚନ୍ଦ୍ରପୁର,(ଡି.ଏନ.ଏ.):** ମହିଳାଙ୍କୁ ବଳାତ୍କାର ଉଦ୍ୟମ ଅଭିଯୋଗରେ ବାଲିଚନ୍ଦ୍ରପୁର ପୋଲିସ ସୋମବାର ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ପୋଲିସ ସୂଚନା ମୁତାବକ ବାଲିଚନ୍ଦ୍ରପୁର ଥାନା ଭାକୁଡ ଗ୍ରାମର ଶଙ୍କର ସାହୁ(୪୨) ରବିବାର ରାତିରେ ଜଣେ ମହିଳାଙ୍କ ଘରେ ପଶି ତାଙ୍କୁ ବଳାତ୍କାର ଉଦ୍ୟମ କରିଥିଲେ। ମହିଳା ଜଣଙ୍କ ପାଟି କରିବାରୁ ଗ୍ରାମବାସୀ ଘଟଣା ସ୍ଥଳରେ ପହଞ୍ଚି ଶଙ୍କରଙ୍କୁ କାବୁକରି ପୋଲିସ ଜିମା ଦେଇଥିଲେ। ଏ ନେଇ ମହିଳା ଜଣକ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୩୦୩/୨୦) ରୁଜୁ କରିଥିଲା।



## ସଂକ୍ଷେପରେ

### ଦିନରେ ପାତି, ରାତିରେ ହାତୀଙ୍କ ଦୌରାତ୍ମ୍ୟ

**ନୟାଗଡ ଅଫିସ,୨।୧୧:** ଖୋର୍ଦ୍ଧା ବନଖଣ୍ଡ ରଣପୁର ରେଞ୍ଜର ବିଭିନ୍ନ ଅଞ୍ଚଳରେ ଦିନରେ ପାତିମାଙ୍କଡ ଓ ରାତିରେ ହାତୀଙ୍କ ଦୌରାତ୍ମ୍ୟ ଲାଗି ରହିଛି। ଏମାନେ ଧାନ ଫସଲକୁ ଖାଇବା ସହ ନଷ୍ଟ କରି ଦେଉଛନ୍ତି। ରଣପୁର ଅଞ୍ଚଳର ନାଟିମ୍, କେରେଣ୍ଡାଟାଙ୍ଗୀ, ମୟୂରଝାଲିଆ, ନାକିଠଣା, ବାରଙ୍ଗଗାଡିଆ, ଝାରପଡା, ହରିହରପୁର, ଓସ୍ତପଡା, ଜଙ୍କିଆ, ଗୌରଚନ୍ଦ୍ରପୁର ଗହିରିଆ ଅଞ୍ଚଳରେ ଏମାନଙ୍କ ଉତ୍ପାତରେ ଚାଷୀ ଭୟଭୀତ ହୋଇପଡିଛନ୍ତି। ଏ ନେଇ କେରେଣ୍ଡାଟାଙ୍ଗୀର ରମେଶ ସାହୁ କୁହନ୍ତି, ପାତିମାଙ୍କଡ ଓ ହାତୀଙ୍କ ଦାଉରୁ ରକ୍ଷା ମିଳୁନି। କ୍ଷତି ହେଉଥିଲେ ମଧ ବିକଳ୍ପ ନ ଥିବାରୁ ଚାଷ ଛାଡିପାରୁନି। କେତେଜଣ ଚାଷୀ ଜମି ପଡିଆ ପକାଇ ସାରିଲେଣି। ସରକାରୀ ସହାଯ୍ତା ସବୁ ଚାଷୀ ପାଇ ପାରୁନାହାନ୍ତି। ଯେଉଁମାନେ ପାଉଛନ୍ତି ସେମାନଙ୍କର କ୍ଷତି ଭରଣା ହୋଇପାରୁନି।

### ୨୮ ଚୋରି ବ୍ୟାଟେରି ଜବତ, ୨ ଗିରଫ

**ଧର୍ମଶାଳା,୨।୧୧ (ଡି.ଏନ.ଏ.):** ଧର୍ମଶାଳା ପୋଲିସ ସୋମବାର ୨୮ ଚୋରି ବ୍ୟାଟେରି ଜବତ ସହ ଏଥିରେ ସମ୍ପୃକ୍ତ ୨ଜଣଙ୍କୁ ଗିରଫ କରିଛି। ସୂଚନା ଅନୁଯାୟୀ, ଏହି ଥାନା ଅନ୍ତର୍ଗତ ପାଟପୁର ପଞ୍ଚାୟତ ବଡବାରିସାହିର ମୁନା ମଲିକ ବିଭିନ୍ନ ଗାଡିରୁ ବ୍ୟାଟେରି ଚୋରି କରି ଘରେ ରଖିଥିଲେ। କୌଣସି ସୂତ୍ରରୁ ଖବର ପାଇ ପୋଲିସ ମୁନାଙ୍କ ଘର ଉପରେ ଚଢାଉ କରି ଚୋରି ବ୍ୟାଟେରି ଜବତ କରି ତାଙ୍କୁ ଗିରଫ କରିଥିଲା। ସେହିପରି ଏହି ଘଟଣାରେ ସମ୍ପୃକ୍ତ ଥିବା ମିର୍ଜାପୁର ପଞ୍ଚାୟତ ସାରଙ୍ଗତିରଣ ଗ୍ରାମର ଲାଲମୋହନ ବେହେରାଙ୍କୁ ପୋଲିସ ଗିରଫ କରିଛି। ଏ ନେଇ ୪୨୯/୨୦ନଂ.ରେ ମାମଲା ରୁଜୁ କରି ଗିରଫ ଦ୍ୱୟଙ୍କୁ କୋର୍ଟ ଚାଲାଣ କରାଯାଇଥିବା ପୋଲିସ ସୂଚନା ଦେଇଛି।

### ପୂର୍ବତନ ଜନତା ଦଳ ସଭାପତିଙ୍କ ପରଲୋକ

**ବରୀ, ୨।୧୧ (ଡି.ଏନ.ଏ.) :** ବରୀ ବ୍ଲକ୍ ଜନତା ଦଳର ପୂର୍ବତନ ସଭାପତି ତଥା ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଏକାନ୍ତ ପରିଚିତ ରମେଶ ଚନ୍ଦ୍ର ଦାସଙ୍କର ଗତ ବିଳମ୍ବିତ ରାତିରେ ପରଲୋକ ଘଟିଛି। ଦାସ ୧୯୭୪ରୁ ନିଜ ରାଜନୈତିକ ଜୀବନ ଆରମ୍ଭ କରି ଉତ୍କଳ କଂଗ୍ରେସ, ଜନତା ପାର୍ଟି, ଜନତା ଦଳବରୀ ବ୍ଲକ୍‌ରେ କନଭେନର ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ମୃତ୍ୟୁ ଖବର ପାଇ ପ୍ରାକ୍ତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ପ୍ରାକ୍ତନ ବିଧାୟକ କୁଳମଣି ରାଉତ, ପ୍ରାକ୍ତନ ବିଧାୟକ ଦେବାଶିଷ ନାୟକ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି।

### ସ୍ତ୍ରୀ ହତ୍ୟାକାରୀ ଜେଲ ଗଲେ

**ନୟାଗଡ ଅଫିସ,୨।୧୧:** ଚାହାଳିରେ ଘଟିଥିବା ଗୀତା ବେହେରା(୩୨) ହତ୍ୟା ଘଟଣାରେ ନୟାଗଡ ସଦର ଥାନା ପୋଲିସ ହତ୍ୟାକାରୀ ସ୍ୱାମୀ ସନ୍ତୋଷ(୪୩)ଙ୍କୁ ସୋମବାର ଗିରଫ କରି କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ତାଙ୍କୁ ନୟାଗଡ ସବ୍‌ଜେଲକୁ ପଠାଇ ଦିଆଯାଇଛି। ଗୀତାଙ୍କୁ ହତ୍ୟା ଅଭିଯୋଗ ପରେ ପୋଲିସ (୧୦୧/୨୦)ରେ ମାମଲା ରୁଜୁ କରିଥିଲା।

### ରାଜ୍ୟ କରତ କଳ ସଂଘର ସ୍ମୃତିଚାରଣ ସଭା

**ଧର୍ମଶାଳା,୨।୧୧(ଡି.ଏନ.ଏ.):** ଧର୍ମଶାଳା ବ୍ଲକ ଜାରକା ଶିଳ୍ପାଞ୍ଚଳ କାର୍ଯ୍ୟାଳୟ ପରିସରରେ ରାଜ୍ୟ କରତକଳ ସଂଘର ରାଜ୍ୟ ସମ୍ପାଦକ ସ୍ୱର୍ଗତ ନବ କିଶୋର ରାଉତଙ୍କ ବିୟୋଗରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସଂଘ ସଭାପତି ରତୀକାନ୍ତ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବରିଷ୍ଠ ସଭ୍ୟ ସରୋଜ କୁମାର ମହାନ୍ତି, ପ୍ରଦୀପ୍ତ କୁମାର ବିଶୋଇ ଯୋଗଦେଇ ସ୍ୱର୍ଗତ ରାଉତଙ୍କ ସ୍ମୃତିଚାରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସେକ ରସିଦ ଖାଁ, ମଜହର ବକ୍ସ, ଦିଲୀପ ବେହେରା, ସେକ ଜାବିର, ଅଶୋକ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।

# ଯାଞ୍ଚ ନାଁରେ ଶ୍ରମିକ ପଞ୍ଜୀକରଣ ବନ୍ଦ

## ସରକାରୀ ସହାୟତାରୁ ନିର୍ମାଣ ଶ୍ରମିକ ବଞ୍ଚିତ

- ୨ ହଜାରରୁ ୭ ଶହ ପାଇଛନ୍ତି ପରିଚୟପତ୍ର
- ଆସୁନାହାନ୍ତି ଅତିରିକ୍ତ ଦାୟିତ୍ୱରେ ଥିବା ଶ୍ରମ ଆୟୁକ୍ତ

**ନୟାଗଡ ଅଫିସ,୨।୧୧**

ନୟାଗଡ ଜିଲାରେ ନିର୍ମାଣ ଶ୍ରମିକଙ୍କ ପାଇଁ ମିଳୁଥିବା ବିଭିନ୍ନ ସରକାରୀ ସୁବିଧା ସୁଯୋଗ ତଥା ପିଲାଙ୍କ ପାଇଁ ଶିକ୍ଷା ଓ ବିବାହ ସହାୟତା ବନ୍ଦ ହୋଇଯାଇଛି। ନୟାଗଡର ଅତିରିକ୍ତ ଦାୟିତ୍ୱରେ କନ୍ଧମାଳ ଜିଲାର ପ୍ରଭାଗୀୟ (ଡିଭିଜିନାଲ)ଶ୍ରମ ଆୟୁକ୍ତ ରହିଛନ୍ତି। ନୟାଗଡ କାର୍ଯ୍ୟାଳୟକୁ ସେ ଆସୁ ନ ଥିବାରୁ ନିର୍ମାଣ ଶ୍ରମିକମାନେ ଉପେକ୍ଷିତ ହେଉଥିବା ସୋମବାର ଅଭିଯୋଗ କରାଯାଇଛି। ଅନ୍ୟପକ୍ଷେ ପ୍ରଭାଗୀୟ ଶ୍ରମ ଆୟୁକ୍ତଙ୍କ ଅନୁପସ୍ଥିତି କାରଣରୁ ପ୍ରାୟ ୪ ବର୍ଷ ତଳେ ଆବେଦନକାରୀ ନିର୍ମାଣ ଶ୍ରମିକଙ୍କ ମଧ୍ୟରୁ ମାତ୍ର ୭ ଶହ ପରିଚୟପତ୍ର ପାଇଛନ୍ତି। ଯାଞ୍ଚ ନାଁରେ ୩ ବର୍ଷ ହେଲା ଶ୍ରମିକ ପଞ୍ଜୀକରଣ ବନ୍ଦ ରହିଥିବା ଅନୁରୂପ ଅଭିଯୋଗ ହେଉଛି ।

ଅଭିଯୋଗ ଅନୁସାରେ, ନୟାଗଡ ଜିଲାର ୮ ବ୍ଲକ, ୧ ମ୍ୟୁନିସିପାଲିଟି, ୪ ଏନ୍ଏସିରୁ ୨୦୧୬ରେ ୨ ହଜାର ନିର୍ମାଣ ଶ୍ରମିକ ପରିଚୟପତ୍ର ପାଇବାକୁ ୪ ବର୍ଷ ତଳେ ଆବେଦନ କରିଥିଲେ। ମାତ୍ର ୭୦୦ ଜଣଙ୍କୁ ପରିଚୟପତ୍ର ମିଳିଛି। ପରିଚୟପତ୍ର ଦେବାକୁ ୨।୫।୧୭ରୁ ୨।୭।୧୭ ଶ୍ରମ ଦପ୍ତର ପକ୍ଷରୁ ଯାଞ୍ଚ କରାଯାଇଥିଲା। ହେଲେ ପରିଚୟପତ୍ର ଦିଆଯାଇନାହିଁ। ଏହାର କାରଣ ପଚାରିଲେ ଉତ୍ତର ମିଳୁନାହିଁ। ସେହିଭଳି ସହରାଞ୍ଚଳର ନିର୍ମାଣ ଶ୍ରମିକ ଆଦୌ ପରିଚୟପତ୍ର ପାଉନାହାନ୍ତି। ୩୧।୮।୧୮ରେ ସେଲ୍ସଟ୍ୟାକ୍ସ ବିଭାଗ ଦେଇଥିବା କ୍ଲିୟରାନ୍ସ ଅନୁସାରେ ସହାୟତା ଦିଆଯିବା କଥା। ହେଲେ ଏହାକୁ ବି ଅଣଦେଖା କରାଯାଇଛି। ନିର୍ମାଣ ଶ୍ରମିକ ପକ୍କାଘର ଯୋଜନାରେ ସେମାନଙ୍କୁ ଘର ମିଳୁନାହିଁ।

### ନିଲମ୍ବନ ଦାବିରେ ଲଣ୍ଠନ ରଖି ଧାରଣା

ଶ୍ରମ ଆୟୁକ୍ତଙ୍କ ଅବହେଳାର ପ୍ରତିବାଦ କରି ତାଙ୍କୁ ନିଲମ୍ବନ ଦାବିରେ ନୟାଗଡ ଜିଲା ଶ୍ରମିକ ମହାସଂଘ ଓ କଳିଙ୍ଗ ନିର୍ମାଣ ମଞ୍ଚ ପକ୍ଷରୁ ସୋମବାର ଲଣ୍ଠନ ରଖି ଧାରଣା ଦିଆଯାଇଛି। ପ୍ରଭାଗୀୟ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏହି ଧାରଣା ଦିଆଯାଇଥିଲା। ସାତ ଦଫା ଦାବି ପୂରଣ ନ ହେଲେ ଆନ୍ଦୋଳନ ଜାରି ରହିବ ବୋଲି ଆନ୍ଦୋଳନକାରୀ କହିଛନ୍ତି। ଜିଲା ଶ୍ରମିକ ମହାସଂଘର ସଭାପତି ମିଶ୍ର, ରମେଶ ବେହେରା, ଭଗବାନ ବେହେରା, ପ୍ରଫୁଲ୍ଲ ମହାରଣାଙ୍କ ନେତୃତ୍ୱରେ ସହକାରୀ ଶ୍ରମ ଅଧିକାରୀ ଲୋକନାଥ ପଣ୍ଡାଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି।



ପ୍ରଭାଗୀୟ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରତ ଶ୍ରମିକ।

ସେ ନେଇ ତଦନ୍ତ କରାଯାଇ ପଦକ୍ଷେପ ନିଆଯାଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଜିଲା ଶ୍ରମିକ ମହାସଂଘର ସଭାପତି ଶୂନ୍ୟଜୟୀ ମିଶ୍ର କୁହନ୍ତି, ନିର୍ମାଣ ଶ୍ରମିକ ବାରମ୍ବାର ଆନ୍ଦୋଳନ କଲା ପରେ ବି ସୁଫଳ ମିଳୁନାହିଁ। ଏଣୁ ବାଧ ହୋଇ ସୋମବାର ଲଣ୍ଠନ ରଖି ପ୍ରଭାଗୀୟ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛୁ। ଶ୍ରମ ଆୟୁକ୍ତ ଆସୁ ନ ଥିବାରୁ ନିର୍ମାଣ ଶ୍ରମିକ ସେମାନଙ୍କର ଅସୁବିଧା ସମ୍ପର୍କରେ ଜଣାଇ ପାରୁନାହାନ୍ତି। ଦାବି ପୂରଣ ନ ହେଲେ ଆନ୍ଦୋଳନ ଜାରି ରହିବ ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ପ୍ରଭାଗୀୟ ଶ୍ରମ ଆୟୁକ୍ତ ଉମାକାନ୍ତ ଜେନାଙ୍କୁ ପଚାରିବାରେ, ଯଦି ଯାଞ୍ଚ କରା ନ ଯାଇ ନିର୍ମାଣ ଶ୍ରମିକଙ୍କୁ ପରିଚୟପତ୍ର ଦିଆଯାଏ ତେବେ ବିଭିନ୍ନ ପ୍ରକାର ଅବ୍ୟବସ୍ଥା ଦେଖା ଦେବ। ତେବେ ଖୁବ୍‌ଶୀଘ୍ର ଏହାର ସମାଧାନ କରିବାକୁ ଚେଷ୍ଟା କରିବି ବୋଲି ସେ କହିଛନ୍ତି।

### ଖଣ୍ଡପଡ଼ା ଆହାର କେନ୍ଦ୍ର ୮ ମାସ ପରେ ଖୋଲିଲା

**ଖଣ୍ଡପଡ଼ା,୨।୧୧(ସ୍ୱ.ପ୍ର)**

କରୋନା କଟକଣା ଯୋଗୁ ଖଣ୍ଡପଡ଼ା ସହରର ଡାକ୍ତରଖାନା ଛକରେ ଅବସ୍ଥିତ ଆହାର କେନ୍ଦ୍ରଟି ୮ମାସ ହେଲା ବନ୍ଦ ରହିଥିଲା। ଫଳରେ ମଜୁରିଆ, ଗରିବ ଜନସାଧାରଣ ଓ ଖଣ୍ଡପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଦୈନିକ ଆସୁଥିବା ରୋଗୀଙ୍କ ସମ୍ପର୍କୀୟମାନେ ମଧ୍ୟାହ୍ନଭୋଜନ ନିମନ୍ତେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ। ତେଣୁ ଆହାର କେନ୍ଦ୍ରକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା ନିମନ୍ତେ ଅଞ୍ଚଳବାସୀ, ଖଣ୍ଡପଡା ଏନ୍ଏସି କର୍ତ୍ତୃପକ୍ଷଙ୍କଠାରୁ ଆରମ୍ଭ କରି ନୟାଗଡ ଜିଲାପାଳ ଓ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସୋମବାରଠାରୁ ଆହାର କେନ୍ଦ୍ର ପୁଣି କାର୍ଯ୍ୟକ୍ଷମ ହୋଇଛି। ସୂଚନାଯୋଗ୍ୟ, ପ୍ରଶାସନର ନିର୍ଦ୍ଦେଶକ୍ରମେ ଆହାର କେନ୍ଦ୍ରର ପରିଚାଳନା ଦାୟିତ୍ୱ ଖଣ୍ଡପଡ଼ା ସହରାଞ୍ଚଳର ମା’ ଶାରଳା ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଉପରେ ନ୍ୟସ୍ତ କରାଯାଇଥିବା ଏନ୍ଏସି କାର୍ଯ୍ୟ ନିର୍ବାହୀ ଅଧିକାରିଣୀ ଇତିଶ୍ରୀ ଷଡଙ୍ଗୀଙ୍କଠାରୁ ପ୍ରକାଶ।



ସମୀକ୍ଷା ବୈଠକରେ ଉପସ୍ଥିତ ଏମ୍‌ପି ଶର୍ମିଷ୍ଠା ସେଠୀ ଓ ଅନ୍ୟମାନେ।

## ଏନ୍ଏଚ୍‌ରେ ଟ୍ରାଫିକ ସମସ୍ୟା ନେଇ ଏମ୍‌ପିଙ୍କ ସମୀକ୍ଷା

**ଧର୍ମଶାଳା,୨।୧୧ (ଡି.ଏନ.ଏ.)**

୧୬ନଂ. ଜାତୀୟ ରାଜପଥ (ଏନ୍ଏଚ୍)ରେ ଟ୍ରାଫିକ ସମସ୍ୟା ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ସୋମବାର ଯାଜପୁର ଏମ୍‌ପି ଶର୍ମିଷ୍ଠା ସେଠୀ ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତିରେ ଏହାର ସମୀକ୍ଷା କରିଛନ୍ତି। ଜାରକାସ୍ଥିତ କାର୍ଯ୍ୟାଳୟ ପରିସରରେ ଏମ୍‌ପି ସେଠୀଙ୍କ ସମେତ ରାସ୍ତା ନିର୍ମାଣ ଦାୟିତ୍ୱରେ ଥିବା ଠିକା ସଂସ୍ଥା ଦିଲୀପ ବିଲଡକନ୍ ପ୍ରକଳ୍ପ ମୁଖ୍ୟ କମଲ ଚୌହ୍ୱାନ, ଜାତୀୟ ରାଜପଥ ଅଧିକାରୀ, ଧର୍ମଶାଳା ଉନ୍ନୟନ କମିଟି ସମ୍ପାଦକ ସତ୍ୟପ୍ରିୟ ମହାନ୍ତି, ସଦସ୍ୟ ଅନିରୁଦ୍ଧ ରାଉତ, ରବୀନ୍ଦ୍ର ସାହୁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜାତୀୟ ରାଜପଥ ସମ୍ପ୍ରସାରଣ ଚାଲିଥିବା ସମୟରେ ଟ୍ରାଫିକ ସମସ୍ୟା ଓ ଜାରକା ଫ୍ଲାଏ ଓଭର ବ୍ରିଜ ନିର୍ମାଣରେ ବିଳମ୍ବକୁ ନେଇ ଏମ୍‌ପି ଉଦବେଗ୍ ପ୍ରକାଶ କରିଥିଲେ। ଏ ନେଇ ଠିକାସଂସ୍ଥା ଓ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କୁ ତୁରନ୍ତ କାମ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏ ନେଇ ସ୍ଥାନୀୟ ବିଧାୟକ ପ୍ରଣବ ବଳବନ୍ତରାୟଙ୍କ ସହ ସେ ଆଲୋଚନା କରିବେ ବୋଲି କହିଥିଲେ। ଠିକା ସଂସ୍ଥା ଆସନ୍ତା ୬ଦିନ ମଧ୍ୟରେ ଫ୍ଲାଏ ଓଭର ବ୍ରିଜ ନିର୍ମାଣ ଓ ଟ୍ରାଫିକ ସମସ୍ୟା ସମାଧାନ ଦିଗରେ କାର୍ଯ୍ୟ କରିବ ବୋଲି କହିଥିଲେ। ସେହିପରି ଆଗାମୀ ୬ମାସ ମଧ୍ୟରେ ଫ୍ଲାଏ ଓଭର କାର୍ଯ୍ୟ ଶେଷ ହେବ ବୋଲି ସଂସ୍ଥା ପ୍ରତିଶ୍ରୁତି ଦେଇଥିଲା।

## ବାଲିଘାଟକୁ କେନ୍ଦ୍ରକରି ମାର୍‌ପିଟ, ଜଣେ ଗୁରୁତର

**ଧର୍ମଶାଳା,୨।୧୧ (ଡି.ଏନ.ଏ.):** ଧର୍ମଶାଳା ତହସିଲ ବ୍ରାହ୍ମଣୀ ନଦୀର ରାଇଛନ୍ଦା ବାଲିଘାଟକୁ କେନ୍ଦ୍ର କରି ସୋମବାର ୨ ଗୋଷ୍ଠୀ ମଧ୍ୟରେ ମାରପିଟ ଘଟି ଜଣେ ଗୁରୁତର ହୋଇଛନ୍ତି। ସକାଳ ୭ଟାରେ ୨ଟି ହାଇୱା ରାଇଛନ୍ଦା ଘାଟରୁ ବାଲି ବୋଝେଇ କରି ଯାଉଥିବା ବେଳେ ଏକ ବାଇକ୍‌କୁ ସାଇଡ୍ ମାରିଥିଲେ। ବାଇକ୍ ଚାଳକ ଅବିନାଶ ସାହୁ ଗାଡି ଚାଳକଙ୍କୁ ପଚରାଉଚରା କରିଥିଲେ। ଏହି ସମୟରେ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଖବର ପାଇ ଅବିନାଶଙ୍କ ସାନଭାଇ ସହିତ ସାହୁ ଘଟଣାସ୍ଥଳରେ ପହଞ୍ଚିଥିଲେ। ଏହି ସମୟରେ ହାଇୱା ଚାଳକ ଦ୍ୱୟ ସେମାନଙ୍କ ସମ୍ପର୍କୀୟଙ୍କୁ ଡାକିଥିଲେ। ସେମାନେ ପହଞ୍ଚି ଅବିନାଶ ଓ ତାଙ୍କ ସାନଭାଇଙ୍କୁ ଆକ୍ରମଣ କରିଥିଲେ। ଏଥିରେ ସହିତଙ୍କ ମୁଣ୍ଡରେ ଆଘାତ ଲାଗିଥିବାରୁ ଧର୍ମଶାଳା ମେଡିକାଲକୁ ନିଆଯାଇଥିଲା। ଏ ନେଇ ଅବିନାଶ ଥାନାରେ ଅଭିଯୋଗ କରିଛନ୍ତି। ଥାନାରେ ମାମଲା ହୋଇ ନ ଥିବା ଏସ୍ଆଇ ମନୋରଞ୍ଜନ ଦାସ ସୂଚନା ଦେଇଛନ୍ତି।

## ସମୁଦ୍ରରେ ନିଖୋଜ ଇଞ୍ଜିନିୟରିଂ ଛାତ୍ରଙ୍କ ମୃତଦେହ ଉଦ୍ଧାର

**ରାଜନଗର, ୨।୧୧(ଡି.ଏନ.ଏ.) :** ପେଣ୍ଠ ସମୁଦ୍ରରେ ସାଙ୍ଗମାନଙ୍କ ସହ ଗାଧୋଇବାବେଳେ ରବିବାର ଯାଜପୁର ଜିଲା ବିଞ୍ଝାରପୁର ଥାନା ଅନ୍ତର୍ଗତ ଜରି ଗାଁର ଗୌରବ ରଥ (୨୪) ଭାସି ଯାଇଥିଲେ। ଖୋଜା ଖୋଜି ପରେ ବି ଗୌରବଙ୍କ ପତ୍ତା ମିଳି ନ ଥିଲା। ସୋମବାର ସମୁଦ୍ର କୂଳରେ ମୃତଦେହ ଦେଖିବାକୁ ମିଳିଥିଲା। ରାଜନଗର ଥାନା ସବ୍‌ଇନ୍ସପେକ୍ଟର ବିଜୁ ପ୍ରସାଦ ରାଉତ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପଠାଇଛନ୍ତି।

### ନାବାଳିକା ଉଦ୍ଧାର, ଅପହରଣକାରୀ ଯୁବକ ଅଟକ

**ଖଣ୍ଡପଡା,୨।୧୧(ସ୍ୱ.ପ୍ର):** ଖଣ୍ଡପଡା ଥାନା ଅଞ୍ଚଳରୁ ଜଣେ ୧୬ ବର୍ଷର ନାବାଳିକାଙ୍କୁ ନିକଟସ୍ଥ ବଳଭଦ୍ରପ୍ରସାଦ ଗାଁର କାହ୍ନୁ ଚରଣ ଜେନା ସହଯୋଗୀଙ୍କ ସହାୟତାରେ ଅପହରଣ କରି ନେଇଥିଲେ। ଏ ନେଇ ନାବାଳିକାଙ୍କ ମାଆ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ (୨୬୯/୨୦)ରେ ମାମଲା ରୁଜୁ କରି ଘଟଣାର ଅନୁସନ୍ଧାନ ଜାରି ରଖିଥିଲା। ଖଣ୍ଡପଡା ଥାନା ଆଇଆଇସି ବିଶ୍ୱଜିତ ରାଉତରାୟଙ୍କ ନିର୍ଦ୍ଦେଶକ୍ରମେ ପୋଲିସ ଟିମ ଚଢାଉ କରି ନାବାଳିକାକୁ ଉଦ୍ଧାର କରିବା ସହ ଅପହରଣକାରୀ ଯୁବକ କାହ୍ନୁଙ୍କୁ ଖଣ୍ଡପଡା ଥାନାରେ ଅଟକ ରଖି ପଚରାଉଚରା କରୁଛି। ମଙ୍ଗଳବାର ନାବାଳିକାଙ୍କ ଡାକ୍ତରୀ ମାଇନା କରାଯିବା ସହ ବୟାନ ରେକର୍ଡ କରାଯିବ। ଏହା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ପୋଲିସ ଏସ୍ଆଇ ପ୍ରଫୁଲ୍ଲ କୁମାର ଦେଓଙ୍କଠାରୁ ସୂଚନା ମିଳିଛି।

### ଚୋରି ବାଇକ୍ ଜବତ, ଅଭିଯୁକ୍ତ ଗିରଫ

**ଧର୍ମଶାଳା,୨।୧୧(ଡି.ଏନ.ଏ.):** ଧର୍ମଶାଳା ଥାନା ଜାରକା ଓ କୁମାରୀ ଅଞ୍ଚଳରୁ ଚୋରି ହୋଇଥିବା ବାଇକ୍ ଓ ଦୁଇଟି ସାଇକେଲକୁ ପୋଲିସ ସୋମବାର ଜବତ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଜାରକା ନିକଟ କୁମାରୀ କଲୋନୀର ହେମାନନ୍ଦ ପ୍ରଧାନ। ସପ୍ତାହେ ତଳେ ଜାରକା ବଜାରସ୍ଥିତ ଜଣକ ଘର ଆଗରୁ ବାଇକ୍ ଚୋରି ହୋଇଥିଲା। ଏ ନେଇ ବାଇକ୍ ମାଲିକ ଜାରକା ବିଟ୍‌ହାଉସରେ ଅଭିଯୋଗ କରିଥିଲେ। ପୋଲିସ ମାମଲା (୪୩୬/୨୦) ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା। ପୋଲିସ ହେମାନନ୍ଦଙ୍କୁ ଗିରଫ କରିବା ସହ ଚୋରି ବାଇକ, ୨ ସାଇକେଲ ଜବତ କରିଥିଲା। ହେମାନନ୍ଦଙ୍କୁ ଚଣ୍ଡିଖୋଲ କୋର୍ଟ ଚାଲାଣ କରାଯାଇଛି।

## ପରୀ ହତ୍ୟା ମାମଲା: ଆମରଣ ଅନଶନ ପ୍ରତ୍ୟାହୃତ

**ନୟାଗଡ ଅଫିସ,୨।୧୧**

ପରୀ ହତ୍ୟାକାଣ୍ଡର ହତ୍ୟାକାରୀଙ୍କୁ ଗିରଫ ଦାବିରେ ଆମରଣ ଅନଶନ ୬ଦିନ ଧରି ଚାଲିଥିଲା। ଉପଜିଲାପାଳ, ଅତିରିକ୍ତ ଏସ୍‌ପି, ନୟାଗଡ ଏସ୍‌ଡିପିଓ ଓ ନୟାଗଡ ଟାଉନ ଥାନା ଆଇଆଇସି ସୋମବାର ଅନଶନକାରୀଙ୍କୁ ବୁଝାଶୁଝା କରିବା ପରେ ଅନଶନ ପ୍ରତ୍ୟାହୃତ ହୋଇଛି। ହତ୍ୟାକାରୀଙ୍କୁ ଗିରଫ, ପରୀ ପରିବାରର ସୁରକ୍ଷା ଓ ଉଚ୍ଚସ୍ତରୀୟ ତଦନ୍ତର ପ୍ରତିଶ୍ରୁତି ପରେ ଆମରଣ ଅନଶନ ପ୍ରତ୍ୟାହାର କରିଥିବା ଅନଶନରେ ବସିଥିବା ଇଟାମାଟି ଥାନା ବିରୁଡାର ଭୁବନ ହାତୀ, ଓଡଗାଁ ଥାନା ଦଣ୍ଡୋରର ଶାନ୍ତନୁ ବିଶୋଇ କହିଛନ୍ତି। ଏହି ଦୁଇ ସୂଚନା ଅଧିକାର କର୍ମୀ ବୁଧବାର ନୟାଗଡ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନରେ ବସିଥିଲେ। ଅସୁସ୍ଥ ହେବା ପରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇ ବି ଅନଶନ ଜାରି ରଖଥିଲେ। ଜୁନ ୧୪ରେ ନୟାଗଡ ସଦର ଥାନା ଯଦୁପୁରରେ ଅମ୍ରିତା ସ୍ନେହା ସାହୁ ଓରଫ ପରୀ (୫) ନାମକ ଶିଶୁକନ୍ୟା ନିଖୋଜ ହୋଇଥିଲେ। ୧୦ ଦିନ ପରେ ତାଙ୍କ ଗଳିତ ମୃତଦେହ ଉଦ୍ଧାର ହୋଇଥିଲା। ମୃତଦେହ ଉଦ୍ଧାର ପରେ ପୋଲିସ ହତ୍ୟା ମାମଲା ରୁଜୁ କରିଥିଲା।

## ଗଜଲକ୍ଷ୍ମୀ ପୂଜାରେ ଚାନ୍ଦୋଳ ବଜାର ଜନଶୂନ୍ୟ



ଚାନ୍ଦୋଳ ବଜାରରେ ପୂଜା ପାଉଥିବା ମା’ଙ୍କ ମୃଣ୍ମୟୀ ମୂର୍ତ୍ତି।

**ଡେରାବିଶ, ୨।୧୧(ସ୍ୱ.ପ୍ର.):** କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ ଅଞ୍ଚଳରେ ଗଣପର୍ବ ଭାବେ ମା’ ଧନଦାତ୍ରୀଙ୍କ ପୂଜା ପାଳିତ ହୋଇ ଆସୁଛି। ବ୍ଲକର ଚାନ୍ଦୋଳଠାରେ ମା’ ଗଜଲକ୍ଷ୍ମୀଙ୍କ ପୂଜା ବହୁ ପ୍ରାଚୀନ। କୁମାର ପୂର୍ଣ୍ଣମୀଠାରୁ ଆରମ୍ଭ ହୋଇଥିବା ପୂଜା ଚଳିତବର୍ଷ କରୋନା କଟକଣା ଯୋଗୁ ମଣ୍ଡପଗୁଡ଼ିକ ଜନଶୂନ୍ୟ ହୋଇପଡିଛି। ୨୦ରୁ ଉର୍ଦ୍ଧ୍ୱ ପୂଜା ମଣ୍ଡପରେ ଶୁକ୍ରବାର ସନ୍ଧ୍ୟାରୁ ଆରମ୍ଭ ହୋଇଥିବା ମା’ଙ୍କ ପୂଜା କେବଳ ବ୍ରାହ୍ମଣ ଓ କର୍ତ୍ତିକର୍ତ୍ତାଙ୍କ ଉପସ୍ଥିତିରେ ଚାଲିଛି। ମାତ୍ର ଶ୍ରଦ୍ଧାଳୁଙ୍କ ପାଇଁ ଦର୍ଶନ ସମ୍ପୂର୍ଣ୍ଣ ବନ୍ଦ ରହିଛି। ଏଠାରେ ପ୍ରତିବର୍ଷ ୭ ଦିନ ଧରି ବିଭିନ୍ନ ଘରକରଣା ସାମଗ୍ରୀ, ଫାଷ୍ଟଫୁଡ ଖାଦ୍ୟର ମଜା ନେଉଥିବା ଦର୍ଶକ ଚଳିତବର୍ଷ ମା’ଙ୍କ ପୂଜାରୁ ଦେଖିବାରୁ ବଞ୍ଚିତ ହୋଇଛନ୍ତି। ପୂଜା କମିଟିର କର୍ମକର୍ତ୍ତା ପ୍ରମୋଦ କୁମାର ପ୍ରତାପ କହିଛନ୍ତି କରୋନା କଟକଣା ଦୃଷ୍ଟିରୁ ଚଳିତବର୍ଷ ସାଂସ୍କୃତିକ କାର୍ଯ୍ୟକ୍ରମକୁ ବନ୍ଦ ରଖାଯାଇଛି। ନିରାଡମ୍ବର ଭାବେ ବିଧିବିଧାନ ରକ୍ଷାସହ ପୂଜା କରାଯାଉଛି।

## କଂଗ୍ରେସ ନେତାଙ୍କ ସ୍ମୃତିଚାରଣ

**ବିଞ୍ଝାରପୁର, ୨।୧୧ (ଡି.ଏନ.ଏ.)**

ବିଞ୍ଝାରପୁର ବ୍ଲକ ଗୁହାଳି ପଞ୍ଚାୟତର ପ୍ରାକ୍ତନ ସଭାପତି ତଥା ଅବସରପ୍ରାପ୍ତ ରାଜସ୍ୱ ନିରୀକ୍ଷକ ସ୍ୱର୍ଗତ ବିପିନ ବିହାରୀ ନାୟକଙ୍କ ଏକାଦଶାହରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସାମାଜିକ କର୍ମୀ ତଥା ସ୍ମୃତି କମିଟି ସଭାପତି ଚନ୍ଦ୍ରଶେଖର ଧଳଙ୍କ ଦ୍ୱାରା ଆୟୋଜିତ ସଭାରେ ବରିଷ୍ଠ ନାଗରିକ ଜଗବନ୍ଧୁ ନାୟକ ସଭାପତିତ୍ୱ କରିଥିଲେ। ଅତିଥିଭାବେ ବରିଷ୍ଠ କଂଗ୍ରେସ ନେତା ଶିଶିର କୁମାର ନାୟକ, ପ୍ରାକ୍ତନ ବ୍ଲକ କଂଗ୍ରେସ ସଭାପତି ଜଗନ୍ନାଥ ଧଳ, ମହିଳା କଂଗ୍ରେସ ସମ୍ପାଦିକା କନକଲତା ମଲିକ, ଜିଲା କଂଗ୍ରେସ ସାଧାରଣ ସମ୍ପାଦକ ପ୍ରଦ୍ୟୁମ୍ନ ପାତ୍ର, ଶିକ୍ଷାବିତ୍ ପୀତାମ୍ବର ସ୍ୱାଇଁ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ନାୟକଙ୍କ ସ୍ମୃତି ଚାରଣ କରିଥିଲେ। ଅତିଥିମାନେ ତାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି ଅବସରରେ ‘ସ୍ମୃତି ଦର୍ପଣ’ ସ୍ମରଣିକା ଉନ୍ମୋଚନ କରାଯାଇଥିଲା।



ସଭାରେ ଯୋଗ ଦେଇଥିବା ଦଳୀୟ ନେତୃବୃନ୍ଦ।

# ଚାଷୀ ନାଁରେ ସବ୍‌ସିଡି ହଡ଼ପ

- କେନ୍ଦ୍ରାପଡ଼ାରୁ କୋଲକାତା ଯାଉଛି ପାୱାରଟିଲର
- କ୍ଷେତ ବଦଳରେ ରାସ୍ତାରେ ଗଡୁଛି ଟ୍ରାକ୍ଟର

**କେନ୍ଦ୍ରାପଡ଼ା ଅଫିସ, ୨।୧୧**

କେନ୍ଦ୍ରାପଡ଼ା ଜିଲାରେ ଶିଳ୍ପ ଓ କଳକରାଖାନା ନାହିଁ। ତେଣୁ ଏଠାକାର ଲୋକେ ମୁଖତଃ କୃଷିଭିତ୍ତିକ ଅର୍ଥନୀତି ଉପରେ ନିର୍ଭରଶୀଳ। କୃଷିର ଉନ୍ନତି ପାଇଁ ରାଜ୍ୟ ଓ କେନ୍ଦ୍ର ସରକାର କଷି ଯନ୍ତ୍ରପାତି କ୍ରୟ ଦରରେ ରିହାତି ଦେଉଛନ୍ତି। ଏହି ରିହାତି ଅର୍ଥ ଚାଷୀଙ୍କ କୃଷି ବିକାଶରେ ସହଯୋଗ ଦେବ ବୋଲି ସରକାରଙ୍କ ଲକ୍ଷ୍ୟ ରହିଛି। ହେଲେ ଚାଷୀଙ୍କ ନାଁରେ କୃଷି ସରଞ୍ଜାମ କିଣା ଯାଇ ସବ୍‌ସିଡି ଅର୍ଥକୁ ହଡପ କରାଯାଉଛି। ଚାଷୀଙ୍କ ପାଇଁ ଉପଲବ୍ଧ ପାୱାରଟିଲର କେନ୍ଦ୍ରାପଡାରୁ କୋଲକତାକୁ ପଠାଯାଉଛି। ଏଭଳି ଅଭିଯୋଗ ଜିଲାପାଳଙ୍କ ନିକଟରେ ସୋମବାର ପହଞ୍ଚିଛି।

ଅଭିଯୋଗକାରୀମାନେ ୫ ବର୍ଷ ମଧ୍ୟରେ ରିହାତି ଦରରେ ବିକ୍ରୟ ହୋଇଥିବା କୃଷି ସରଞ୍ଜାମ ସମ୍ପର୍କରେ ତଦନ୍ତ ଦାବି କରିଛନ୍ତି। ଏ ସମ୍ପର୍କରେ କୃଷକ ନେତା ପ୍ରତ୍ୟୁଷ କୁମାର ରାଉତ କହିଛନ୍ତି, ଫାର୍ମ ମେକାନାଇଜ୍ ସ୍କିମରେ କୃଷି ସରଞ୍ଜାମ ୨୦ରୁ ୮୦ ପ୍ରତିଶତ ପର୍ଯ୍ୟନ୍ତ ଚାଷୀଙ୍କୁ ରିହାତି ମିଳୁଛି। ତେବେ ଏହି ରିହାତି ଅର୍ଥ ଚାଷୀଙ୍କ ନିକଟରେ ପହଞ୍ଚି ପାରୁନାହିଁ। କୃଷି ବିଭାଗର କେତେଜଣ ଅଧିକାରୀ, ସପ୍ଲାୟର ସବ୍‌ସିଡି ଅର୍ଥକୁ ହେରଫେର କରୁଥିବା ଦେଖାଯାଉଛି। ୨୦୧୯ରେ କମ୍ବାଇନ ହାର୍ଭେଷ୍ଟର କିଣିବା ପାଇଁ କୃଷି ବିଭାଗରେ ଆବେଦନ ପତ୍ର ଦେଇଥିଲେ। କେନ୍ଦ୍ରାପଡା ଜିଲା ପାଇଁ ହାର୍ଭେଷ୍ଟର ଆଲଟମେଣ୍ଟ ହେବା ପରଦିନ ବିକ୍ରି ସରି ଯାଇଥିବା ବିଭାଗୀୟ ଅଧିକାରୀଙ୍କ ସମେତ ସପ୍ଲାୟର କହିଥିଲେ ବୋଲି ସେ ଅଭିଯୋଗ କରିଛନ୍ତି। ଅଭିଯୋଗକାରୀ ଚାଷୀ ମଦନମୋହନ ସାହୁ କହିଛନ୍ତି, ସରକାର ଚାଷୀଙ୍କୁ ସବ୍‌ସିଡ଼ିରେ ଟ୍ରାକ୍ଟର, ପାୱାରଟିଲର, ପାଣିପମ୍ପ, ଧାନ ଅମଳ ମେଶିନ ଆଦି କୃଷି ଯନ୍ତ୍ରପାତି ତଥା ଉପକରଣ ଯୋଗାଉଛନ୍ତି। ଏଥିପାଇଁ ସହରର ଦୁହୁରିଆ, ଖଡ଼ିଅଙ୍ଗ, ଗରାପୁର, ଗୋପ ଆଦି ଅଞ୍ଚଳରେ ପ୍ରାଧିକୃତ ସପ୍ଲାୟାର ରହିଛନ୍ତି। ତେବେ କ୍ଷେତରେ ଜଳସେଚନ ପାଇଁ ପାଣି ପମ୍ପଟିଏ ସମ୍ପୃକ୍ତ ସପ୍ଲାୟାରଙ୍କଠାରୁ କୃଷି ବିଭାଗର ମଞ୍ଜୁରୀ ସତ୍ତ୍ୱେ ରିହାତି ଦରରେ ମିଳୁନାହିଁ। ମିଳୁଥିବା ୫୦ ପ୍ରତିଶତ ରିହାତି କାହା ଖାତାକୁ ଯାଉଛି ତାହା ତଦନ୍ତ ସାପେକ୍ଷ ବୋଲି ଅଭିଯୋଗକାରୀ ସାହୁ ପ୍ରକାଶ କରିଛନ୍ତି। ସେହିପରି ଅନ୍ୟତମ ଅଭିଯୋଗକାରୀ ଆଶିଷ କୁମାର ମହାପାତ୍ର କହିଛନ୍ତି, କେନ୍ଦ୍ରାପଡା ଜିଲାକୁ ଆସୁଥିବା ପାୱାରଟିଲର କୋଲକତାକୁ ଚାଲାଣ ହେଉଥିବା ବହୁ ସମୟରେ ଦେଖାଯାଉଛି। ସେହିପରି କୃଷି କ୍ଷେତ୍ର ପାଇଁ ଆସିଥିବା ଟ୍ରାକ୍ଟର ଏବେ ରାସ୍ତାରେ ପରିବହନ କାର୍ଯ୍ୟରେ ଲାଗୁଛି। ବ୍ୟବସାୟୀମାନେ ଚଞ୍ଚକତା କରି ଚାଷୀଙ୍କ ପାଇଁ ଉଦ୍ଦିଷ୍ଟ ଟ୍ରାକ୍ଟର, ପାୱାରଟିଲର ହାତଉଥିବାରୁ ପ୍ରଶାସନିକ ତଦନ୍ତ ହେଲେ ବହୁ ଅନିୟମିତତା ପଦାକୁ ଆସିବ ବୋଲି ମହାପାତ୍ର କହିଛନ୍ତି। ସାମାଜିକ କର୍ମୀ ପ୍ରତାପ ଚନ୍ଦ୍ର ମହାନ୍ତି କହିଛନ୍ତି, ରିହାତି ଦରରେ କ୍ରୟ ହେଉଥିବା ଟ୍ରାକ୍ଟରର ଅଧିକାଂଶ କୃଷି ଯନ୍ତ୍ରାଂଶ କ୍ରୟ ନ ହୋଇ ପଡିରହୁଛି। ତେବେ ଏହାର ସବ୍‌ସିଡି ଅର୍ଥ ସପ୍ଲାୟର ହାତେଇ ନେଉଛନ୍ତି। ଏ ନେଇ ଜିଲା ପ୍ରଶାସନ ତଦନ୍ତ କରିବା ଜରୁରୀ ହୋଇପଡିଛି। ଏ ସମ୍ପର୍କରେ ଜିଲା କୃଷି ଉପନିର୍ଦ୍ଦେଶକ ଅଶୋକ ମହାସୁଆରଙ୍କୁ ପଚାରିବାରେ ରିହାତି ଅର୍ଥରେ ବିକ୍ରୟ ହେଉଥିବା କୃଷି ସରଞ୍ଜାମରେ ଅନିୟମିତତା ହୋଇଥିବା ନେଇ କୌଣସି ଚାଷୀ ଅଦ୍ୟାବଧି ତାଙ୍କ ନିକଟରେ ଅଭିଯୋଗ କରିନାହାନ୍ତି। ବିଭାଗୀୟ ତଦନ୍ତ ହୋଇ କାର୍ଯ୍ୟାନୁଷ୍ଠାନ ହେବ।

**ଜରୁରିକାଳୀନ ଋଣ ଗ୍ୟାରେଣ୍ଟି ଯୋଜନା ମିଆଦ ମାସେ ବଢ଼ିଲା**

କେନ୍ଦ୍ର ସରକାର ଜରୁରିକାଳୀନ ଋଣ ଗ୍ୟାରେଣ୍ଟି ଯୋଜନା(ଇସିଏଲ୍‌ଜିଏସ୍)ର ମିଆଦକୁ ଆଉ ମାସେ ବଢାଇଛନ୍ତି। ଏହା ଚଳିତ ମାସ ୩୦ ତାରିଖ ଯାଏ କିମ୍ବା ୩ ଲକ୍ଷ କୋଟି ଟଙ୍କାରୁ ଅଧିକ ଋଣ ମଞ୍ଜୁର ହେବା ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବ। ଏକ୍ଷେତ୍ରରେ ପରିବର୍ତ୍ତିତ ସମୟର ମିଆଦ ଓ ଋଣ ମଞ୍ଜୁରୀ ମଧ୍ୟରୁ ଯେଉଁଟି ଆଗ ହେବ ତାହାକୁ ଗ୍ରହଣ କରାଯିବ। ଋଣ ଚାହିଦା କୁ ଧ୍ୟାନରେ ରଖି ସରକାର ମିଆଦକୁ ବଢାଇଥିବା ଜଣାପଡିଛି।

## ସଂକ୍ଷେପରେ

### ସି. ଉଦୟ ଭାସ୍କର ନାବାର୍ଡର ନୂଆ ସିଜିଏମ୍



**ଭୁବନେଶ୍ୱର,୨।୧୧:** ଜାତୀୟ କୃଷି ଏବଂ ଗ୍ରାମୀଣ ବିକାଶ ବ୍ୟାଙ୍କ(ନାବାର୍ଡ) ଓଡ଼ିଶା ଆଞ୍ଚଳିକ କାର୍ଯ୍ୟାଳୟ ନୂଆ ମୁଖ୍ୟ ମହାପ୍ରବନ୍ଧକ(ସିଜିଏମ୍) ଭାବେ ସି.ଉଦୟ ଭାସ୍କର ଦାୟିତ୍ୱ ଭାର ଗ୍ରହଣ କରିଛନ୍ତି। ସେ ପବ୍ଲିକ ଆଡମିନିଷ୍ଟ୍ରେଶନରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିବା ବେଳେ ନାବାର୍ଡରେ ତାଙ୍କର ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ରହିଛି। ଅର୍ଥ ଏବଂ ବିଭିନ୍ନ ଉନ୍ନତିମୂଳକ କ୍ଷେତ୍ରରେ ସେ କାର୍ଯ୍ୟ କରିଛନ୍ତି। ନାବାର୍ଡ ମୁମ୍ବାଇ ସ୍ଥିତ ମୁଖ୍ୟା କାର୍ଯ୍ୟାଳୟ ଏବଂ ବିଭିନ୍ନ କାର୍ଯ୍ୟାଳୟରେ ସେ କାର୍ଯ୍ୟ କରିଛନ୍ତି।

### ସାମ୍‌ସଙ୍ଗ ଇଣ୍ଡିଆର ପାର୍ବଣ ମେଗା ଅଫର

**ନୂଆଦିଲ୍ଲୀ,୨।୧୧:** ସାମ୍‌ସଙ୍ଗର ଅନ୍‌ଲାଇନ ଷ୍ଟୋର- ସାମ୍‌ସଙ୍ଗ ଡଟ୍ କମ୍‌ରେ ଆକର୍ଷଣୀୟ ରିହାତି ଏବଂ କ୍ୟାଶବ୍ୟାକ୍ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ପ୍ଲାଟଫର୍ମରେ ସପିଂ କରୁଥିବା ଉପଭୋକ୍ତା ଦେଶବ୍ୟାପୀ ୧୬ ହଜାର ପିନ୍ କୋଡ୍‌ରେ ନିଜ ଡୋରଷ୍ଟେପ୍‌ରେ ୨ ରୁ ୩ ଦିନ ମଧ୍ୟରେ ସୁପରଫାଷ୍ଟ ଡେଲିଭରି ସୁବିଧା ମଧ୍ୟ ପାଇପାରିବେ। ଏଥିରେ ସାମ୍‌ସଙ୍ଗର ଫ୍ଲାଗସିପ ଗାଲାକ୍ସି ଏସ୍୨୦+ ଭଳି ନିର୍ଦ୍ଦିଷ୍ଟ ଗାଲାକ୍ସି ସ୍ମାର୍ଟଫୋନଗୁଡିକ ଉପରେ ୪୦% ପର୍ଯ୍ୟନ୍ତ ରିହାତି ପାଇପାରିବେ। ସେହିଭଳି ସାମ୍‌ସଙ୍ଗ ୱାୟାରଲେସ ଚାର୍ଜର ଓ ଜେବିଏଲ ସ୍ପିକର ଭଳି ନିର୍ଦ୍ଦିଷ୍ଟ ଆସେସୋରିଜ ଉପରେ କମ୍ପାନୀ ୬୦% ପର୍ଯ୍ୟନ୍ତ, ଟିଭି ଓ ହୋମ ଆପ୍ଲାଏନ୍ସ ଉପରେ ୪୫% ରିହାତି ମିଳିଛି। ବ୍ୟାଙ୍କ ଓ କାର୍ଡରେ କ୍ରୟ ଉପରେ ୧୨.୫% ପର୍ଯ୍ୟନ୍ତ କ୍ୟାଶବ୍ୟାକ ସୁବିଧା ମଧ୍ୟ ମିଳିବ। ଏହି ଅଫର ଅକ୍ଟୋବର ୧୫ରୁ ନଭେମ୍ବର୧୬ ପର୍ଯ୍ୟନ୍ତ ରହିବ।

# ଆସିବ ଆଉ ଏକ ଆର୍ଥିକ ପ୍ୟାକେଜ

- ଆଭାସ ଦେଲେ ଅର୍ଥ ସଚିବ
- ବିଭିନ୍ନ ଦିଗକୁ ବିଚାର କରୁଛନ୍ତି ସରକାର

**ନୂଆଦିଲ୍ଲୀ,୨।୧୧**



କରୋନା ମହାମାରୀ ଦ୍ୱାରା କ୍ଷତିଗ୍ରସ୍ତ ଅର୍ଥ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ଅଣ୍ଟା ସଳଖି ଛିଡ଼ା ହୋଇନାହିଁ। ସରକାର ପୂର୍ବରୁ ୨୦ ଲକ୍ଷ କୋଟି ଟଙ୍କାର ଆର୍ଥିକ ପ୍ୟାକେଜ ଘୋଷଣା କରିଥିଲେ। ଏହା ପରେ ପାର୍ବଣରେ ବଜାରର ଉତ୍ସାହ ବଢ଼ାଇବା ଲାଗି ସରକାରୀ କର୍ମଚାରୀଙ୍କ ଲାଗି ପ୍ରାୟ ୭୩ ହଜାର କୋଟି ଟଙ୍କାର ଆଉ ଏକ ପ୍ୟାକେଜ ଘୋଷଣା କରିଛନ୍ତି। ଏହାବାଦ୍ ଆଉ ଏକ ଆର୍ଥିକ ପ୍ୟାକେଜ କେନ୍ଦ୍ର ସରକାର ଆଣିବେ ବୋଲି ଜଣାପଡିଛି। ଏ ନେଇ କେନ୍ଦ୍ର ସରକାର କାର୍ଯ୍ୟପନ୍ଥା ହାତକୁ ନେଉଥିବା ଅର୍ଥ ସଚିବ ଅଜୟ ଭୂଷଣ ପାଣ୍ଡେ ରବିବାର ଆଭାସ ଦେଇଛନ୍ତି। ଏହି ପ୍ୟାକେଜ କେବେ ସୁଦ୍ଧା ଆସିବ ସେ ନେଇ ପାଣ୍ଡେ କୌଣସି ସ୍ପଷ୍ଟ ସୂଚନା ଦେଇନାହାନ୍ତି।

ସେ କହିଛନ୍ତି, ସରକାର ବଜାର ସ୍ଥିତି ଉପରେ ଧ୍ୟାନ ରଖିଛନ୍ତି। ଅର୍ଥ ବ୍ୟବସ୍ଥାର ବିଭିନ୍ନ କ୍ଷେତ୍ରର ସ୍ଥିତିକୁ ନିରନ୍ତର ଭିତ୍ତିରେ ତର୍ଜମା କରାଯାଉଛି। ଆବଶ୍ୟକତା ଅନୁସାରେ ବିଭିନ୍ନ ପଦକ୍ଷେପ ନିଆଯାଉଛି। ଦେଶର ବିଭିନ୍ନ ଶିଳ୍ପ ସଂଘ, ବାଣିଜ୍ୟିକ ଆସୋସିଏଶନ, ମନ୍ତ୍ରଣାଳୟ ଏବଂ ଅଂଶୀଦାରଙ୍କଠାରୁ ମତାମତ ନିଆଯାଉଛି। ସେହି ଅନୁସାରେ ବିଭିନ୍ନ ଯୋଜନା ହାତକୁ ନିଆଯାଉଛି ବୋଲି ସେ ମତ ପ୍ରକାଶ କରିଛନ୍ତି। ଅର୍ଥ ବ୍ୟବସ୍ଥା ପୁଣି ଥରେ ଟ୍ରାକ୍‌କୁ ଫେରୁଥିବା ସେ ମତ ପ୍ରକାଶ କରିଛନ୍ତି।

ଆର୍ଥିକ କାର୍ଯ୍ୟକଳାପରେ ଉନ୍ନତି ଆସୁଥିବାରୁ ଜିଏସ୍‌ଟି ସଂଗ୍ରହ କୋଭିଡ୍ ପୂର୍ବବର୍ତ୍ତୀ ସ୍ତରକୁ ଫେରିଛି। ଏହାବାଦ୍ ଇ-ୱେ ବିଲ୍ ଜେନେରେଶନରେ ଉନ୍ନତି, ବିଭିନ୍ନ ବର୍ଗଙ୍କୁ ସହାୟତା, ଜନଧନ ଆକାଉଣ୍ଟରେ ଡିବିଟି ଯୋଗେ ଅର୍ଥ ଯୋଗାଣ, ପିଏମ୍ କିଷାନ ଯୋଜନାରେ କୃଷକଙ୍କୁ ସହାୟତା, ଇପିଏଫ୍ ଯୋଗଦାନ, ଏମ୍‌ଏସ୍‌ଏମ୍‌ଇକୁ ନଗଦ ଯୋଗାଣ, ଟିକସ ରିଫଣ୍ଡ, ଏମ୍‌ଏସ୍‌ଏମ୍‌ଇ ଋଣ ମୋରାଟୋରିୟମ ଭଳି ବିଭିନ୍ନ ସୁବିଧା ଦ୍ୱାରା ଅର୍ଥ ବ୍ୟବସ୍ଥାରେ ଉନ୍ନତି ଆଣିବା ଲାଗି ସରକାର ଚେଷ୍ଟା ଜାରି ରଖିଥିବା ସେ ମତ ଦେଇଛନ୍ତି।

# ବଣ୍ଡ, କରେନ୍ସି ମାର୍କେଟ ଟ୍ରେଡିଂ ସମୟ ବଢ଼ାଇବ ଆର୍‌ବିଆଇ



**ମୁମ୍ବାଇ,୨।୧୧:** ବଣ୍ଡ ଏବଂ କରେନ୍ସି ମାର୍କେଟର ଟ୍ରେଡିଂ ସମୟ ସୀମାକୁ ବଢ଼ାଇବା ଲାଗି ରିଜର୍ଭ ବ୍ୟାଙ୍କ ସୋମବାର ନିଷ୍ପତ୍ତି ଗ୍ରହଣ କରିଛି। ରିଜର୍ଭ ବ୍ୟାଙ୍କ ଏହାଦ୍ୱାରା ନିୟନ୍ତ୍ରିତ ବିଭିନ୍ନ ବଜାରର ଟ୍ରେଡିଂ ସମୟକୁ ପୁଣି ଥରେ ବ୍ୟବସ୍ଥିତ କରିବା ଲାଗି ଏଭଳି ପଦକ୍ଷେପ ହାତକୁ ନେଇଛି। ନଭେମ୍ବର ୯ରୁ ପର୍ଯ୍ୟାୟକ୍ରମେ ଏହା ହେବ। ନୂଆ ନିୟମ ମୁତାବକ ବଣ୍ଡ ଏବଂ କରେନ୍ସି ମାର୍କେଟର ଟ୍ରେଡିଂ ସମୟକୁ ୧.୫୦ ଘଣ୍ଟା ବଢ଼ାଯାଇଛି। ଫଳରେ ଏହି ବଜାର ୩.୩୦ରେ ବନ୍ଦ ହେବ। ପୂର୍ବରୁ ଏହା ୨ଟାରେ ବନ୍ଦ ହୋଇଯାଉଥିଲା। ସରକାରୀ ପ୍ରତିଭୂତିରେ ମାର୍କେଟ ରେପୋ ଆସନ୍ତା ସପ୍ତାହଠାରୁ ପୂର୍ବାହ୍ନ ୧୦ରୁ ଅପରାହ୍ନ ୨.୩୦ ଯାଏ କାମ କରିବ। ସରକାରୀ ପ୍ରତିଭୂତିରେ ତୃତୀୟ ପକ୍ଷ ରେପୋ ୧୦ରୁ ୩ଟା ଯାଏ ଚାଲିବ। ଲକ୍‌ଡାଉନ ଘୋଷଣା ପରେ ଏପ୍ରିଲ ୭ରୁ ଟ୍ରେଡିଂ ସମୟକୁ ଆର୍‌ବିଆଇ କମାଇ ଦେଇଥିଲା। ସବୁ ବର୍ଗର ମାର୍କେଟ ଖୋଲିବା ସମୟକୁ ସକାଳ ୧୦ ପରିବର୍ତ୍ତେ ସକାଳ ୯ଟା କରାଯାଇଥିଲା। ସେହିଭଳି କ୍ଲୋଜିଂ ସମୟ ୨ଟା ରହିଥିଲା। ସେହିଭଳି କମର୍ସିଆଲ ପେପର, ସାର୍ଟିଫିକେଟ ଅଫ ଡିପୋଜିଟ, କର୍ପୋରେଟ ବଣ୍ଡ ରେପୋ, ସରକାରୀ ପ୍ରତିଭୂତି, ବିଦେଶୀ ମୁଦ୍ରା, ଭାରତୀୟ ଟଙ୍କା ସହ ଫରେନ୍ସ ଡେରିଭେଟିଭ, ରୁପି ଇଣ୍ଟରେଷ୍ଟ ରେଟ୍ ଡେରିଭେଟିଭ୍, କଲ, ନୋଟିସ ଏବଂ ଟର୍ମ ମନି ଟ୍ରେଡିଂ ସମୟକୁ ୩.୩୦ ଯାଏ ବଢାଯାଇଥିବା ଜଣାପଡିଛି।

# ବିଓବିର ସତର୍କତା ସଚେତନତା ସପ୍ତାହ




**ଭୁବନେଶ୍ୱର,୨।୧୧:** ବ୍ୟାଙ୍କ ଅଫ୍ ବରୋଦା(ବିଓବି)ର ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ୨୭ ଅକ୍ଟୋବରରୁ ଚଳିତ ମାସ ୨ତାରିଖ ପର୍ଯ୍ୟନ୍ତ ସତର୍କତା ସଚେତନତା ସପ୍ତାହ ପାଳିତ ହୋଇଯାଇଛି। ଜାତୀୟ ସଚେତନତା ଆୟୋଗର ନିୟମାବଳୀ ଅନୁଯାୟୀ ବ୍ୟାଙ୍କର ନୟାପଲ୍ଲୀସ୍ଥିତ କାର୍ଯ୍ୟାଳୟ ପରିସରରେ ଏହି କାର୍ଯ୍ୟକ୍ରମ ପାଳନ କରାଯାଇଛି। ଏକ ସଶକ୍ତ ଏବଂ ସମୃଦ୍ଧ ଭାରତ ପାଇଁ କର୍ମଚାରୀମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଉକ୍ତ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ରହିଥିଲା। ଏହି ଅବସରରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଉଲ୍ଲେଖନୀୟ ଅବଦାନର ସ୍ମୃତିଚାରଣ କରାଯାଇଥିଲା। ବ୍ୟାଙ୍କର ଭୁବନେଶ୍ୱର କ୍ଷେତ୍ରର କ୍ଷେତ୍ରୀୟ ପ୍ରବନ୍ଧକ ଭାରତ ଭୂଷଣ, କ୍ଷେତ୍ର-୨ର କ୍ଷେତ୍ରୀୟ ପ୍ରବନ୍ଧକ ଅନ୍ୱୟ ମିଶ୍ରଙ୍କ ସମେତ ବ୍ୟାଙ୍କର କର୍ମଚାରୀମାନେ ସତର୍କତାର ଶପଥ ପାଠ କରିଥିଲେ।

# ବିଏସ୍‌ଏନ୍‌ଏଲ୍‌ର ଦୁର୍ନୀତି ନିବାରଣ ସଚେତନତା

**ଭୁବନେଶ୍ୱର,୨।୧୧**

ଭାରତ ସଞ୍ଚାର ନିଗମ ଲିମିଟେଡ୍ (ବିଏସ୍‌ଏନ୍‌ଏଲ୍) ଓଡ଼ିଶା ସର୍କଲ ପକ୍ଷରୁ ସ୍ଥାନୀୟ ବିଏସ୍‌ଏନ୍‌ଏଲ୍ ଭବନ ପରିସରରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ ହୋଇଯାଇଛି। ଏହି ଅବସରରେ ବିଏସ୍‌ଏନ୍‌ଏଲ୍ ମୁଖ୍ୟ ମହାପ୍ରବନ୍ଧକ ଡ. ଉଦୟ ଶଙ୍କର ପଣ୍ଡା ଯୋଗଦେଇ ସମସ୍ତ କର୍ମଚାରୀଙ୍କୁ ଦୁର୍ନୀତି ନିବାରଣ ଲାଗି ଶପଥପାଠ କରାଇଥିଲେ। ଏହି ଉପଲକ୍ଷେ କର୍ମଚାରୀମାନଙ୍କ ମଧ୍ୟରେ ଏକ ବକ୍ତୃତା ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏହାର ବିଷୟବସ୍ତୁ ଥିଲା ସର୍ତକ ଭାରତ-ସମୃଦ୍ଧ ଭାରତ। କାର୍ଯ୍ୟକ୍ରମ ଶେଷରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଓଡ଼ିଶା ସର୍କଲର ଉପ ମହାପ୍ରବନ୍ଧକ (ଭିଜିଲାନ୍ସ) କାର୍ତ୍ତିକ ଚରଣ ପତିଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଷ୍ଟାଟସ ରିପୋର୍ଟ ମାଗିଲେ ସୁପ୍ରିମକୋର୍ଟ



**ମୁମ୍ବାଇ,୨।୧୧:** ପଳାତକ ବିଜୟ ମାଲ୍ୟାଙ୍କୁ ଭାରତ ଫେରାଇ ଆଣିବା ଲାଗି ବ୍ରିଟେନରେ ବର୍ତ୍ତମାନ ପ୍ରତ୍ୟର୍ପଣ ଲାଗି ପ୍ରକ୍ରିୟା ଜାରି ରହିଛି। ଏହି ମାମଲା ବର୍ତ୍ତମାନ ଝୁଲି ରହିଛି। ଏହାକୁ ନେଇ ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ ଷ୍ଟାଟସ ରିପୋର୍ଟ ମାଗିଛନ୍ତି। ୬ ସପ୍ତାହ ମଧ୍ୟରେ ଷ୍ଟାଟସ ରିପୋର୍ଟ ଦେବା ଲାଗି କେନ୍ଦ୍ର ସରକାରଙ୍କୁ ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ଅକ୍ଟୋବର ୫ରେ କେନ୍ଦ୍ର ସରକାର ସୁପ୍ରିମକୋର୍ଟଙ୍କୁ କହିଥିଲେ, ମାଲ୍ୟାଙ୍କୁ ଫେରାଇ

### ମାଲ୍ୟାଙ୍କ ପ୍ରତ୍ୟର୍ପଣ

ଆଣିବା ଲାଗି ଏକ ଗୁପ୍ତ ଆଇନଗତ ପ୍ରକ୍ରିୟା ହାତକୁ ନିଆଯିବ। ଜଷ୍ଟିସ ୟୁ.ୟୁ.ଲଳିତ ଏବଂ ଜଷ୍ଟିସ ଅଶୋକ ଭୂଷଣ ସଲିସିଟର ଜେନେରାଲ ତୁଷାର ମେହେଟାଙ୍କୁ ନିର୍ଦ୍ଦେଶରେ କହିଛନ୍ତି, କେନ୍ଦ୍ର ୬ ସପ୍ତାହରେ ଷ୍ଟାଟସ ରିପୋର୍ଟ ପ୍ରଦାନ କରୁ। ମାମଲାର ପରବର୍ତ୍ତୀ ଶୁଣାଣି ୨୦୨୧ ଜାନୁୟାରୀ ପ୍ରଥମ ସପ୍ତାହରେ କରାଇବା ଦିଗରେ ସୁପ୍ରିମକୋର୍ଟ ଏଭଳି ନିର୍ଦ୍ଦେଶ ଜାରି କରିଛନ୍ତି। ସୂଚନାଯୋଗ୍ୟ, ବ୍ୟାଙ୍କଗୁଡିକର ଋଣ ନ ଫେରାଇବା ମାମଲାରେ ମାଲ୍ୟାଙ୍କ ବିରୋଧରେ ବର୍ତ୍ତମାନ ମାମଲା ଜାରି ରହିଛି। ଭାରତୀୟ ବ୍ୟାଙ୍କଗୁଡିକ ତାଙ୍କୁ ପ୍ରଦାନ କରିଥିବା ଋଣ ଅର୍ଥ ଫେରିପାଇବା ଲାଗି ମାମଲା କରିଛନ୍ତି। ସେହିଭଳି ନିଜ ପରିବାର ସଦସ୍ୟଙ୍କ ନିକଟକୁ ଏକ ବୃହତ୍ ପରିମାଣର ପାଣ୍ଠି ମାଲ୍ୟା ପଠାଇ ଦେଇଥିବା ଅଭିଯୋଗ ଆସିଛି। ସେ ଭାରତ ଛାଡ଼ି ବର୍ତ୍ତମାନ ଲଣ୍ଡନ ପଳାଇଛନ୍ତି। ସେଠାରୁ ତାଙ୍କୁ ଫେରାଇ ଆଣିବା ଲାଗି ଭାରତ ସରକାର ଲଣ୍ଡନ କର୍ତ୍ତୃପକ୍ଷଙ୍କୁ ନିବେଦନ କରିବା ପରେ ପ୍ରତ୍ୟପଣ ଲାଗି ପ୍ରକ୍ରିୟା ଜାରି ହୋଇଛି। ହେଲେ ଏହି ପ୍ରକ୍ରିୟା କେତେ ବାଟ ଆଗକୁ ବଢ଼ିଲା ତାହା ଏବେ ଯାଏ ସ୍ପଷ୍ଟ ହୋଇପାରିନାହିଁ। ଏହା ଉପରେ ସ୍ପଷ୍ଟ କରିବା ଲାଗି ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

## ରାଜ୍ୟ ଖବର

# ଜୋତା ପିନ୍ଧି ଚେୟାରରେ ଅବଢ଼ା ସେବନ

**ପୁରୀ ଅଫିସ,୨।୧୧**


ଶ୍ରଦ୍ଧାଳୁ ଜୋତା ପିନ୍ଧି ଚେୟାରରେ ବସି ମହାପ୍ରସାଦ ଖାଉଛନ୍ତି।

ମହାପ୍ରଭୁଙ୍କ ମହାପ୍ରସାଦ ପାଇବାକୁ ସମସ୍ତଙ୍କର ଇଚ୍ଛା ଥାଏ। କଣିକାଏ ଅବଢା ପାଇଁ ଦୀର୍ଘ ସମୟ ଧରି ଅପେକ୍ଷା କରନ୍ତି ଶ୍ରଦ୍ଧାଳୁ। ଆନନ୍ଦ ବଜାରରେ ବସି ମହାପ୍ରସାଦ ସେବନ ଭାଗ୍ୟରେ ଥିଲେ ମିଳେ। ପ୍ରତିଟି ଜଗନ୍ନାଥପ୍ରେମୀଙ୍କ ମହାପ୍ରଭୁଙ୍କ ପ୍ରିୟ ମହାପ୍ରସାଦ ପ୍ରତି ଗଭୀର ଭକ୍ତି ଓ ବିଶ୍ୱାସ ରହିଛି। ହେଲେ ଏହି ବିଶ୍ୱାସରେ ଶକ୍ତ ଆଘାତ ପହଞ୍ଚାଇଲା ଭଳି ଘଟଣା ସୋମବାର ପୁରୀରେ ଦେଖିବାକୁ ମିଳିଛି। କେତେଜଣ ଶ୍ରଦ୍ଧାଳୁ ଜୋତା ପିନ୍ଧି ଚେୟାର ଉପରେ ବସି ମହାପ୍ରସାଦ ସେବନ

### ମହାପ୍ରସାଦ ପ୍ରତି ଅସମ୍ମାନ

କରିଥିଲେ। ମହାପ୍ରସାଦ ପ୍ରତି ଏଭଳି ଅସମ୍ମାନକୁ ନେଇ ସେବାୟତ ଓ ଭକ୍ତ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

କରୋନା କଟକଣା ପାଇଁ ଗତ ମାର୍ଚ୍ଚ ୨୦ରୁ ଶ୍ରୀମନ୍ଦିରକୁ ଭକ୍ତଙ୍କ ପ୍ରବେଶ ବନ୍ଦ ରହିଛି। କାର୍ତ୍ତିକ ମାସରେ ମହାପ୍ରସାଦ ପ୍ରତି ଭକ୍ତ ଓ ହବିଷିଆଳିଙ୍କର ଅଧିକ ଚାହିଦା ଥିବାରୁ ସେମାନଙ୍କୁ କିପରି ସୁରୁଖୁରରେ ଏହା ପାଇପାରିବେ ସେ ନେଇ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଇଛି। ଭକ୍ତଙ୍କ ବସିବା ଲାଗି ଚେୟାର ପଡ଼ିଛି। ଉତ୍ତର ଓ ଦକ୍ଷିଣ ଦ୍ୱାରରେ ଶେଡ୍ କରାଯାଇଛି। ଭକ୍ତଙ୍କୁ ସୁଆର ମହାସୁଆର ନିଯୋଗ ମହାପ୍ରସାଦ ବିକ୍ରି କରୁଛନ୍ତି। କିନ୍ତୁ ଏଠାରେ ସେବନ ଲାଗି ବାରଣ ରହିଛି। ତେବେ ସୋମବାର ଉତ୍ତର ଦ୍ୱାର ପାର୍ଶ୍ୱ ଶେଡ୍‌ରେ ପଡ଼ିଥିବା ଚେୟାରରେ କେତେଜଣ ଶ୍ରଦ୍ଧାଳୁ ବସି ମହାପ୍ରସାଦ ସେବନ କରୁଥିବା ଦେଖିବାକୁ ମିଳିଥିଲା। ଉଦ୍‌ବେଗର ବିଷୟ ହେଉଛି ସେମାନେ ଚପଲ ପିନ୍ଧି ଅବଢ଼ା ଖାଉଥିଲେ। ଏହାକୁ ନେଇ ଭକ୍ତ ଓ ସେବାୟତ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି।

ଏ ସମ୍ପର୍କରେ ଉପଜିଲାପାଳ ଭବତାରଣ ସାହୁ କହିଛନ୍ତି, ଭକ୍ତଙ୍କୁ ସୁବିଧାରେ ମହାପ୍ରସାଦ ଯୋଗାଇଦେବାକୁ ପ୍ରଶାସନ ପକ୍ଷରୁ ଶେଡ୍ ବ୍ୟବସ୍ଥା ହୋଇଛି। ଏଠାରୁ ମହାପ୍ରସାଦ ନେଇ ଶୁଦ୍ଧପୂତ ଭାବେ ସେବନ କରିବା କଥା। କୌଣସି ବ୍ୟକ୍ତି ମହାପ୍ରସାଦ ସେବନ ପୂର୍ବରୁ ଜଗନ୍ନାଥ ସଂସ୍କୃତି ଓ ପରମ୍ପରା ବିଷୟରେ ପ୍ରଥମେ ଜାଣିବା ଦରକାର। ତଳେ ବସି କଦଳୀ ପତ୍ରରେ ମହାପ୍ରସାଦ ଖାଇବା ବିଧି ରହିଛି। ଏ ଦିଗରେ ଶ୍ରଦ୍ଧାଳୁମାନେ ସଚେତନ ହେବା ଉଚିତ।

ଶ୍ରୀମନ୍ଦିରରେ ଶ୍ରୀଜଗନ୍ନାଥଙ୍କ ପାଖରେ ଅର୍ପିତ ପ୍ରସାଦକୁ ଶ୍ରୀମହାପ୍ରସାଦ ବୋଲି କୁହାଯାଏ। ଶାସ୍ତ୍ରାନୁସାରେ ମହାଲକ୍ଷ୍ମୀ ନିଜେ ଶ୍ରୀମନ୍ଦିରରେ ମହାପ୍ରସାଦ ପ୍ରସ୍ତୁତ କରିଥାନ୍ତି। ମହାପ୍ରସାଦ କଣିକାଏ ପାଇଲେ ଜୀବ ମୁକ୍ତି ଲାଭ କରେ ବୋଲି ବିଶ୍ୱାସ ରହିଛି। ସେଥିପାଇଁ ମହାପ୍ରଭୁଙ୍କ ନିକଟରେ ମହାପ୍ରସାଦ ଲାଗି ହେବା ପରେ ଭକ୍ତ ଏହା ପାଇବା ଲାଗି ଚାହିଁ ରହିଥାନ୍ତି। ମହାପ୍ରସାଦକୁ ଅନ୍ନବ୍ରହ୍ମ ବୋଲି କୁହାଯାଏ। ଏଥିପ୍ରତି ଶ୍ରଦ୍ଧାଳୁଙ୍କ ଭକ୍ତିଭାବ ରହିଛି। କୁହାଯାଇଛି ଭଗବାନଙ୍କୁ ନିନ୍ଦିଲେ ଚଳିବ, କିନ୍ତୁ ତାଙ୍କ କୈବଲ୍ୟକୁ ନୁହେଁ। ଏହିଭଳି ବିଶ୍ୱାସ ଓ ପରମ୍ପରା ସହ ସାମିଲ ମହାପ୍ରସାଦ ପ୍ରତି ଏଭଳି ଅସମ୍ମାନ ଭକ୍ତ ସମାଜକୁ ଗଭୀର ଆଘାତ ପହଞ୍ଚାଇଛି।

# ବୋତାମରେ କନ୍ଧୁଣୀଦେବୀଙ୍କ ପ୍ରତିମୂର୍ତ୍ତି

### ଶିଳ୍ପୀ ସତ୍ୟଙ୍କ ରେକର୍ଡ

- ଇଣ୍ଡିଆ ବୁକ ଅଫ୍ ରେକର୍ଡ୍ସରେ ନାମ


କଳାକୃତି ସହ ଶିଳ୍ପୀ ସତ୍ୟ ମହାରଣା।

**ବ୍ରହ୍ମପୁର ଅଫିସ,୨।୧୧:** ଶାର୍ଟ ବୋତାମରେ ମା’ କନ୍ଧୁଣୀଦେବୀଙ୍କ ପ୍ରତିମୂର୍ତ୍ତି ତିଆରି କରି ପୁଣି ରେକର୍ଡ କରିଛନ୍ତି ବ୍ରହ୍ମପୁରର ଶିଳ୍ପୀ ସତ୍ୟ ମହାରଣା। ୧୧୧୫ ଶାର୍ଟ ବୋତାମରେ ୧୮ ଇଞ୍ଚ ଉଚ୍ଚ, ୧୫ ଇଞ୍ଚ ଓସାରର ମା’ କନ୍ଧୁଣୀଦେବୀଙ୍କ କଳାକୃତି କରି ଶିଳ୍ପୀ ସତ୍ୟ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ନିଜ ନାମ ସ୍ଥାନିତ କରିଛନ୍ତି। ସୋରଡା କଣ୍ଡାପିଡା ଯାତ୍ରା ସମୟରେ ବିଭିନ୍ନ ରଙ୍ଗର ଶାର୍ଟ ବୋତାମରେ ମା’ କନ୍ଧୁଣୀଦେବୀଙ୍କ କଳାକୃତି ନିର୍ମାଣ କରି ରେକର୍ଡ ପାଇଁ ଆବେଦନ କରିଥିଲେ। ସୋମବାର ଏହି କଳାକୃତି ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ସ୍ଥାନିତ ହୋଇଥିବା ଶିଳ୍ପୀ ସତ୍ୟ ସୂଚନା ଦେଇଛନ୍ତି।

CLASSIFIED DISPLAY

MORE SPACE • SAME PRICE

TARIFF

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%

ଦୀପାବଳି ଧମାକା
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
Shri Ram Finance
ଆଧାରକାର୍ଡ | ଏଗ୍ରିକଲ୍‌ଚର | ମାର୍କଶିଟ୍
ପର୍ସନାଲ | ପ୍ରପର୍ଟି | ଗ୍ରୁପ୍
ସବୁ ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ଛାଡ଼
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
94666-18733
94337-13915
B-34/7 A Block Vijay Enclave, Bururi, New Delhi

ଦୀପାବଳୀର ଶୁଭ ଅବସରରେ
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
SIDDHIVINAYAK FINANCE (ISO:9001:1985)
ଆଧାରକାର୍ଡ | ଏଗ୍ରିକଲ୍‌ଚର | ମାର୍କଶିଟ୍
ପର୍ସନାଲ | ପ୍ରପର୍ଟି | ଗ୍ରୁପ୍
ସବୁ ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ଛାଡ଼
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
9536405151
9520405151
Add.-219, 28th Cross Road, Rajajinagar,Banglore

JANODAYA Finance
ପର୍ସନାଲ୍, ପ୍ରପୋର୍ଟି, ଗ୍ରୁପ୍, ମାର୍କସିଟ୍, ବ୍ୟବସାୟ, କୃଷି ପଶୁପାଳନ, କୁକୁଡା ପାଳନ ଓ ଗୃହଋଣ ଇତ୍ୟାଦି ସବୁ ପ୍ରକାର LOAN ଘରେ ବସି ପାଆନ୍ତୁ।
ମାତ୍ର ୨% ସୁଧ ହାରରେ
Bharatpur, Badahkole,Sambalpur
9438082179
8480403308

TCF FINANCE
TCF ଋଣ ଲିମିଟେଡ୍ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ଘରେବସି 5 ଘଣ୍ଟାରେ ପାଆନ୍ତୁ।
0% ସୁଧ 45% ଛାଡ
No File Charge No Guarantor
Online Facility Available
Plot No 428/74, Shahnajaf Rd, Lucknow, Uttar Pradesh 226001
Helpline Number
6396732814

ବାବା ଅମିଲ୍ ସୁଫି
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୂଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
7503449786
8800979262

RIDHI FINANCE
ଋଣ କରାନ୍ତୁ ମାତ୍ର 24 ଘଣ୍ଟାରେ
ସବୁ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଋଣ, ପଶୁପାଳନ, ବ୍ୟବସାୟ ଓ ଗୃହ ଋଣ
50% ଛାଡ଼ 1% ସୁଧ
କମ୍ ସୁଧ ହାରରେ ଋଣ ମିଳିବ
ଥରେ ସେବାର ସୁଯୋଗ ଦିଅନ୍ତୁ Online ସୁବିଧା
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
9310078574
9310051634
Email : ltfinanceodisha@gmail.com

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# କରୋନାରେ ପୂର୍ବତନ ରାଜ୍ୟ ସଭା ସଦସ୍ୟଙ୍କ ପରଲୋକ


ଭାଗୀରଥି ମାଝି

**ବାରିପଦା ଅଫିସ,୨।୧୧:** ପୂର୍ବତନ ରାଜ୍ୟ ସଭା ସଦସ୍ୟ ଭାଗୀରଥି ମାଝି(୬୬)ଙ୍କର ସୋମବାର ପରଲୋକ ଘଟିଛି। କରୋନା ଆକ୍ରାନ୍ତ ହୋଇ ସେ ବାରିପଦାର ବାଙ୍କିଶୋଳସ୍ଥିତ କୋଭିଡ୍ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ତାଙ୍କ ବିୟୋଗରେ ଜିଲାରେ ଶୋକର ଛାୟା ଖେଳିଯାଇଛି। ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଅଞ୍ଚଳର ମୁର୍ମୁ ଡିହିରେ ଜନ୍ମଗ୍ରହଣ କରିଥିବା ଭାଗୀରଥି ଦୀର୍ଘଦିନ ହେବ ବାରିପଦାରେ ରହୁଥିଲେ। ଷ୍ଟେଟ ବ୍ୟାଙ୍କ ଚାକିରିରୁ ଅବସର ପରେ ସେ ଭାଜପାରେ ସାମିଲ ହୋଇଥିଲେ। ସ୍ୱର୍ଗତ ମାଝି ମୟୂରଭଞ୍ଜ ଜିଲାରେ ଆର୍‌ଏସ୍‌ଏସ୍‌ର ଜିଲା ସଂଘ ଚାଳକ ଥିଲେ। ୨୦୦୬ରୁ ୧୦ ପର୍ଯ୍ୟନ୍ତ ସେ ରାଜ୍ୟ ସଭାକୁ ମନୋନୀତ ହୋଇଥିଲେ। ତାଙ୍କ ବିୟୋଗରେ ଭାଜପା ଜିଲା ସଭାପତି କାନ୍ଦରା ସୋରେନ, ବଡ଼ସାହି ବିଧାୟକ ସନାତନ ବିଜୁଳି, ବାରିପଦା ବିଧାୟକ ପ୍ରକାଶ ସୋରେନ, ଦଳର ମୁଖପାତ୍ର କବି ବିଷ୍ଣୁ ଶତପଥୀ, ଦିବାକର ତ୍ରିପାଠୀ, ଅମୂଲ୍ୟ ବଡ଼େ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

# ଅସୁସ୍ଥ ମାଈ ହାତୀ ମୃତ

### ଜଗିଥିବା ଛୁଆ ଜଙ୍ଗଲକୁ ପଳାଇଲା

**ବନ୍ତଲା, ୨।୧୧ (ଡି.ଏନ.ଏ.)**

ଅନୁଗୋଳ ଜିଲା ସାତକୋଶିଆ ଅଭୟାରଣ୍ୟ ଜିଲିଣ୍ଡା ରେଞ୍ଜ କଟରଙ୍ଗ ରିଜର୍ଭ ଜଙ୍ଗଲ ସିଆରିଭଣ୍ଡି ବିଟ୍‌ର କମ୍ପାର୍ଟମେଣ୍ଟ ୪ରେ ଏକ ମାଈ ହାତୀ ଅସୁସ୍ଥ ହୋଇପଡ଼ିଥିବା ବେଳେ ଚିକିତ୍ସାଧୀନ ଅବସ୍ଥାରେ ସୋମବାର ତାହାର ମୃତ୍ୟୁ ହୋଇଛି। ରବିବାର ଭୋର ସମୟରେ ବନ କର୍ମଚାରୀମାନେ ପାଟ୍ରୋଲିଂ କରୁଥିବା ବେଳେ ଉକ୍ତ ମାଈ ହାତୀ ପଡ଼ିରହିଥିବା ଓ ପାଖରେ ଦେଢ଼ବର୍ଷର ଛୁଆ ଜଗିଥିବା ଦେଖିବାକୁ ପାଇଥିଲେ। ଏପରି କି ଛୁଆ ହାତୀଟି ମା’କୁ ଉଠାଇବାକୁ ଉଦ୍ୟମ କରୁଥିବା ଦେଖି କର୍ମଚାରୀମାନେ ବନ ଅଧିକାରୀଙ୍କୁ ଖବର ଦେଇଥିଲେ। ଘଟଣାସ୍ଥଳରେ ସାତକୋଶିଆ ଡିଏଫ୍‌ଓ ରାମସ୍ୱାମୀ ପି, ଏସିଏଫ୍ ଶୁଭେନ୍ଦୁ ବେହେରା, ଜିଲିଣ୍ଡା ରେଞ୍ଜର ହରିଶ ପ୍ରଧାନ, ସାତକୋଶିଆ ପ୍ରାଣୀ ଚିକିତ୍ସକ ଡା. କିଶୋର ସାହୁ ପ୍ରମୁଖ ପହଞ୍ଚି ଚିକିତ୍ସା କରିଥିଲେ ହେଁ ହାତୀଟିର ମୃତ୍ୟୁ ହୋଇଯାଇଥିଲା। ପଛ ଗୋଡ଼ ଦୁଇଟି କାମ କରୁ ନ ଥିବାରୁ ପକ୍ଷାଘାତର ଶିକାର ହୋଇଥିବା ଡାକ୍ତର ଓ ଡିଏଫ୍‌ଓ ପ୍ରକାଶ କରିଛନ୍ତି। ବ୍ୟବଚ୍ଛେଦ ପରେ ମୃତଦେହ ସେଠାରେ ପୋତି ଦିଆଯାଇଛି। ଅପରପକ୍ଷରେ ମା’ ହାତୀ ନିକଟରେ ଜଗିଥିବା ଛୁଆକୁ ଉଦ୍ଧାର କରାଯାଇଥିଲେ ମଧ୍ୟ ପରବର୍ତ୍ତୀ ଅବସ୍ଥାରେ ଜଙ୍ଗଲକୁ ପଳାଇ ଯାଇଥିବା ସୂଚନା ମିଳିଛି।



ବଲିଉଡ୍ ଅଭିନେତ୍ରୀ ଅମୃତା ରାଓ ମା' ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ସେ ଏକ ପୁତ୍ର ସନ୍ତାନ ଜନ୍ମ ଦେଇଛନ୍ତି। ଏନେଇ ତାଙ୍କ ସ୍ୱାମୀ ଆର୍ଜେ ଅନ୍‌ମୋଲ ସୂଚନା ଦେଇଛନ୍ତି। ଏବେ ମା' ଏବଂ ଶିଶୁ ସମ୍ପୂର୍ଣ୍ଣ ସୁରକ୍ଷିତ ଅଛନ୍ତି। ଇଶ୍କ ଭିଶ୍କ, ମେଁ ହୁଁ ନା ଏବଂ ବିବାହ' ଭଳି ହିଟ ଫିଲ୍ମରେ ଅଭିନୟ କରିଥିବା ଅମୃତା ୨୦୧୬ରେ ଅନ୍‌ମୋଲଙ୍କୁ ବିବାହ କରିଥିଲେ।

# ସ୍କର୍ପିଓ ଡିଜାଇନ ପାଣିଟାଙ୍କି

**ପାଟ୍‌ନା:** ଛାତ ଉପରେ କାର୍। କଥାଟା ଶୁଣିବା ମାତ୍ରେ ମନକୁ ଅନେକ ପ୍ରଶ୍ନ ଆସିପାରେ। ଛାତ ଉପରେ କାର୍ କଣ ଚାଲିପାରିବ ନାଁ ତାର ଆଉ କିଛି ବ୍ୟବହାର ଅଛି! ଏମିତି କଥା ହୁଏତ କେହି ଭାବିପାରନ୍ତି। କିନ୍ତୁ ଏଠାରେ ଆମେ ଯେଉଁ କାର୍ କଥା କହୁଛୁ ତାହା କେବଳ ଦେଖିବା ପାଇଁ, ଚଳାଇବା ପାଇଁ ନୁହେଁ। ଅବଶ୍ୟ କାର୍‌ଟି ଗାଡ଼ି ନୁହେଁ ବରଂ ଏହା ଏକ ପାଣି ଟାଙ୍କି। ହଁ କାର୍ ଭଳି ଦେଖାଯାଉଥିବା ଡିଜାଇନ୍‌ରେ ତିଆରି ହୋଇଛି ଏକ ପାଣି ଟାଙ୍କି। ବିହାର ଭାଗଲପୁରର ଇନ୍ତାସାର ଆଲାମ ନାମକ ଜଣେ ବ୍ୟକ୍ତି ଏଭଳି ଏକ ପାଣିଟାଙ୍କି ତିଆରି କରି ବେଶ୍ ଚର୍ଚ୍ଚାକୁ ଆସିଛନ୍ତି।

ଇନ୍ତାସାର ତାଙ୍କ ମହିନ୍ଦ୍ରା ସ୍କର୍ପିଓ ଗାଡ଼ିକୁ ଆରମ୍ଭରୁ ବହୁତ ଭଲ ପାନ୍ତି। ତାଙ୍କ ଜୀବନର ଏହି ପ୍ରଥମ କାର୍‌ଟିକୁ ସେ ସବୁଦିନ ମନେ ରଖିବା ପାଇଁ ନିଜ ଛାତ ଉପରେ ଏଭଳି ଏକ ପାଣିଟାଙ୍କି ତିଆରି କରିଛନ୍ତି। ତେବେ ପାଣି ଟାଙ୍କିଟି ଏତେ ନିଖୁଣଭାବରେ ତିଆରି ହୋଇଛି ଯେ ଦେଖିବା ଲୋକେ ଏହାକୁ ଏକ କାର୍ ବୋଲି ଭ୍ରମରେ ପଡ଼ିଯିବ। ଏମିତିକି ଇନ୍ତାସାରଙ୍କ ଗାଡ଼ିର ନମ୍ବର ଯାହା ଏହି ଟାଙ୍କିରେ ବି ସେହି ସମାନ ନମ୍ବର ପ୍ଲେଟ୍ ଲଗାଯାଇଛି। ଇନ୍ତାସାରଙ୍କୁ ଏଭଳି ଏକ ପାଣିଟାଙ୍କି ତିଆରି ନିମନ୍ତେ ତାଙ୍କ ପତ୍ନୀ ହିଁ ପ୍ରଥମେ ପ୍ରସ୍ତାବ ଦେଇଥିଲେ, ଆଉ ଏହି ପ୍ରସ୍ତାବଟି ତାଙ୍କ ମନକୁ ବେଶ୍ ପାଇଥିଲା। ତେଣୁ ସେ ତୁରନ୍ତ ଏଭଳି ଏକ ଟାଙ୍କି ତିଆରି ପାଇଁ ଯୋଜନା କରିଥିଲେ। କାର୍ ମଡେଲରେ ପାଣିଟାଙ୍କି ତିଆରି କରିବା ପାଇଁ ତାଙ୍କୁ ମୋଟ ଅଢେଇ ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିଛି। କିନ୍ତୁ ଏହି ପାଣିଟାଙ୍କି ଏବେ ତାଙ୍କୁ ଏକ ସ୍ୱତନ୍ତ୍ର ପରିଚୟ ଦେଇ ପାରିଛି। ଏମିତିକି ସୋସିଆଲ ମିଡିଆରେ ବି ଏବେ ଇନ୍ତାସାରଙ୍କୁ ନେଇ ଢେର୍ ଚର୍ଚ୍ଚା ହେଉଛି। ମହିନ୍ଦ୍ରା କମ୍ପାନୀ ଆନନ୍ଦ ମହିନ୍ଦ୍ରା ବି ଇନ୍ତାସାରଙ୍କ ଏଭଳି ଡିଜାଇନ୍ ଦେଖି ବେଶ୍ ପ୍ରଭାବିତ ହୋଇଛନ୍ତି। ସେଥିପାଇଁ ସୋସିଆଲ ମିଡିଆରେ ସେ ଇନ୍ତାସାରଙ୍କ କାର୍ ମଡେଲ୍ ପାଣିଟାଙ୍କିର ଫଟୋ ଶେୟାର କରି ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



# ଫସିଲେ ୟୁଟ୍ୟୁବର ଗୌତମ

## 'ବାବା କା ଢାବା'କୁ ନେଇ ପୁଣି ଚର୍ଚ୍ଚା

**ନୂଆଦିଲ୍ଲୀ:** ଦକ୍ଷିଣ ଦିଲ୍ଲୀର ମାଲଭୀୟ ନଗର ସ୍ଥିତ 'ବାବା କା ଢାବା' ନିକଟରେ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହୋଇଥିଲା। ଲୋକେ ଏହି ଢାବାକୁ ଚଳାଉଥିବା ୮୦ ବର୍ଷୀୟ କାନ୍ତା ପ୍ରସାଦ ଏବଂ ସ୍ତ୍ରୀ'ଙ୍କ ଦୁଃଖ କାହାଣୀ ଶୁଣି ତାଙ୍କୁ ସହାୟତାର ହାତ ବଢାଇଥିଲେ। ଏବେ କାନ୍ତା ପ୍ରସାଦ ତାଙ୍କୁ ଚର୍ଚ୍ଚାର ପରିସରକୁ ଆଣିଥିବା ୟୁଟ୍ୟୁବରଙ୍କ ନାଁରେ ଅର୍ଥ ହେରଫେର ଅଭିଯୋଗ ଆଣିଛନ୍ତି। ଗୌତମ ୱାସନ ନାମକ ଜଣେ ୟୁଟ୍ୟୁବର୍ ଗତ ଅକ୍ଟୋବର ୭ରେ ନିଜ ୟୁଟ୍ୟୁବ ଚ୍ୟାନେଲ ଏବଂ ଫେସ୍‌ବୁକ ପେଜ୍‌ରେ 'ବାବା କା ଢାବା'ର ଏକ ଭିଡିଓ ଅପ୍‌ଲୋଡ କରିଥିଲେ। ବୃଦ୍ଧ ଦମ୍ପତିଙ୍କୁ ସାହାଯ୍ୟ କରିବାକୁ ସେ ଲୋକଙ୍କୁ ନିବେଦନ କରିଥିଲେ। ଏହି ଭିଡିଓ ଦିନକୁ ଦିନ ଭାଇରାଲ ହେବାରେ ଲାଗିଲା ଏବଂ ଲୋକମାନେ ଖାଦ୍ୟ ଖାଇବା ପାଇଁ ଦୂର ଦୂରାନ୍ତରୁ ଏଠାକୁ ଆସିବା ଆରମ୍ଭ କଲେ। ଏହାଦ୍ୱାରା ବୃଦ୍ଧ ଦମ୍ପତିଙ୍କ ବ୍ୟବସାୟ ବଢିଥିଲା। ଲୋକମାନେ ଢାବା ଚଳାଇବା ପାଇଁ ମଧ୍ୟ ଟଙ୍କା ଦାନ କରିଥିଲେ। ଭିଡିଓ ଭାଇରାଲ ହେବା ମାତ୍ରେ 'ବାବା କା ଢାବା'ରେ ଏତେ ଭିଡ଼ ଜମା ହେବାକୁ ଲାଗିଲା ଯେ ଏହାକୁ ପରିଚାଳନା କରିବା କଷ୍ଟକର ହୋଇପଡିଥିଲା। ମିଳିଥିବା ସୂଚନା ଅନୁଯାୟୀ, କାନ୍ତା ପ୍ରସାଦ ରବିବାର ଦିନ ମାଲଭୀୟ ନଗର ପୋଲିସ ଷ୍ଟେଶନରେ ଗୌରବଙ୍କ ବିରୋଧରେ ଏକ ଅଭିଯୋଗ ପତ୍ର ଦାଖଲ କରିଛନ୍ତି। ଏଥିରେ ଦାନ ଅର୍ଥର ଅପବ୍ୟବହାର ଏବଂ ହସ୍ତାନ୍ତର ଅଭିଯୋଗ ହୋଇଛି। ତାଙ୍କ ଅଭିଯୋଗରେ କାନ୍ତା ପ୍ରସାଦ କହିଛନ୍ତି, ଭିଡିଓ ଭାଇରାଲ ହେବା ପରଠାରୁ ମୋତେ ମାତ୍ର ୨ ଲକ୍ଷ ଟଙ୍କା ଚେକ୍ ମିଳିଛି। ଏବେ ଆଉ ବେପାର ଚାଲୁନାହିଁ। ଏହାପୂର୍ବରୁ ଗୋଟିଏ ଦିନରେ ୧୦ ହଜାର ରୋଜଗାର ହେଉଥିଲା। କିନ୍ତୁ ଏବେ ପୁଣି ବିକ୍ରୟ ହ୍ରାସ ପାଇଛି। ଗୌତମ ଏହି ଅଭିଯୋଗ ଉପରେ ନିଜ ମତ ରଖି କହିଛନ୍ତି , ମୁଁ ସମସ୍ତ ଟଙ୍କା କାନ୍ତା ପ୍ରସାଦଙ୍କ ଆକାଉଣ୍ଟକୁ ଟ୍ରାନ୍ସଫର୍ କରିଦେଇଛି। ଏହାର କପି ମଧ୍ୟ ମୁଁ ରଖିଛି ବୋଲି ସେ କହିଛନ୍ତି। ପୋଲିସ ମାମଲାର ତଦନ୍ତ ଆରମ୍ଭ କରିଛି।



Happy Birthday

CHETANA CHOUDHURY
I fell so blessed to have such a beautiful & supportive life partner like you ! Sweetheart i wish you true happiness on your birthday & always. Happy birthday my love.
Best Wishes by
Sunit Kumar Choudhury, Dhama
D-18791

# ବିଚିତ୍ର ପ୍ରାଣୀ ପାଣିଭାଲୁ

## ମହାକାଶରେ ବି ବଞ୍ଚିପାରେ

**ନୂଆଦିଲ୍ଲୀ:** ଜଙ୍ଗଲରେ ରହୁଥିବା ଏବଂ ମାଟିରେ ଚାଲୁଥିବା ଭାଲୁ ବିଷୟରେ ସମସ୍ତେ ଜାଣନ୍ତି। ହେଲେ ପାଣିଭାଲୁ ବିଷୟରେ ଅନେକେ ଜାଣି ନ ଥିବେ। ଏହି ଭାଲୁ ସବୁ ଅଞ୍ଚଳରେ ଦେଖାଯାଆନ୍ତି। ବିଶେଷକରି ଏମାନେ ପାଣି ତଥା ଓଦାଳିଆ ସ୍ଥାନରେ ରହିଥାନ୍ତି। ଏମାନଙ୍କୁ ଟାର୍ଡିଗ୍ରେଡ୍ ବୋଲି ମଧ୍ୟ କୁହାଯାଏ। ୧୭୭୩ରେ ଜର୍ମାନ୍ ପାଦ୍ରୀ ଜନ୍ ଅଗଷ୍ଟ ଏଫ୍ରେମ୍ ଗଏଜ୍ ଏମାନଙ୍କ ସନ୍ଧାନ ପାଇଥିଲେ। ୧୭୭୬ରେ ସେ ଏହାର ନାମ ଟାର୍ଡିଗ୍ରାଡା(ଧୀର ଗତିରେ ଚାଲିବା) ରଖିଥିଲେ। ପୃଥିବୀରେ ଅନେକ ପ୍ରାଣୀ ରହିଛନ୍ତି। ହେଲେ ପାଣିଭାଲୁ ଏଭଳି ଏକ ବିଚିତ୍ର ପ୍ରାଣୀ, ଯାହାକି ଅନେକଙ୍କୁ ଆଶ୍ଚର୍ଯ୍ୟ କରିଥାଏ। ବଞ୍ଚିବାର ପ୍ରବଳ ଇଚ୍ଛାଶକ୍ତି ଯୋଗୁ ସେ ଯେକୌଣସି ପରିବେଶରେ ଖାପଖୁଆଇ ବଞ୍ଚିବାରେ ସକ୍ଷମ ହୋଇଥାଏ। ଅତ୍ୟଧିକ ତାପମାତ୍ରା(୧୪୮.୯ ସେଲ୍‌ସିଅସ୍), ବରଫପାତ(-୨୦୦ ସେଲ୍‌ସିଅସ୍) ଏବଂ ଅତି ବିପଜ୍ଜନକ ପରିସ୍ଥିତିରେ ମଧ୍ୟ ଏହି ଅଜବ ପ୍ରାଣୀ ନିଜ ଜୀବନ ବଞ୍ଚାଇବାର କ୍ଷମତା ରଖେ। ଏମିତିକି ପାଣିଭାଲୁ ବିନା ପାଣି ଏବଂ ଖାଦ୍ୟରେ ମଧ୍ୟ ବର୍ଷ ବର୍ଷ ଧରି ବଞ୍ଚିପାରେ। ମହାକାଶରେ ମଧ୍ୟ ଏହି ପ୍ରାଣୀ ବଞ୍ଚିପାରେ ବୋଲି ଗବେଷକମାନେ କୁହନ୍ତି। ଏହି ଭାଲୁକୁ ଅମର ପ୍ରାଣୀ ବୋଲି ମଧ୍ୟ କୁହାଯାଏ। ଗବେଷକମାନେ ପାଣି ଭାଲୁର ୨ ପ୍ରଜାତିର ଡିଏନ୍‌ଏ ଡିକୋଡ୍ କରି ଏଭଳି ଜିନ୍‌ର ସନ୍ଧାନ ପାଇଛନ୍ତି, ଯାହାକି ଟାର୍ଡିଗ୍ରିୟରକୁ ଆର୍ଦ୍ରତା(ଶୁଖିଲା ପରିବେଶ)ରେ ମଧ୍ୟ ବଞ୍ଚିବାକୁ ସାହାଯ୍ୟ କରିଥାଏ। ଶୁଖିଲା ପରିବେଶରେ ପାଣିଭାଲୁର କିଛି ଜିନ୍ ସକ୍ରିୟ ହୋଇଉଠିଥାନ୍ତି। ଏହା ଭାଲୁର କୋଷିକାରେ ପାଣିର ସ୍ଥାନ ନେଇଥାଏ। କିଛି ମାସ କିମ୍ବା ବର୍ଷ ପରେ ଯେତେବେଳେ ପୁଣି ପାଣି ମିଳିଥାଏ, ଟାର୍ଡିଗ୍ରିୟର ନିଜ କୋଷିକାମାନଙ୍କୁ ପାଣିରେ ପୂର୍ଣ୍ଣ କରିଥାଏ। ପାଣିଭାଲୁର ଗୁଣ ଯେପରି ସ୍ୱତନ୍ତ୍ର ତା'ର ରୂପ ଏବଂ ଆକାର ମଧ୍ୟ ସେମିତି ନିଆରା। ଏହାର ଲମ୍ବ ପ୍ରାୟ ୦.୫ ଏମ୍‌ଏମ୍(୦.୦୨ ଇଞ୍ଚ) ହୋଇଥାଏ। ଏହି ଭାଲୁର ୮ଟି ମୋଟା ଗୋଡ଼ ଏବଂ ମାଡ଼ି ରହିଥାଏ। ଏହା କୃମି ଭଳି ହୋଇଥାଏ। କିନ୍ତୁ ଆକାର ଯୋଗୁ ଏହାକୁ ପଶୁଶ୍ରେଣୀରେ ଅନ୍ତର୍ଭୁକ୍ତ କରାଯାଇଥିବା ଜଣାଯାଏ।





ଉର୍ବଶୀ ରୌଟେଲା

## ଉର୍ବଶୀଙ୍କ ଥ୍ରୋ-ବ୍ୟାକ୍ ଡ୍ୟାନ୍ସ ଭିଡିଓ ଭାଇରାଲ

**ନୂଆଦିଲ୍ଲୀ:** ବଲିଉଡ୍ ଅଭିନେତ୍ରୀ ଉର୍ବଶୀ ରୌଟେଲା ଏବେ ସୋସିଆଲ ମିଡିଆରେ ବେଶ୍ ଆକ୍ଟିଭ୍ ରହୁଛନ୍ତି। ଉର୍ବଶୀ ନିଜର ଫ୍ୟାଶନ ସେନ୍ସ ଏବଂ ଗ୍ଲାମର୍ସ ଅନ୍ଦାଜ୍ ପାଇଁ ମଧ୍ୟ ପରିଚିତ। ତାଙ୍କର ଏକ ଭିଡିଓ ଇନ୍‌ଷ୍ଟାରେ ଭାଇରାଲ ହେବାରେ ଲାଗିଛି, ଯେଉଁଥିରେ ସେ ବିଦ୍ୟୁତ ତା'ର ସହ ଜବରଦସ୍ତ ଡ୍ୟାନ୍ସ କରୁଥିବା ଦେଖିବାକୁ ମିଳିଛି। ଏହି ଭିଡିଓ ଯେ କେହି ଦେଖୁଛନ୍ତି ସେ ପ୍ରଶଂସା ନ କରି ରହିପାରିବେନି। ଭିଡିଓଟି ଇଣ୍ଟରନେଟ୍‌ରେ ଧୁମ୍ ମଚାଇଛି। ଉର୍ବଶୀଙ୍କ ଡ୍ୟାନ୍ସ ଏବଂ ବୋଲ୍ଡ ଅନ୍ଦାଜ୍ ଦେଖିବାକୁ ଫ୍ୟାନ୍ ପାଗଳ। ଉର୍ବଶୀଙ୍କ ଏହି ଭିଡିଓକୁ ଡ୍ୟାନ୍ସ କମ୍ୟୁନିଟିର ସଦସ୍ୟମାନେ ଇନ୍‌ଷ୍ଟାରେ ଶେୟାର କରିଛନ୍ତି। ବର୍ତ୍ତମାନ ସୁଦ୍ଧା ଏହାକୁ ୩ଲକ୍ଷରୁ ଅଧିକ ଥର ଦେଖାସରିଛି। ତେବେ ସୂଚନାଥାଉ କି, ଟୋନି କକ୍କର୍‌ଙ୍କ ଏହି ଗୀତରେ ଉର୍ବଶୀ ନଜର୍ ଆସିଥିଲେ। ଏହି ମ୍ୟୁଜିକ୍ ଭିଡିଓକୁ ଫ୍ୟାନ୍‌ମାନେ ପସନ୍ଦ ମଧ୍ୟ କରିଥିଲେ। ଉର୍ବଶୀଙ୍କ ଷ୍ଟାଇଲ୍ କଥା ସମସ୍ତଙ୍କୁ ଜଣା। ବଲିଉଡ୍ ସିଙ୍ଗର୍ ନେହା କକ୍କରଙ୍କ ମ୍ୟାରେଜ୍ ସେରିମନୀରେ ଉର୍ବଶୀ ୫୬ଲକ୍ଷର ଏକ ଲେହେଙ୍ଗା ପିନ୍ଧି ଚର୍ଚ୍ଚାକୁ ଆସିଥିଲେ। ୱାର୍କ ଫ୍ରଣ୍ଟ କଥା କହିବାକୁ ଗଲେ ନିକଟରେ ଓଟିଟି ଫିଲ୍ମ 'ଭର୍ଜିନ ଭାନୁପ୍ରିୟା'ରେ ଉର୍ବଶୀ ମୁଖ୍ୟ ଭୂମିକାରେ ନଜର୍ ଆସିଥିଲେ। ଏଥିରେ ତାଙ୍କ ଅପୋଜିଟ୍‌ରେ ଗୌତମ ଗୁଲାଟି ଅଭିନୟ କରିଥିଲେ।

# ୪୦ ଘଣ୍ଟା ଜଳିବ ମାଟିର ଦୀପ

**ରାୟପୁର:** ଛତିଶଗଡ଼ର କୋଣ୍ଡା ଗାଁରେ ରୁହନ୍ତି ଅଶୋକ ଚକ୍ରଧାରୀ। ବୃତ୍ତିରେ ସେ ଜଣେ କାରିଗର। ମାଟିରେ ସେ ଭିନ୍ନ ଭିନ୍ନ ଜିନିଷମାନ ତିଆରି କରି ବିକ୍ରି କରିଥାନ୍ତି। ଏବେ ସେ ମାଟିରେ ଏକ ସ୍ୱତନ୍ତ୍ର ଦୀପ ସେ ତିଆରି କରିଛନ୍ତି। ଯାହାକି ୪୦ ଘଣ୍ଟା ପର୍ଯ୍ୟନ୍ତ ଲଗାତାର ଜଳିବ। ଏଥିପାଇଁ ତାଙ୍କୁ ସମ୍ମାନିତ ମଧ୍ୟ କରାଯାଇଛି। ତେବେ ଅଶୋକଙ୍କର ଏହି ଫଟୋ ଏବଂ ଭିଡିଓ କିପରି ସୋସିଆଲ ମିଡିଆରେ ଭାଇରାଲ ହେଲା ତାହା ଜଣାପଡ଼ି ନାହିଁ। କିନ୍ତୁ ଏବେ ଲୋକମାନେ ତାଙ୍କୁ ଫୋନକରି ଏହିପରି ଦୀପ ପାଇଁ ଅର୍ଡର ଦେଉଛନ୍ତି। ଏ ନେଇ ଅଶୋକ କହିଛନ୍ତି ଯେ, ୩୫ ବର୍ଷ ପୂର୍ବେ ସେ ଏପରି ଏକ ଦୀପ ଦେଖିଥିଲେ। ଏହାକୁ ମନରେ ରଖି ଏହି ଦୀପ ତିଆରି କରିଥିବା କହିଛନ୍ତି। ଆମେ ପ୍ରତିଦିନ ୫୦-୬୦ଟି ଏହିପରି ସ୍ୱତନ୍ତ୍ର ଦୀପ ତିଆରି କରିଥାଉ। ଯାହାର ମୂଲ୍ୟ ୨୦୦ରୁ ୨୫୦ ଟଙ୍କା ବୋଲି ଅଶୋକ କହିଛନ୍ତି। ଏବେ ଦୀପାବଳି ପାଖେଇ ଆସୁଥିବାବେଳେ ଅଶୋକଙ୍କ ଦୀପର ଚାହିଦା ବଢ଼ିବାରେ ଲାଗିଛି।



# ମହିଳାଙ୍କ କାଫେ

**ନୂଆଦିଲ୍ଲୀ:** ଆରବ ଦେଶରେ ଏବେ ମହିଳାଙ୍କ ଭୂମିକା ବୃଦ୍ଧି ପାଇବାରେ ଲାଗିଲାଣି। ଏହାର ଏକ ପ୍ରମାଣ ହେଉଛି ୟେମେନ୍‌ର ଏକ କାଫେ। ଏହି କାଫେଟି କେବଳ ମହିଳାମାନଙ୍କ ପାଇଁ ଓ ମହିଳାଙ୍କ ଦ୍ୱାରା ହିଁ ଚାଲୁଛି।

ଆରବ ଦେଶରେ ସାଧାରଣତଃ ମହିଳାଙ୍କ ସ୍ୱାଧୀନତାରେ ଅଙ୍କୁଶ ଲଗାଯାଇଥାଏ। କିନ୍ତୁ ଏବେ ଧିରେ ଧିରେ ଏହି ପ୍ରଥାରେ ପରିବର୍ତ୍ତନ ଆସିବା ଭଳି ମନେ ହେଉଛି। ମହିଳାଙ୍କୁ ଖୋଲାଖୋଲି କୌଣସି ସ୍ଥାନରେ ଏକାଠି ହେବା ନିମନ୍ତେ ବି ସୁଯୋଗ ନ ଥାଏ। ଏକଥାକୁ ଅନୁଭବ କରିବା ପରେ ୟେମେନର ମହିଳା ବ୍ୟବସାୟୀ ଉମ୍ ଫେରାସ୍ ନିଜେ ଏକ କାଫେ ତିଆରି କରିଥିଲେ। ଆଉ ତାଙ୍କର କାଫେରେ କେବଳ ମହିଳାଙ୍କୁ ହିଁ ପ୍ରବେଶ କରିବାର ଅନୁମତି ମିଳିଥାଏ। କାଫେରେ ସମସ୍ତ କର୍ମଚାରୀ ବି ମହିଳା। ତେଣୁ ଏହି କାଫେରେ ମହିଳାମାନେ ବେଶ୍ ସ୍ୱଚ୍ଛନ୍ଦରେ ମନଖୋଲା ଢଙ୍ଗରେ ଏକାଠି ହୋଇପାରନ୍ତି। କାଫେରେ ବିଭିନ୍ନ ପ୍ରକାରର ପାନୀୟ ଏବଂ କଫି ମିଳିଥାଏ। ସବୁ ପ୍ରକାରର ଖାଦ୍ୟର ଗୁଣବତ୍ତା ଉପରେ ଅଧିକ ଦୃଷ୍ଟି ଦିଆଯାଇଥାଏ ବୋଲି କହନ୍ତି ଏହାର ମାଲିକାଣୀ ଉମ୍ ଫେରାସ୍। ତେବେ ୟେମେନରେ ପ୍ରଥମେ ଏଭଳି ଏକ ବ୍ୟବସାୟ ଆରମ୍ଭ କରିବା ପୂର୍ବରୁ ତାଙ୍କୁ ବହୁ ପ୍ରତିରୋଧର ସାମ୍ନା କରିବାକୁ ପଡ଼ିଥିଲା। କିନ୍ତୁ ସବୁ ପ୍ରତିଘାତକୁ ସାମ୍ନା କରି ସେ ମହିଳାଙ୍କ ସ୍ୱାଧୀନତା ପାଇଁ କାମ କରୁଛନ୍ତି। ତାଙ୍କ କାଫେରେ କେବଳ ମହିଳା ଓ ପିଲାମାନଙ୍କୁ ହିଁ ଯିବାର ଅନୁମତି ରହିଛି, ମାତ୍ର ପୁରୁଷମାନଙ୍କୁ ଏଠାକୁ ଯିବା ପାଇଁ ଅନୁମତି ନ ଥାଏ। ମହିଳାମାନେ ଏଠାରେ କିଛି ସମୟ କଟାଇ ବେଶ୍ ରିଲାକ୍ସ ହୋଇପାରୁଛନ୍ତି।



ମନେ ପଡ଼ନ୍ତି

ଚତୁର୍ଦ୍ଦଶ ଦିବସ ଉପଲକ୍ଷେ

ସ୍ୱର୍ଗତ ପ୍ରହ୍ଲାଦ ବାରିକ
ଆବିର୍ଭାବ: ୧୧।୦୧।୧୯୩୭
ତିରୋଧାନ: ୨୧।୧୦।୨୦୨୦
ଜୀବନରେ ପୁରୁଷୋତ୍ତମ ଶ୍ରୀଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କୁ ଗୁରୁରୂପେ ପାଇ ଆପଣଙ୍କ ଜୀବନ ଧନ୍ୟ। ସତ୍‌ସଙ୍ଗ ଭାବଧାରାକୁ ବ୍ୟାପ୍ତ କରାଇ ବହୁ ମଣିଷଙ୍କୁ ତାଙ୍କ ପଦପ୍ରାନ୍ତକୁ ଆଣିବାର ଅବାରିତ ପ୍ରଚେଷ୍ଟା ଆମମାନଙ୍କ ପାଇଁ ସଦାସ୍ମରଣୀୟ। ଆପଣଙ୍କ ହୃଦୟସ୍ପର୍ଶୀ ବ୍ୟବହାର ଏବଂ ଅନ୍ୟକୁ ସାହାଯ୍ୟ କରିବାର ପ୍ରବଳ ଆକାଂକ୍ଷା ଆମ ପାଇଁ ପ୍ରେରଣାପ୍ରଦ। ଶ୍ରୀଶ୍ରୀ ଠାକୁରଙ୍କ ପାଦପଦ୍ମରେ ଆପଣଙ୍କ ଆତ୍ମା ଚିରଶାନ୍ତି ଲାଭ କରୁ, ଏହାହିଁ ଆମର ଐକାନ୍ତିକ ପ୍ରାର୍ଥନା ।
-:ଶୋକସନ୍ତପ୍ତ:-
ଜ୍ୟେଷ୍ଠପୁତ୍ର: ପ୍ରଭାତ (ମୋ: 9438420292)
ବନ୍ଧୁ, ପ୍ରିୟଜନ ଏବଂ ପରିବାରବର୍ଗ ।
ଧ-୧୮୭୪୧

ଏକାଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି

୰ଡ. ବିରଞ୍ଚି ନାରାୟଣ ପୁହାଣ
ଅବସର ପ୍ରାପ୍ତ ଉତ୍ତର ଓଡ଼ିଶା କୁଳପତି
ଗୁଆଳି, ତରିତୋ, ସାଲେପୁର, କଟକ
ଆବିର୍ଭାବ : ୨୫.୫.୧୯୪୧
ତିରୋଧାନ : ୨୪.୧୦.୨୦୨୦
ଆପଣଙ୍କ ଅନୁପସ୍ଥିତି ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ଆପଣଙ୍କ ଆଦର୍ଶ, କର୍ମନିଷ୍ଠା, ତ୍ୟାଗ, ପରୋପକାରିତା, ସ୍ନେହ, ଶ୍ରଦ୍ଧା, ଶୈକ୍ଷିକ ଉପଦେଶ ଓ ସର୍ବୋପରି ସାର୍ବଜନୀନ ଆଶୀର୍ବାଦ ଆମ ଜୀବନର ପଥପ୍ରଦର୍ଶକ ହେଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ: ପୁତ୍ର,ପୁତ୍ରବଧୂ, କନ୍ୟା-ଜାମାତା, ନାତିନାତୁଣୀ, ଗ୍ରାମବାସୀବୃନ୍ଦ, ପରିବାରବର୍ଗ ଓ ବନ୍ଧୁବାନ୍ଧବ
ଧ-୧୮୭୮

ତୃତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତ ଦେବାଶିଷ ପଟ୍ଟନାୟକ
ଗୁଣ୍ଡିଚା ବିହାର, କିରଣ ନିବାସ, ପୁରୀ-୨
ଆବିର୍ଭାବ: ୦୭।୧୨।୧୯୭୦
ତିରୋଧାନ: ୦୮।୧୦।୨୦୧୭
(କାର୍ତ୍ତିକ ମାସ କୃଷ୍ଣପକ୍ଷ ତୃତୀୟା ତିଥି)
ଅମର ଆତ୍ମାର ଚିରଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ବୋଉ, ପତ୍ନୀ, ଝିଅମାନେ, ଭାଇମାନେ, ଭାଉଜ, ଭାଇବୋହୂ, ଭଉଣୀ ଓ ଭିଣୋଇମାନେ, ପୁତୁରା, ଝିଆରୀ, ଭଣଜା, ଭାଣେଜୀ ବୋହୂମାନେ, ଭାଣେଜୀ, ଆତ୍ମୀୟସ୍ୱଜନ ଓ ପରିବାରବର୍ଗ
ଧ-୧୮୭୯୨




# ଘରୋଇ ଫେସ୍ ପ୍ୟାକ୍

**ବର୍ତ୍ତମାନ ପରିବେଶ ପ୍ରଦୂଷଣ, ଜୀବନଶୈଳୀ ପରିବର୍ତ୍ତନ, ଅସନ୍ତୁଳିତ ଖାଦ୍ୟାଭ୍ୟାସ ଆଦି କାରଣରୁ ତ୍ୱଚା ମଧ୍ୟ ପ୍ରଭାବିତ ହେଉଛି। ଏମିତିରେ ତ୍ୱଚାକୁ ସୁନ୍ଦର ଏବଂ ଫିଟ୍ ରଖିବାକୁ ବିଭିନ୍ନ ଘରୋଇ ଫେସ୍ ପ୍ୟାକ୍ ବ୍ୟବହାର କରିପାରିବେ। ଜାଣି ରଖନ୍ତୁ ବିଭିନ୍ନ ପ୍ୟାକ୍ ସମ୍ପର୍କରେ ...**

**ଗାଜର– ଆଳୁ ପ୍ୟାକ୍:** ଏହି ପ୍ୟାକ୍ ବ୍ରଣ, ଦାଗ, ଟ୍ୟାନ୍ ଏବଂ ରିଙ୍କଲ୍ ମାର୍କ ଭଳି ବିଭିନ୍ନ ସମସ୍ୟା ଦୂର କରିବାରେ ବେଶ୍ ସହାୟକ ହୋଇଥାଏ। ଏହାକୁ ପ୍ରସ୍ତୁତ କରିବା ଲାଗି ପ୍ରଥମେ ଗୋଟିଏ ଲେଖାଏ ଗାଜର ଏବଂ ଆଳୁ ନେଇ ସିଝାଇ ଦିଅନ୍ତୁ। ଏହାକୁ ଥଣ୍ଡା କରି ବାଟି ଦିଅନ୍ତୁ। ଏଥିରେ ଏକ ଚାମଚ ମହୁ, ଅଧା ଚାମଚ ହଳଦୀ ଗୁଣ୍ଡ, ଅଧା ଚାମଚ ଲେମ୍ବୁ ରସ ପକାଇ ଭଲ ଭାବେ ମିଶାଇ ଦିଅନ୍ତୁ। ମୁହଁ ଏବଂ ବେକକୁ ଭଲ ଭାବେ ପୋଛି ଏହି ପ୍ୟାକ୍ ଲଗାନ୍ତୁ। ୩୦ ମିନିଟ୍ ରଖିବା ପରେ ପାଣିରେ ଧୋଇ ଦିଅନ୍ତୁ। ସପ୍ତାହକୁ ଥରେ ଏହି ପ୍ୟାକ୍ ବ୍ୟବହାର କଲେ ଉପକୃତ ହୋଇପାରିବେ।

**ନିମ୍ବ, ତୁଳସୀ ଏବଂ ହଳଦୀ ପ୍ୟାକ୍:** ତ୍ୱଚାର ବିଭିନ୍ନ ସମସ୍ୟା ଦୂର କରିବା ଲାଗି ଏହି ପ୍ୟାକ୍ ସର୍ବୋତ୍ତମ। କାରଣ ଏହା ଏକ ଆୟୁର୍ବେଦିକ ଉପଚାର। ସ୍କିନ୍ ଏଜିଂ ଦୂର କରିବାରେ ବି ଏହା ଲାଭଦାୟକ। ଏହାକୁ ପ୍ରସ୍ତୁତ କରିବା ଲାଗି ୪ଟି ଲେଖାଏ ତୁଳସୀ ଏବଂ ନିମ୍ବ ପତ୍ର, ଏକ ଚାମଚ ଲେଖାଏ ହଳଦୀ ଗୁଣ୍ଡ ଏବଂ ଦହି ନେଇ ଏହାର ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏହାକୁ ମୁହଁ ଏବଂ ବେକରେ ଲଗାଇ ଦିଅନ୍ତୁ। ପ୍ୟାକ୍ ଶୁଖିବା ପରେ ପାଣିରେ ଧୀରେ ଧୀରେ ଘଷି ଛଡ଼ାନ୍ତୁ। ଦିନେ ଛଡ଼ା ଦିନେ କିମ୍ବା ସପ୍ତାହରେ ୨–୩ ଥର ଏହାକୁ ବ୍ୟବହାର କଲେ ତ୍ୱଚାର ସମସ୍ତ ସମସ୍ୟା ଦୂର ହୋଇପାରିବ।

**ଟମାଟୋ ଏବଂ ମୁଲତାନୀ ମାଟି ପ୍ୟାକ୍:** ସୂର୍ଯ୍ୟ କିରଣରେ କଳା ପଡ଼ିଥିବା ବା ଟ୍ୟାନ୍ ହୋଇଥିବା ତ୍ୱଚାକୁ ପୁନର୍ବାର ଗୋରା କରିବା ଲାଗି ଏହି ପ୍ୟାକ୍ ଭଲ କାମ କରିଥାଏ। ଏହାକୁ ପ୍ରସ୍ତୁତ କରିବା ଲାଗି ଏକ ଚାମଚ ମୁଲତାନୀ ମାଟିରେ ଦୁଇ ଚାମଚ ଟମାଟୋ ଜୁସ୍ ମିଶାନ୍ତୁ। ଏହାକୁ ଭଲ ଭାବେ ଗୋଳାଇ ମୁହଁରେ ଲଗାନ୍ତୁ। ପ୍ୟାକ୍ ଶୁଖିଯିବା ପରେ ପାଣିରେ ଅଙ୍ଗୁଳି ସାହାଯ୍ୟରେ ଧୀରେ ଧୀରେ ଘଷି ଧୋଇଦିଅନ୍ତୁ। ମନେରଖନ୍ତୁ ମୁହଁକୁ କେବେ ରଗଡ଼ନ୍ତୁ ନାହିଁ ନଚେତ୍ ତ୍ୱଚା ଡ୍ରାଏ ହୋଇଯିବ।



# ଡେନିମ୍ ଫ୍ୟାଶନ

**ଡେନିମ୍ ଆଉଟ୍‌ଫିଟ୍ ଫ୍ୟାଶନ୍ ୱାର୍ଲ୍ଡରେ କେବେ ଆଉଟ୍ ଡେଟେଡ୍ ହୋଇନାହିଁ। କାରଣ ଏହାକୁ ନେଇ ସବୁ ବେଳେ କିଛି ନା କିଛି ଲାଟେଷ୍ଟ ଏକ୍ସପେରିମେଣ୍ଟ ଚାଲିଥାଏ। ତେବେ ଆସନ୍ତୁ ଜାଣିବା ବର୍ତ୍ତମାନ ବେଶ୍ ଡିମାଣ୍ଡରେ ଥିବା ଡେନିମ୍ ଫ୍ୟାଶନ୍ ସମ୍ପର୍କରେ ...**

- ଡବଲ୍ ଡେନିମ୍ ଆଉଟ୍‌ଫିଟ୍ ଏବେ ଲାଟେଷ୍ଟ ଟ୍ରେଣ୍ଡ ପାଲଟିଛି। ଡେନିମ୍ ଜିନ୍ସ ସହ ଡିଜାଇନର ଡେନିମ୍ ଶାର୍ଟ, ଶାର୍ଟ ସହ ଡେନିମ୍ ଜ୍ୟାକେଟ୍, ଲଙ୍ଗ୍, ଶର୍ଟ ଡେନିମ୍ ସ୍କଟ ସହ ଡିଜାଇନର ଟପ୍ସ ଖୁବ୍ ଡିମାଣ୍ଡରେ ଅଛି। ମଝିରେ ମଝିରେ ଲୁକ୍ ଚେଞ୍ଜ ପାଇଁ ଅନେକେ ଏସବୁ ମିକ୍ସ ମ୍ୟାଚ୍ କରି ପିନ୍ଧୁଛନ୍ତି।
- ଡେନିମ୍‌କୁ ଉଭୟ ଇଣ୍ଡିଆନ୍ ଏବଂ ୱେଷ୍ଟର୍ନ ଡ୍ରେସ୍‌ରେ ବ୍ୟବହାର କରି ନୂଆ ନୂଆ ଡ୍ରେସ୍ ପ୍ରସ୍ତୁତ କରାଯାଉଛି। ବର୍ତ୍ତମାନ ଡେନିମ୍ ଉପରେ ବିଭିନ୍ନ ଏମ୍ବ୍ରୋଡରି ୱାର୍କ କରାଯାଇ କୁର୍ତ୍ତୀ ଏବଂ ବ୍ଲାଉଜ୍ ମଧ୍ୟ ପ୍ରସ୍ତୁତ କରାଯାଉଛି ; ଯାହା କି ଷ୍ଟାଇଲିସ୍ ଲାଗୁଛି।
- ବର୍ତ୍ତମାନ ଫ୍ୟାଶନେବଲ୍ ଲୁକ୍ ପାଇଁ ଅନେକେ ଡେନିମ୍ ଲଙ୍ଗ୍ ଶାର୍ଟ ବା ମିଡି ସହିତ ପତଳା ଲେଦର ବେଲ୍ଟ ପିନ୍ଧିବାକୁ ପସନ୍ଦ କରୁଛନ୍ତି। ତେବେ ଡେନିମ୍ ଡଙ୍ଗେରୀ ଏବେ ଲାଟେଷ୍ଟ ଫ୍ୟାଶନ ପାଲଟିଥିବା ଦେଖିବାକୁ ମିଳୁଛି।
- ସେହିପରି ଡେନିମ୍ ଜିନ୍ସରେ ପୁଣି ଥରେ ବେଲ୍ ବଟମ୍, ହାଇ ୱେଷ୍ଟ, ବଏ ଫ୍ରେଣ୍ଡ ଜିନ୍ସ ଆଦି ବି ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି।
- ବର୍ତ୍ତମାନ ଡେମିନ୍‌ର ଆଉଟ୍‌ଫିଟ୍ ସହ ଅନେକେ ମ୍ୟାଚିଂ ଡେମିନ୍ ଆସେସରିଜ୍ ଯଥା ଇୟରିଂ, ନେକ୍‌ଲେସ୍, ବ୍ରେସ୍‌ଲେଟ୍ ଓ ଚୁଡ଼ି, ଫୁଟ୍‌ୱେର୍, ପର୍ସ, ବ୍ୟାଗ୍ ଏବଂ ମୋବାଇଲ୍ କଭର ମଧ୍ୟ ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି ; ଯାହା କି ଡେନିମ୍ ଫ୍ୟାଶନ୍‌କୁ ଅଧିକ ହାଇଲାଇଟ୍ କରୁଛି।
- ଏସିଡ୍ ୱାଶ୍ ଡେନିମ୍‌କୁ ବି ମଡର୍ନ ଏବଂ ଟ୍ରେଣ୍ଡି ଲୁକ୍ ପାଇଁ ଅନେକେ ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି।



# ଗୃହିଣୀ ଓ ସ୍ୱାସ୍ଥ୍ୟ

**ଗୃହିଣୀଟିଏ ହେଉଛି ପରିବାରର ମୂଳଦୁଆ। ଯିଏ ସାରା ପରିବାରର ସମସ୍ତ ସଦସ୍ୟମାନଙ୍କୁ ସ୍ନେହ ଓ ମମତାର ଏକ ରେଶମୀ ସୂତାରେ ଏକତ୍ର କରି ରଖିବାର କ୍ଷମତା ରଖିଥାଏ। ହେଲେ ପରିବାରର ସମସ୍ତ କାର୍ଯ୍ୟ ମଧ୍ୟରେ ନିଜର ଯତ୍ନ ନ କରି ଏବଂ ଅନ୍ୟମାନଙ୍କଠାରୁ ଯତ୍ନ ନ ପାଇ କେବେ କେବେ ଗୃହିଣୀଟିଏ ଅବହେଳିତା ହୋଇଥାଏ ଏବଂ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର ବି ସମ୍ମୁଖୀନ ହୋଇଥାଏ। ତେଣୁ ଗୃହିଣୀଙ୍କ ସ୍ୱାସ୍ଥ୍ୟ ଠିକ୍ ରଖିବା ଲାଗି ନିଜ ସହିତ ପରିବାର ସଦସ୍ୟମାନେ ବି ସଜାଗ ରହିବା ଆବଶ୍ୟକ ...**

ଡା. ସରୋଜିନୀ ଷଡ଼ଙ୍ଗୀ

ଗୃହିଣୀଟିଏ ଘରର କେନ୍ଦ୍ରବିନ୍ଦୁ ଏବଂ ସାରା ପରିବାରର ଆଇନା, ଯାହା ଭିତରେ ଦେଇ ସମସ୍ତଙ୍କର ମୁହଁ ଦିଶେ । ସେ ଗୋଟିଏ ହାତରେ ଧରିଥାଏ ଧୈର୍ଯ୍ୟ, କ୍ଷମା ଓ ଦୟାର ଅମୋଘ ଅସ୍ତ୍ର ଏବଂ ଆର ହାତରେ ଧରିଥାଏ ସହନଶୀଳତାର ଢାଲ, ଓଠ ନିରନ୍ତର ଜପୁଥାଏ ସାଲିସ୍‌ର ମନ୍ତ୍ର। ସକାଳୁ ରାତିଯାଏଁ ଅନବରତ କାମକରିବା ଏବଂ ସମସ୍ତଙ୍କୁ ସୁଖୀରଖିବା ତା'ର ଯେପରି ଏକ ପରମ ଧର୍ମ ବୋଲି ସେ ମାନିନେଇଥାଏ। ହେଲେ 'ଗୃହିଣୀ' ଶବ୍ଦଟି ଉଚ୍ଚାରିତ ହେବା ମାତ୍ରେ କାହିଁକି ନାରୀଟିଏ ମ୍ରିୟମାଣ ହୋଇପଡେ ? ଏତେ ପାଠ ପଢ଼ି ମଧ୍ୟ କାହିଁକି ହୀନମନ୍ୟତାର ଚାଦରଟିରେ ସେ ନିଜ ଶରୀରକୁ ଘୋଡ଼ାଇ ଦିଏ ? 'କ'ଣ କରୁଛ' ବୋଲି ପ୍ରଶ୍ନ କଲେ ସେ ନିଜ ମୁହଁକୁ ତଳକୁ ନୁଆଁଇ ଦେଇ ମନ ଦୁଃଖରେ କହେ ''ମ୍ୟାଡମ୍ ମୁଁ କିଛି କରୁନାହିଁ, କେବଳ ହାଉସ୍ ୱାଇଫ୍''। କର୍ମଜୀବୀ ମହିଳା ନ ହୋଇପାରିବାର ଗ୍ଲାନି ତାକୁ ବିଷାଦଗ୍ରସ୍ତ କରିଦିଏ, ନିଜକୁ ଖୁବ୍ ଅପଦାର୍ଥଟିଏ ମନେକରେ ସେ। ଅନେକ ଥର ସ୍ୱାମୀମାନେ ମଧ୍ୟ ହେୟଜ୍ଞାନ କରି ପତ୍ନୀଙ୍କୁ ଆକ୍ଷେପ କରି କହିଥାନ୍ତି। ଅନେକ ସ୍ୱାମୀଙ୍କୁ ଯଦି ପଚରାଯାଏ ସ୍ତ୍ରୀ କ'ଣ କରୁଛନ୍ତି ବୋଲି–ଅତିଦୁଃଖର ସହ ବେଦନାରେ ମ୍ରିୟମାଣ ହୋଇ ମୁଣ୍ଡନୁଆଁଇ ସେ ଘୋଷଣା କରନ୍ତି ଯେ, ସ୍ତ୍ରୀ ଜଣକ କିଛି କରନ୍ତି ନାହିଁ, ସେ ଜଣେ ଗୃହିଣୀ ଏବଂ କେବଳ ଘରେ ବସିରହି ଅନ୍ନଧ୍ୱଂସ କରନ୍ତି। ସେ ଯଦି ଘରେ ବସିରହନ୍ତି, ତେବେ ଘର କାମ କିଏ କରେ, ଯଥା ରାନ୍ଧିବା, ଘରସଫା କରିବା, ଲୁଗା ସଫା କରିବା ଇତ୍ୟାଦି । ଆଉ ସ୍ୱାମୀ, ସ୍ତ୍ରୀ ଉଭୟ କର୍ମଜୀବୀ ହୋଇଥିଲେ, ବେଳେବେଳେ ଘର ଓ ପିଲାମାନଙ୍କ ରକ୍ଷଣାବେକ୍ଷଣ ପାଇଁ ଉଚ୍ଚ ପଦାଧିକାରୀ ପତ୍ନୀଙ୍କୁ ଚାକିରି ଛାଡିବାକୁ ହୋଇଥାଏ । ଅଥଚ ସମସ୍ତେ ନିଜ

ନିଜର ଡେଣା ଲଗାଇ ଉଡ଼ିଗଲା ପରେ ମା'ଟି ଅବହେଳିତା ହୋଇଯାଏ । ପରିବାରର ସମସ୍ତ ଦାୟିତ୍ୱ ତୁଲାଇବା ନିଶାରେ ଗୃହିଣୀଟିଏ ନିଜ ସ୍ୱାସ୍ଥ୍ୟ ପ୍ରତି ଅବହେଳା କରିବସେ। ପ୍ରଥମେ ଖାଦ୍ୟ ଓ ନ୍ୟୁଟ୍ରିସନ୍ ବିଷୟ ବିଚାରକୁ ନେଲେ ଆମେ ଜାଣିପାରିବା ଯେ, ମା'ଟିଏ ସବାଶେଷରେ ଖାଏ ଓ ସବୁଠାରୁ କମ୍ ଖାଏ, ସମସ୍ତେ ଖାଇ ସାରିବାପରେ ଯାହା ଅବଶିଷ୍ଟ ରହେ, ତାହା ହିଁ ଖାଇଥାଏ । ନିମ୍ନ ମଧ୍ୟବିତ୍ତ ପରିବାରର ମହିଳାମାନେ ପ୍ରାୟ ପୁଷ୍ଟିସାର ଖାଦ୍ୟର ଅଭାବ ଭୋଗିଥାନ୍ତି । ଏହାଛଡ଼ା ରକ୍ତହୀନତା, ଅଗ୍ନିମାନ୍ଦ୍ୟ ସେମାନଙ୍କୁ ବିଶେଷ ଭାବରେ ଦୁର୍ବଳ କରିଦିଏ । ବିଶେଷ ଭାବରେ ଗାଁ ଗହଳିରେ ଏଇ

ଅସୁବିଧା ବେଶି ହୋଇଥାଏ । ଏହାଛଡ଼ା ଅଳ୍ପ ସମୟରେ ବାରମ୍ବାର ଗର୍ଭଧାରଣ କଲେ ସେମାନେ ରୁଗ୍ଣ ହୋଇଯାନ୍ତି । ଗ୍ରାମାଞ୍ଚଳରେ ଅନେକ ଗୃହିଣୀ ନିରକ୍ଷର ହୋଇଥିବାରୁ ପରିବାର ନିୟନ୍ତ୍ରଣର ବ୍ୟବସ୍ଥା ଜାଣିପାରନ୍ତି ନାହିଁ । ଗର୍ଭାବସ୍ଥାରେ ମଧ୍ୟ ଗୃହିଣୀମାନେ ନିଜର ଯତ୍ନ ନେଇପାରନ୍ତି ନାହିଁ, ଫଳରେ ପ୍ରଥମ ୩ ମାସରେ ଅବଶ୍ୟମ୍ଭାବୀ ଗର୍ଭପାତ ଏବଂ ଅସମ୍ପୂର୍ଣ୍ଣ ଗର୍ଭପାତ ହେବାର ଚାନ୍ସ ଥାଏ। ଗୃହିଣୀଟିଏ ନିଜକୁ ଅବହେଳା କଲେ ତଥା ଆଗରୁ ପ୍ରିନାଟାଲ୍ କାଉନ୍‌ସେଲିଂ କରାଇ ନ ଥିଲେ ଶିଶୁର ବର୍ଦ୍ଧନ, ଘୂର୍ଣ୍ଣନ ଆଦି ଜାଣିବା କଷ୍ଟକର ହୋଇପଡ଼େ । ଗର୍ଭାବସ୍ଥାରେ ଜଟିଳତା ଆସ୍ତେ ଆସ୍ତେ ବଢିଚାଲେ, ଫଳରେ ମା' ଓ ଶିଶୁ ଉଭୟ ଅସୁସ୍ଥ ହୋଇପଡ଼ନ୍ତି । ଆହୁରି କେତେକ ଗୃହିଣୀ ଅଛନ୍ତି, ଯେଉଁମାନେ ସାରା ପରିବାରର କାମକରିବା ସହ ଭାରି ଜିନିଷ ଉଠାଇଥାନ୍ତି ଓ ବିଶେଷ ପରିଶ୍ରମ କରିଥାନ୍ତି ଫଳରେ ଜରାୟୁ ତଳକୁ ଖସିଆସେ (ପ୍ରୋଲାପ୍‌ସ ଅଫ୍ ୟୁଟେରସ୍) ଏଥିରେ ମଧ୍ୟ ବାରମ୍ବାର ସଂକ୍ରମଣ ହୋଇ ଧଳା ସ୍ରାବହୁଏ। ନିଜର ଯତ୍ନ ନ କରି ଏବଂ ଅନ୍ୟମାନଙ୍କଠାରୁ ଯତ୍ନ ନ ପାଇ ଗୃହିଣୀଟିଏ ରୁଗ୍‌ଣା ହୋଇଥାଏ। ଅନ୍ୟର ସ୍ୱାସ୍ଥ୍ୟ କଥା ବୁଝୁବୁଝୁ ନିଜେ ଦୁରାରୋଗ୍ୟ ରୋଗରେ ପୀଡିତ ହୋଇଯାଏ,ଏପରି କି ଅନେକ ଲକ୍ଷଣ ଯଥା ସାଦାସ୍ରାବ, ଦୁର୍ଗନ୍ଧ ଯୁକ୍ତ ସ୍ରାବ ଏବଂ ରକ୍ତମିଶା ସ୍ରାବକୁ ଅଣଦେଖା କରି ଜରାୟୁ ମୁଖ କର୍କଟରୋଗ ଓ ଜରାୟୁ କର୍କଟ ରୋଗରେ ପୀଡ଼ିତା ହୁଏ । ବେଳେବେଳେ ଗୃହିଣୀମାନେ ମାନସିକ ଅବସନ୍ନତାର ଶିକାର ହୁଅନ୍ତି । ନିଜେ ଉପାର୍ଜନକ୍ଷମ ହୋଇ ପାରି ନ ଥିବାରୁ ସେମାନେ ହୀନମନ୍ୟତା ଭୋଗନ୍ତି ଏବଂ ଭାବନ୍ତି ଯେ, ଘରେ ସମସ୍ତେ ତାଙ୍କୁ ଅବହେଳା କରୁଛନ୍ତି। ବିଶେଷ ଭାବରେ ସେମାନେ ମାନସିକ ବିଷଣ୍ଣତା ବା ଅବସାଦର ଶିକାର

ହୋଇଥାନ୍ତି । ଏମିତି କି ହୃଦ୍‌ରୋଗ ଓ ଅନ୍ୟାନ୍ୟ ଦୁରାରୋଗ୍ୟ ହେଲେ ଗୃହିଣୀମାନେ ଅବହେଳାର ଶିକାର ହୋଇଥାନ୍ତି ।

ଆଉ ଗୋଟିଏ ଦିଗକୁ ବିଚାରକୁ ନେଲେ ଆମେ ଜାଣିପାରିବା ଯେ, ଅନେକ ଗୃହିଣୀ ଅଛନ୍ତି; ଯେଉଁମାନେ କୌଣସି ଖାଦ୍ୟ ନଷ୍ଟ କରିବାକୁ ଚାହାନ୍ତି ନାହିଁ, ଫଳରେ ଘରର ଯେକୌଣସି ସଦସ୍ୟ ଖାଇବାପରେ କିଛି ଖାଦ୍ୟ ବଳିଗଲେ ବା ଛାଡ଼ିଦେଲେ ସେମାନେ ନଷ୍ଟ ନ କରି ଖାଇ ଦିଅନ୍ତି, ଫଳରେ କ୍ୟାଲୋରୀ ଇନ୍‌ଟେକ୍ ବହୁତ ବଢିଯାଏ। ଛୁଆ, ସ୍ୱାମୀ ଓ ଶାଶୁଶ୍ୱଶୁରଙ୍କର ବଳକା ଖାଦ୍ୟ ଖାଇ ସେମାନେ ନିଜର ଓଜନ ବଢାଇ ଦିଅନ୍ତି । ତା'ପରେ ଘରକାମ କରୁ କରୁ ଜଣଜଣଙ୍କର ଅନବରତ ପାଟି ଚାଲିଥାଏ, ତେଣୁ ଫାଷ୍ଟଫୁଡ୍, ଚେନାଚୁର ଆଦି ଖାଇ ସେମାନେ ଅତ୍ୟଧିକ ମୋଟା ହୋଇଯାନ୍ତି । ସେମାନେ ଭାବିବା ଉଚିତ ଯେ, ଘରକାମ ଛଡା ନିଜ ମୋଟା ପଣିଆକୁ କମାଇବାକୁ ସେମାନେ କିଛି ବ୍ୟାୟାମ୍ ମଧ୍ୟ କରିବା ଆବଶ୍ୟକ ଯଥା ଚାଲିବା, ସାଇକେଲ୍ ଚଳାଇବା, ସ୍କିପିଂ ବା ଦଉଡ଼ି ଡିଆଁ, ଜଗିଂ ବା ଟ୍ରେଡ୍ ମିଲ୍‌ରେ ଚାଲିବା ଆଦି। ବେଳେବେଳେ ଗୃହିଣୀମାନଙ୍କର ଶାରୀରିକ ସମସ୍ୟାଠାରୁ ବେଶି ଭୟଙ୍କର ହୋଇଉଠେ ମାନସିକ ସ୍ୱାସ୍ଥ୍ୟର ଅବନତି। ତେଣୁ ଗୃହିଣୀଙ୍କୁ ହେୟ ମନେକରିବା ଠିକ୍ ନୁହେଁ ଏବଂ ତା'ର ମାନସିକ ଓ ଶାରୀରିକ ସ୍ୱାସ୍ଥ୍ୟର ଯତ୍ନନେବା ଉଚିତ । ଗୋଟିଏ ଗୃହକର୍ତ୍ତାଙ୍କ ସଫଳ କର୍ମ ଜୀବନ ପଛରେ ଗୃହିଣୀର ଦାୟିତ୍ୱଶୀଳତା ଥାଏ । ଗୃହିଣୀଟିର ଅକ୍ଳାନ୍ତ ପରିଶ୍ରମ , ଅବର୍ଣ୍ଣନୀୟ ଦୂରଦର୍ଶିତା, ଅକଳ୍ପନୀୟ ସ୍ୱାର୍ଥତ୍ୟାଗ ତଥା ଅତୁଳନୀୟ ପାରଦର୍ଶିତା ହିଁ ଗୋଟିଏ ପରିବାରକୁ ସରସ ସୁନ୍ଦର କରିତୋଳେ, ତେଣୁ ଗୃହିଣୀଟିକୁ ସମ୍ମାନ ଦେବା ସାରା ପରିବାରର କର୍ତ୍ତବ୍ୟ । ଏହା ସହ ସବୁ ଗୃହିଣୀମାନେ ନିଜେ ନିଜର ଯତ୍ନ ନେବାପାଇଁ କିଛି ସମୟ ବାହାର କରିବା ଆବଶ୍ୟକ। ସେଥିରେ ସେମାନେ ନିଜ ଶରୀର ଓ ମନର ଯତ୍ନ ନେବା ସହ ନିଜର 'ହବି' ପାଇଁ ମଧ୍ୟ ସମୟ ଦେବା ଦରକାର। ଅଧିକାଂଶ ଗୃହିଣୀ ଏକ ଏକ ଅନନ୍ୟ ପ୍ରତିଭାର ଅଧିକାରିଣୀ ହୋଇଥାନ୍ତି। କେଉଁମାନେ ଗୀତ ଗାଆନ୍ତି ତ କିଏ ଲେଖିବାକୁ ଭଲ ପାଆନ୍ତି, ଆଉ କେହି ନୃତ୍ୟ କରନ୍ତି ତ ଅନ୍ୟ କେଉଁ ଗୃହିଣୀମାନେ ତୁଳୀ ରଙ୍ଗନେଇ ଚିତ୍ର ଆଙ୍କିବାରେ ଲାଗିପଡ଼ନ୍ତି। ମୋଟ ଉପରେ ଏଇ ପ୍ରତିଭାର ଅଧିକାରିଣୀମାନେ ନିଜ ସ୍ୱପ୍ନକୁ ଓ ଅଭିଳାଷକୁ ପରି ପୂରଣ କରିବାକୁ ସୁଯୋଗ ପାଇବା ଦରକାର।

– ଲିଙ୍କ୍ ରୋଡ୍, କଟକ,
ମୋ–୯୪୩୭୦୫୫୦୦୭







## ଖାଦ୍ୟ ରୁଚି

# ଚକୋଲେଟ୍ କାଜୁ କଟ୍‌ଲୀ

**ଆବଶ୍ୟକ ସାମଗ୍ରୀ:** ୪.୫ କପ୍ କାଜୁ, ୨ କପ୍ ଚିନି, ୨୦୦ ମିଲି ପାଣି, ୨ କପ୍ ମିଲ୍କ ଚକୋଲେଟ୍ କିମ୍ବା ଡାର୍କ ଚକୋଲେଟ୍।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ କାଜୁକୁ ଭଲ ଭାବେ ଗ୍ରାଇଣ୍ଡ କରି ପାଉଡର ପ୍ରସ୍ତୁତ କରନ୍ତୁ। ଚୁଲାରେ ଅଳ୍ପ ଆଞ୍ଚରେ ଏକ ପ୍ୟାନ୍ ବସାଇ ଚିନି ଏବଂ ପାଣି ପକାଇ ଫୁଟାନ୍ତୁ। ଚିନିରୁ ଭଲ ଭାବେ ଗାଢ ସିରା ପ୍ରସ୍ତୁତ କରନ୍ତୁ। ଦୁଇବୁନ୍ଦା ସିରା ଏକ ପ୍ଲେଟ୍‌ରେ କାଢି ଥଣ୍ଡା କରି ଦୁଇ ଅଙ୍ଗୁଳିରେ ଟାଣି ଦେଖନ୍ତୁ ଯଦି ଏକ ସୂତା ତିଆରି ହେଉଛି ତେବେ ଚୁଲା ବନ୍ଦ କରି ଦିଅନ୍ତୁ। ଏଥିରେ ଗୁଣ୍ଡ କାଜୁ ପକାଇ ଭଲ ଭାବେ ୪–୫ ମିନିଟ୍ ପର୍ଯ୍ୟନ୍ତ ଗୋଳାନ୍ତୁ। ଏକ ବହଳ ପେଷ୍ଟ ପ୍ରସ୍ତୁତ ହୋଇଯିବ। ଏହାକୁ ଅଳ୍ପ ଥଣ୍ଡା କରିବା ପରେ ହାତରେ ଘିଅ ଲଗାଇ ଏହାକୁ ଭଲ ଭାବେ ଚକଟନ୍ତୁ। ବର୍ତ୍ତମାନ ଏକ ପ୍ଲେଟ୍‌ରେ ବଟର ପେପର ରଖି ଏହି ଚକଟାକୁ ରଖନ୍ତୁ। ଧୀରେ ଧୀରେ ମୋଟା କରି ବେଲି ଦିଅନ୍ତୁ। ଚକୋଲେଟ୍‌କୁ ଏକ ପାତ୍ରରେ ଗରମ କରି ତରଳାନ୍ତୁ। ଏହାକୁ ବେଲା ଯାଇଥିବା କାଜୁ ଉପରେ ଢାଳି ଧୀରେ ଧୀରେ ଚାରିଆଡ଼େ ସମାନ ଭାବେ ଲଗାନ୍ତୁ। ଏହାକୁ ଥଣ୍ଡା କରିବା ଫ୍ରିଜ୍‌ରେ ୧୫–୨୦ମିନିଟ୍ ପର୍ଯ୍ୟନ୍ତ ରଖନ୍ତୁ। ଚକୋଲେଟ୍ ସେଟ୍ ହୋଇଗଲେ ଏହାକୁ କାଢି ବିଭିନ୍ନ ଆକାରରେ କାଟି ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ଚକୋଲେଟ୍ କାଜୁ କଟ୍‌ଲୀ, ଏହାକୁ ଖାଇବାର ମଜା ନିଅନ୍ତୁ।





# ଶିଶୁର କାନ ସଫା କରୁଥିଲେ

**ଶିଶୁର କାନ ଅତ୍ୟନ୍ତ ସୂକ୍ଷ୍ମ ଏବଂ ନରମ। ତେଣୁ ଏହାକୁ ସଫା କରିବା ସମୟରେ କେତେଗୁଡ଼ିଏ ଦିଗ ପ୍ରତି ବିଶେଷ ଧ୍ୟାନ ନ ଦେଲେ ତାକୁ ଅଧିକ କଷ୍ଟ ହେବା ସହ କାନର ନରମ ଚର୍ମ ଘଷି ହୋଇ କ୍ଷତ ହେବାର ଆଶଙ୍କା ମଧ୍ୟ ବଢିଥାଏ...**

– ପିଲାଙ୍କ କାନର ରନ୍ଧ୍ର ଖୁବ୍ ଛୋଟ ହୋଇଥିବାରୁ ଇଅରବଡ୍‌ରେ ସଫା କରିବା ବେଳେ ଯେପରି ମଳି ବାହାରିବା ପରିବର୍ତ୍ତେ ଠେଲି ହୋଇ କାନ ଭିତରକୁ ଚାଲି ନ ଯାଏ ସେଥିପ୍ରତି ସତର୍କ ରୁହନ୍ତୁ। ତା' ଛଡା କାନ ଭିତରେ ବାହାର ଧୂଳି ଅବରୋଧ କରିବା ଲାଗି ପ୍ରାକୃତିକ ଉପାୟରେ ଥିବା ଅଠାଳିଆ ଉପାଦାନ ଛାଡିଯାଇଥାଏ ଏବଂ ଧୂଳି ସହଜରେ ଭିତରକୁ ଯାଇଥାଏ। ପତଳା ନରମ ସୂତା କପଡ଼ାକୁ ମୋଡ଼ି ଧୀରେ ଧୀରେ କାନ ସଫା କଲେ ପିଲାଙ୍କୁ କଷ୍ଟ ହୋଇ ନ ଥାଏ।

– ଏମିତିରେ ସମସ୍ତଙ୍କ କାନର ପରଦା ଅଧିକ ସମ୍ବେଦନଶୀଳ। ସେହି ଅନୁଯାୟୀ ପିଲାଙ୍କ କାନ ଆହୁରି ସମ୍ବେଦନଶୀଳ। ତେଣୁ ଇୟର ବଡ କିମ୍ବା ଅନ୍ୟ କୌଣସି ଜିନିଷରେ ପିଲାଙ୍କ କାନ ସଫା କରିବା ବେଳେ ସାମାନ୍ୟ ଭୁଲ୍ ପିଲାର କାନ ପରଦାକୁ କ୍ଷତି ପହଞ୍ଚାଇବା ଯୋଗୁ ରକ୍ତ ସ୍ରାବ ହେବା କିମ୍ବା ଫାଟିଯିବା ଭଳି ସମସ୍ୟା ଉପୁଜିଥାଏ। ଏମିତି କି ଏଥିପାଇଁ ପିଲାର ଶ୍ରବଣଶକ୍ତି ଚାଲିଯିବାର ଆଶଙ୍କା ବି ରହିଛି।

– ବେଳେ ବେଳେ ଅନେକ ମା' ଥରେ ପିଲାର କାନ ସଫା କରିବା ପରେ ଇୟର ବଡ୍‌କୁ ପୁନର୍ବାର ବ୍ୟବହାର କରିବା ଲାଗି ରଖିଦିଅନ୍ତି। ହେଲେ ବାରମ୍ବାର ଏପରି କରିବା ଦ୍ୱାରା ପିଲା କାନରେ ଇନ୍‌ଫେକ୍ସନ ହୋଇ ଯନ୍ତ୍ରଣା ହୋଇଥାଏ।

www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/18-20. ମଙ୍ଗଳବାର, ନଭେମ୍ବର ୩/୨୦୨୦ Tuesday, November 3/ 2020

# ପ୍ଲେ-ଅଫ୍‌ରେ ଦିଲ୍ଲୀ, ଆର୍‌ସିବି

**ଆବୁଧାବି, ୨।୧୧**

ଇଣ୍ଡିଆନ ପ୍ରିମିୟର ଲିଗ୍(ଆଇପିଏଲ୍)ର ସୋମବାର ଅନୁଷ୍ଠିତ ଗୁରୁତ୍ୱପୂର୍ଣ୍ଣ ଲିଗ୍ ମ୍ୟାଚରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି)କୁ ପରାସ୍ତ କରିଛି ଦିଲ୍ଲୀ କ୍ୟାପିଟାଲ୍ସ। ତେବେ ୨ଟି ଯାକ ଦଳ ପ୍ଲେ-ଅଫ୍‌ରେ ପ୍ରବେଶ କରିଛନ୍ତି। ମୁମ୍ବାଇ ୧୮ ପଏଣ୍ଟ ସହିତ ଶୀର୍ଷରେ ରହିଥିବାବେଳେ ଦିଲ୍ଲୀ ୮ମ ବିଜୟ ସହ ଦ୍ୱିତୀୟ ସ୍ଥାନରେ ରହିବା ନିଶ୍ଚିତ କରିଛି। ଅନ୍ୟପକ୍ଷରେ ଆରସିବି ପରାସ୍ତ ହୋଇ ୧୪ ପଏଣ୍ଟରେ ସ୍ଥିର ରହିଥିବା ବେଳେ କୋଲକାତା ନାଇଟ ରାଇଡର୍ସ ମଧ୍ୟ ୧୪ ପଏଣ୍ଟ ପାଇଛି। ତେବେ ଉନ୍ନତ ରନ ହାରରେ ଆର୍‌ସିବି କ୍ୱାଲିଫାଇ କରିଛି। ମଙ୍ଗଳବାର ମୁମ୍ବାଇ ଇଣ୍ଡିଆନ୍ସ ଓ ସନ୍‌ରାଇଜର୍ସ ହାଇଦ୍ରାବାଦ ମଧ୍ୟରେ ଶେଷ ଲିଗ୍ ମ୍ୟାଚ ଅନୁଷ୍ଠିତ ହେବ। ଏଥିରେ ବିଜୟୀ ହେଲେ ହାଇଦ୍ରାବାଦ ଦଳ ପ୍ଲେ-ଅଫ୍‌ରେ ପ୍ରବେଶ କରିବ। ନଚେତ ୧୪ ପଏଣ୍ଟରେ ଥିବା କୋଲକାତା ପ୍ଲେ-ଅଫ୍ ପାଇଁ ଯୋଗ୍ୟତା ଅର୍ଜନ କରିବ। ସନ୍‌ରାଇଜର୍ସ ଜିତିଲେ କୋଲକାତାକୁ ବିଦାୟ ନେବାକୁ ପଡ଼ିବ। ଆଜିର ମ୍ୟାଚ ପରେ ଆରସିବିର ରନ ହାର -୦.୧୭୨ ରହିଛି। ଅନ୍ୟପକ୍ଷରେ -୦.୨୧୪ ରନ ହାରରେ ଥିବାରୁ କୋଲକାତା ଶେଷ ଲିଗ୍ ମ୍ୟାଚରେ ହାଇଦ୍ରାବାଦ ପରାଜିତ ହେଉ ବୋଲି ଚାହିଁବ। ଏଠାରେ ପ୍ରଥମେ ବ୍ୟାଟିଂ କରିଥିବା ଆରସିବି ୨୦ ଓଭରରେ ୭ ଉଇକେଟ ହରାଇ ୧୫୨ ରନ କରିଥିଲା। ୧୫୩ ରନ ବିଜୟ ଲକ୍ଷ୍ୟର ପିଛା କରି ଦିଲ୍ଲୀ ୧୯ ଓଭରରେ ୪ ଉଇକେଟ ହରାଇ ୧୫୪ ରନ ସଂଗ୍ରହ କରି ନେଇଥିଲା। ଦିଲ୍ଲୀ ୧୬ ପଏଣ୍ଟରେ ପହଞ୍ଚିଥିବାରୁ ୫ ତାରିଖରେ ମୁମ୍ବାଇ ସହିତ କ୍ୱାଲିଫାୟର-୧ ଖେଳିବ। ଅନ୍ୟପକ୍ଷରେ ଆରସିବି ୬ ତାରିଖରେ ଏଲିମିନେଟରରେ କେଉଁ ଦଳକୁ ଭେଟିବ ତାହା ଆଗାମୀ ମ୍ୟାଚ ପରେ ସ୍ପଷ୍ଟ ହେବ।

ଟସ୍ ଜିତି ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ ଦିଲ୍ଲୀ ଅଧିନାୟକ ଶ୍ରେୟାସ ଆୟାର। ଗତ କିଛି ମ୍ୟାଚ ଭଳି ଏଥର ମଧ୍ୟ ଆରସିବି ଧିମା ଆରମ୍ଭ କରିଥିଲା। ଅଭିଜ୍ଞ ଆରୋନ ଫିଞ୍ଚଙ୍କୁ ସୁଯୋଗ ନ ଦେବା ଦଳପାଇଁ ମହଙ୍ଗା ପଡ଼ିଥିଲା। ତାଙ୍କ ସ୍ଥାନ ନେଇଥିବା ଜୋଶ୍ ଫିଲିପେ ୧୭ ବଲ୍‌ରୁ ମାତ୍ର ୧୨ ରନ କରି ଆଉଟ ହୋଇଥିଲେ। ସେତେବେଳକୁ ୨୫ ବଲ୍‌ରୁ ମାତ୍ର ୨୫ ରନ ସଂଗ୍ରହ ହୋଇଥିଲା। ଅଧିନାୟକ ବିରାଟ କୋହଲି କ୍ରିଜରେ ଯୋଗଦେଇ ସତର୍କତାର ସହିତ ଇନିଂସକୁ ଆଗେଇ ନେଇଥିଲେ। ଫର୍ମରେଥିବା ଦେବଦତ୍ତ ପଡିକାଲ ସ୍ୱାଭାବିକ ଖେଳ ଦେଖାଇଥିଲେ। ଦ୍ୱିତୀୟ ଉଇକେଟରେ ୫୭ ରନ ଯୋଗ ହେବାପରେ କୋହଲିଙ୍କ ଆଉଟ ଦଳକୁ ଶକ୍ତ ଝଟ୍‌କା ଦେଇଥିଲା। ସାମାନ୍ୟ ଆକ୍ରମଣାତ୍ମକ ଆଭିମୁଖ୍ୟ ଦେଖାଇଥିବା କୋହଲି ଏଠାରେ ୨୪ ବଲ୍‌ରୁ ୨୯(୨ ଚୌକା, ୧ ଛକା) ରନ କରି ପାରିଥିଲେ। ଆଇପିଏଲ ପଦାର୍ପଣରେ ପ୍ରଥମ ଖେଳାଳିଭାବେ ୫ମ ଅର୍ଦ୍ଧଶତକ ହାସଲ କରିଥିଲେ ପଡିକାଲ। ପୂର୍ବରୁ ଶିଖର ଧାୱନ ଓ ଶ୍ରେୟାସ ଆୟାର ୪ଟି ଲେଖାଏ ଅର୍ଦ୍ଧଶତକ ଅର୍ଜନ କରି ରେକର୍ଡର ଅଧିକାରୀ ଥିଲେ। ମାତ୍ର ଠିକ୍ ୫୦ ରନ ପୂରଣ ହେବାପରେ ପଡିକାଲ ଏନରିଚ୍ ନର୍ଜେଙ୍କ ବଲ୍‌ରେ କ୍ଲିନ୍ ବୋଲ୍ଡ ହୋଇଯାଇଥିଲେ। ସେ ୪୧ଟି ବଲ୍ ଖେଳି ୫ଟି ଚୌକା ମାରିଥିଲେ। ୧୬ତମ ଓଭରରେ ପଡିକାଲ ଓ କ୍ରିସ୍ ମୋରିସଙ୍କ ଉଇକେଟ ନେଇ ନର୍ଜେ ଆରସିବିକୁ ବ୍ୟାକ୍‌ଫୁଟ୍‌କୁ ଠେଲି ଦେଇଥିଲେ। ଏବି ଡିଭିଲର୍ସ ଆକ୍ରମଣାତ୍ମକ ବ୍ୟାଟିଂ କରିଥିଲେ ହେଁ ଅନ୍ୟମାନଙ୍କ ବିଫଳତା ଯୋଗୁ ଆରସିବି ଇନିଂସ ୧୫୨ରେ ସୀମିତ ରହି ଯାଇଥିଲା। ଡି'ଭିଲର୍ସ ୨୧ ବଲ୍‌ରୁ ୩୫(୧ ଚୌକା, ୨ ଛକା) ରନରେ ରନଆଉଟ ହୋଇ ଯାଇଥିଲେ। ଶିବମ୍ ଦୁବେ ୧୭ ଓ ଇସୁରୁ ଉଡାନା ୪ ରନ କରିବାକୁ ସକ୍ଷମ ହୋଇଥିଲେ। ଦିଲ୍ଲୀ ପକ୍ଷରୁ ନର୍ଜେ ୩ଟି, କାଗିଶୋ ରାବାଡ଼ା ୨ଟି ଏବଂ ରବିଚନ୍ଦ୍ରନ ଅଶ୍ୱିନ ଗୋଟିଏ ଉଇକେଟ ନେଇଥିଲେ।

ଟାର୍ଗେଟ ବଡ଼ ନ ଥିଲେ ହେଁ ଦିଲ୍ଲୀ ମାତ୍ର ୧୯ ରନରେ ଓପନର ପୃଥ୍ୱୀ ଶ'ଙ୍କ ଉଇକେଟ ହରାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟରେ ପଡ଼ିଥିଲା। ଫର୍ମରେ ନ ଥିବା ପୃଥ୍ୱୀ ୬ ବଲ୍‌ରୁ ୯ ରନ କରିଥିବାବେଳେ ମହମ୍ମଦ ସିରାଜଙ୍କ ବଲ୍‌ରେ ବୋଲ୍ଡ ହୋଇଯାଇଥିଲେ। ତେବେ ଶିଖର ଧାୱନ ଓ ଅଜିଙ୍କ୍ୟ ରାହାନେ ଦ୍ୱିତୀୟ ଉଇକେଟରେ ୮୮ ରନ ଯୋଗ କରି ଦଳର ବିଜୟ ପଥ ପରିଷ୍କାର କରିଥିଲେ। ଅର୍ଦ୍ଧଶତକ ହାସଲ କରିଥିବା ଧାୱନ ୪୧ ବଲ୍‌ରୁ ୬ ଚୌକା ସହାୟତାରେ ୫୪ ରନ କରି ପ୍ୟାଭିଲିୟନ ଫେରିଥିଲେ। ଶାହାବାଜ ଅହମ୍ମଦ ୧୭ତମ ଓଭରରେ ଆୟାର(୭ ରନ)ଙ୍କ ଉଇକେଟ ନେଇଥିଲେ ହେଁ ସେତେବେଳକୁ ବହୁ ବିଳମ୍ବ ହୋଇଯାଇଥିଲା। ଅଜିଙ୍କ୍ୟ ରାହାନେ ଦ୍ରୁତ ଅର୍ଦ୍ଧଶତକୀୟ ଇନିଂସ ଖେଳି ଦଳକୁ ବିଜୟର ନିକଟତର କରାଇଥିଲେ। ୧୬ ବଲ୍‌ରୁ ୧୭ ରନ ଆବଶ୍ୟକ ଥିବାବେଳେ ରାହାନେଙ୍କୁ ଆଉଟ କରି ୱାଶିଂଟନ ସୁନ୍ଦର ମ୍ୟାଚରେ କିଛିଟା ରୋମାଞ୍ଚ ଆଣିଥିଲେ। ୪୬ଟି ବଲ୍ ଖେଳିଥିବା ରାହାନେ ୫ ଚୌକା ଓ ୧ ଛକା ସହ ସର୍ବାଧିକ ୬୦ ରନ ସ୍କୋର କରିଥିଲେ। ରିଷଭ ପନ୍ତ ୭ ବଲ୍‌ରୁ ୮ ଓ ମାର୍କସ୍ ଷ୍ଟୋଇନ୍ସ ୫ ବଲ୍‌ରୁ ୧୦ ରନରେ ଅପରାଜିତ ରହି ଦଳୀୟ ବିଜୟରେ ଔପଚାରିକତା ପୂରଣ କରିଥିଲେ। ଆରସିବି ବୋଲରଙ୍କ ମଧ୍ୟରେ ଶାହାବାଜ ଅହମ୍ମଦ ୨ଟି ଏବଂ ସିରାଜ ଓ ସୁନ୍ଦର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।



ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଏନ୍‌ରିଚ୍ ନର୍ଜେ।

### ପଦାର୍ପଣ ଆଇପିଏଲ୍‌ରେ ସର୍ବାଧିକ ଅର୍ଦ୍ଧଶତକ

- ୫: ଦେବଦତ୍ତ ପଡିକାଲ, ୨୦୨୦, ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର
- ୪: ଶିଖର ଧାୱନ, ୨୦୦୮, ଦିଲ୍ଲୀ ଡେୟାରଡେଭିଲ୍ସ
- ୪: ଶ୍ରେୟାସ ଆୟାର, ୨୦୧୫, ଦିଲ୍ଲୀ ଡେୟାରଡେଭିଲ୍ସ

### ଆଇପିଏଲ୍ ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ମୁମ୍ବାଇ ଇଣ୍ଡିଆନ୍ସ | ୧୩ | ୯ | ୪ | ୧୮ | +୧.୨୯୬ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୪ | ୮ | ୬ | ୧୬ | -୦.୧୦୯ |
| ରୟାଲ ଚ୍ୟାଲେଞ୍ଜର୍ସ | ୧୪ | ୭ | ୭ | ୧୪ | -୦.୧୭୨ |
| ନାଇଟ ରାଇଡର୍ସ | ୧୪ | ୭ | ୭ | ୧୪ | -୦.୨୧୪ |
| ସନ୍‌ରାଇଜର୍ସ | ୧୩ | ୬ | ୭ | ୧୨ | +୦.୫୫୫ |
| କିଙ୍ଗ୍ସ ଇଲେଭେନ | ୧୪ | ୬ | ୮ | ୧୨ | -୦.୧୬୨ |
| ଚେନ୍ନାଇ ସୁପରକିଙ୍ଗ୍ସ | ୧୪ | ୬ | ୮ | ୧୨ | -୦.୪୫୫ |
| ରାଜସ୍ଥାନ ରୟାଲ୍ସ | ୧୪ | ୬ | ୮ | ୧୨ | -୦.୫୬୯ |

### ସଂକ୍ଷିପ୍ତ ସ୍କୋର

ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ୨୦ ଓଭରରେ ୧୫୨/୭(ପଡିକାଲ-୫୦, ଡି'ଭିଲର୍ସ-୩୫, କୋହଲି-୨୯, ନର୍ଜେ-୩/୩୩, ରାବାଡ଼ା-୨/୩୦, ଅଶ୍ୱିନ-୧/୧୮)। ଦିଲ୍ଲୀ କ୍ୟାପିଟାଲ୍ସ ୧୯ ଓଭରରେ ୧୫୪/୪ (ରାହାନେ-୬୦, ଧାୱନ-୫୪, ଶାହାବାଜ-୨/୨୬, ସିରାଜ-୧/୨୯, ସୁନ୍ଦର-୧/୨୪)।

## ସଂକ୍ଷେପରେ

### ସାଇର ନୂଆ ଆଞ୍ଚଳିକ କେନ୍ଦ୍ର ଉଦ୍‌ଘାଟିତ

**ମୋହଲି, ୨।୧୧ (ପି.ଟି.):** ପଞ୍ଜାବର ଜିରାକପୁରଠାରେ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ(ସାଇ)ର ନୂଆ ଆଞ୍ଚଳିକ କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ କିରେନ ରିଜିଜୁଙ୍କ ଦ୍ୱାରା ସୋମବାର ଭର୍ଚୁଆଲରେ ଉଦ୍‌ଘାଟିତ ହୋଇଯାଇଛି। ଉତ୍ତର ଭାରତରେ ଏହା ସାଇର ଅନ୍ୟତମ ମୁଖ୍ୟ କେନ୍ଦ୍ର ଭାବେ କାର୍ଯ୍ୟକରିବ। ଏହି ଇଭେଣ୍ଟ ଅବସରରେ ନୂଆ କେନ୍ଦ୍ରରେ ଟ୍ରେନିଂ ନେବାକୁ ଥିବା କୋଚ୍ ଏବଂ ଆଥଲେଟ୍‌ମାନଙ୍କୁ କ୍ରୀଡ଼ାମନ୍ତ୍ରୀ ଶୁଭେଚ୍ଛା ଜଣାଇଛନ୍ତି। ଜମ୍ମୁ-କଶ୍ମୀର ଓ ଲେହଠାରୁ ହିମାଚଳ ପ୍ରଦେଶ ପର୍ଯ୍ୟନ୍ତ ଉତ୍ତର ଭାରତର ବହୁ ଅଞ୍ଚଳ ନୂଆ ଆଞ୍ଚଳିକ କେନ୍ଦ୍ର ଦ୍ୱାରା ଉପକୃତ ହେବେ। ଏଠାରେ ବିଶ୍ୱ ଶ୍ରେଣୀର କ୍ରୀଡ଼ା ସୁବିଧା ସୁଯୋଗ ରହିବ ବୋଲି ରିଜିଜୁ କହିଛନ୍ତି। ଭର୍ଚୁଆଲ ଉଦ୍‌ଘାଟନୀ ଉତ୍ସବରେ ପଞ୍ଜାବ କ୍ରୀଡ଼ା ନିର୍ଦ୍ଦେଶକ ଡି.ପି.ଏସ୍. ଖରୱାଣ୍ଡା, ସାଇ ମହାନିର୍ଦ୍ଦେଶକ ସନ୍ଦୀପ ପ୍ରଧାନ, ସାଇ ସେକ୍ରେଟାରି ରୋହିତ ଭରଦ୍ୱାଜ ଏବଂ ସାଇର ବିଭିନ୍ନ ଆଞ୍ଚଳିକ ନିର୍ଦ୍ଦେଶକ, କୋଚ୍ ଓ ଆଥଲେଟଙ୍କ ସମେତ ୩୦୦ଜଣ ଅଂଶଗ୍ରହଣ କରିଥିଲେ।

### ଟେନିସ ଖେଳାଳିଙ୍କ ପାଇଁ ଟ୍ରେନିଂ କ୍ୟାମ୍ପ୍

**ନୂଆଦିଲ୍ଲୀ, ୨।୧୧(ପି.ଟି.):** ଦିଲ୍ଲୀ ଲନ୍ ଟେନିସ ଆସୋସିଏଶନ (ଡେଲ୍‌ଟା) କମ୍ପ୍ଲେକ୍ସରେ ଏକ ଟ୍ରେନିଂ କ୍ୟାମ୍ପର ଆୟୋଜନ ଲାଗି ସର୍ବଭାରତୀୟ ଟେନିସ୍ ଆସୋସିଏଶନ (ଆଇଟା) ଯୋଜନା କରିଛି। ଏଥିରେ ଅଂଶଗ୍ରହଣ ଲାଗି ଦେଶର ଟପ୍ ଟେନିସ ଖେଳାଳିମାନଙ୍କୁ ଆମନ୍ତ୍ରଣ କରାଯିବ। ଆସନ୍ତାବର୍ଷ ପ୍ରତିଯୋଗିତାମୂଳକ ଟେନିସ୍‌କୁ ଫେରିବା ଲାଗି ଏହା ବିଶେଷ ସହାୟକ ହେବ। କ୍ୟାମ୍ପକୁ ଦେଶର ଟପ୍ ୨୦ ମହିଳା ଓ ପୁରୁଷ ଖେଳାଳିଙ୍କୁ ଡକାଯିବ। ଜୈବ ସୁରକ୍ଷିତ ପରିବେଶ ମଧ୍ୟରେ ସେମାନଙ୍କୁ ନେଇ ସିଙ୍ଗଲ୍ସ ଫର୍ମାଟରେ ଏକ ଜାତୀୟ ଚାମ୍ପିୟନଶିପ୍ ମଧ୍ୟ ଆୟୋଜନ ହୋଇପାରେ। ୨୧ ଦିନିଆ କ୍ୟାମ୍ପ ପ୍ରଥମେ ପୁରୁଷ ଖେଳାଳିଙ୍କୁ ନେଇ ନଭେମ୍ବର ୩୦ରେ ଆରମ୍ଭ ହେବ। ପରେ ମହିଳା କ୍ୟାମ୍ପ ଜାନୁଆରୀ ୪ରୁ ହେବ। ହାଇପରଫର୍ମାନ୍ସ ଟ୍ରେନିଂ କ୍ୟାମ୍ପ ନିର୍ଦ୍ଦେଶକଙ୍କ ଅଧୀନରେ ଭାରତର ଡେଭିସ୍ କପ୍ କୋଚ୍ ଜିଶାନ ଅଲୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କ୍ୟାମ୍ପ ଅନୁଷ୍ଠିତ ହେବ।

## ସ୍ପ୍ରିଣ୍ଟ କୁଇନ୍ ଦୂତୀଙ୍କୁ ପଦୋନ୍ନତି



କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ଦୂତୀ ଚାନ୍ଦଙ୍କୁ ପଦୋନ୍ନତିପତ୍ର ପ୍ରଦାନ କରୁଛନ୍ତି।

**ଭୁବନେଶ୍ୱର, ୨।୧୧(କ୍ରୀଡ଼ା ପ୍ରତିନିଧି)**

ଭାରତୀୟ ସ୍ପ୍ରିଣ୍ଟ କୁଇନ୍ ଓଡ଼ିଶାର ଦୂତୀ ଚାନ୍ଦ କରୋନା ମହାମାରୀ ପାଇଁ କ୍ରୀଡ଼ା ପ୍ରତିଯୋଗିତାରେ ଭାଗନେଇ ପାରି ନାହାନ୍ତି। ତେବେ ଅର୍ଜୁନ ପୁରସ୍କାର ପାଇଥିବାରୁ ତାଙ୍କ ପାଇଁ ଏହି ବର୍ଷର ଶେଷଭାଗ ଖୁସି ଖବର ଆଣିଛି। ଓଡ଼ିଶା ମାଇନିଂ କର୍ପୋରେଶନ(ଓଏମସି)ରେ କାର୍ଯ୍ୟରତ ଦୂତୀଙ୍କୁ ଡେପୁଟି ମ୍ୟାନେଜରରୁ ମ୍ୟାନେଜର(ସିକ୍ୟୁରିଟି) ପଦକୁ ପଦୋନ୍ନତି ମିଳିଛି। ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ମୁଖ୍ୟମନ୍ତ୍ରୀଙ୍କ ସଚିବ (୫ଟି) ଭି.କେ. ପାଣ୍ଡିଆନଙ୍କ ଉପସ୍ଥିତିରେ ସୋମବାର କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ଦୂତୀଙ୍କୁ ପଦୋନ୍ନତି ପତ୍ର ପ୍ରଦାନ କରିଛନ୍ତି। ଏହି ସଫଳତା ପାଇଁ ଦୂତୀ ନିଜ ପରିବାରବର୍ଗ, ମୁଖ୍ୟମନ୍ତ୍ରୀ ଏବଂ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଏମ୍‌ପି ଅଚ୍ୟୁତ ସାମନ୍ତ, କୋଚ୍ ଏବଂ ସମର୍ଥକଙ୍କୁ ଧନ୍ୟବାଦ ଜଣାଇଛନ୍ତି। କୋଭିଡ-୧୯ ପାଇଁ ଏବେ ସମସ୍ତ କ୍ରୀଡ଼ା ପ୍ରତିଯୋଗିତା ବନ୍ଦ। ତେଣୁ କେବଳ କଳିଙ୍ଗ ଷ୍ଟାଡିୟମରେ ଅଭ୍ୟାସ କରି ନିଜକୁ ପ୍ରସ୍ତୁତ କରୁଛି। ଆସନ୍ତା ବର୍ଷ ପ୍ରାରମ୍ଭରେ ପ୍ରତିଯୋଗିତା ଆରମ୍ଭ ହେଲେ ଅଲିମ୍ପିକ୍ସ ପ୍ରସ୍ତୁତି ଜୋରଦାର ହେବ ବୋଲି ଦୂତୀ ପ୍ରକାଶ କରିଛନ୍ତି।

## ଏମ୍‌ପିଏଲ୍ ଭାରତୀୟ କ୍ରିକେଟ ଦଳର ନୂଆ କିଟ୍ ପ୍ରାୟୋଜକ

**ନୂଆଦିଲ୍ଲୀ, ୨।୧୧ (ପି.ଟି.):** ନାଇକ୍ ସ୍ଥାନରେ ଫାଣ୍ଟାସି ଗେମିଂ ପ୍ଲାଟଫର୍ମ ମୋବାଇଲ ପ୍ରିମିୟର ଲିଗ୍‌ର ଏକ ସହାୟକ ସଂସ୍ଥା 'ଏମ୍‌ପିଏଲ୍ ସ୍ପୋର୍ଟ୍ସ ଆପାରେଲ ଆଣ୍ଡ ଆସେସୋରିଜ' ୩ବର୍ଷ ପାଇଁ ଭାରତୀୟ କ୍ରିକେଟ ଦଳର ନୂଆ କିଟ୍ ପ୍ରାୟୋଜକ ହୋଇଛି। ଆପେକ୍ସ କାଉନ୍‌ସିଲର ଜଣେ ସଦସ୍ୟ ସୋମବାର ଏହା ସ୍ପଷ୍ଟ କରିଛନ୍ତି। ଆପେକ୍ସ କାଉନ୍‌ସିଲ ନୂଆ ଚୁକ୍ତିକୁ ମଞ୍ଜୁରୀ ଦେଇଛି। ଏମ୍‌ପିଏଲ୍ ଭାରତୀୟ ପୁରୁଷ, ମହିଳା, 'ଏ' ଓ ୧୯ ବର୍ଷରୁ କମ୍ ଦଳକୁ କିଟ୍ ଯୋଗାଇ ଦେବ। କିଟ୍ ବାବଦରେ ନାଇକ୍‌ର ମ୍ୟାଚ୍ ପିଛା ମୂଲ୍ୟ ୮୮ଲକ୍ଷ ଥିବାବେଳେ ଏମ୍‌ପିଏଲ୍‌ର ୬୫ ଲକ୍ଷ ଟଙ୍କା ରହିଛି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଆହୁରି ମଧ୍ୟ ରୟାଲଟି ବାବଦରେ ୧୦ ପ୍ରତିଶତ ପାଇବ। ପୋଷାକପତ୍ର ସ୍ପନସରଶିପ୍ ପାଇଁ ପୁମା ଓ ଆଡିଡାସ ମଧ୍ୟ ବିଡ୍ ପେପର ନେଇଥିଲେ। କିନ୍ତୁ ସେମାନେ ବିଫଳ ହୋଇଥିଲେ। ପୂର୍ବରୁ ନାଇକ୍ ୨୦୧୬ରୁ ୨୦୨୦ ପର୍ଯ୍ୟନ୍ତ ୫ ବର୍ଷ ପାଇଁ ଚୁକ୍ତି କରିଥିଲା। ଏବାବଦରେ କମ୍ପାନୀକୁ ୩୭୦ କୋଟି ଟଙ୍କା ଦେବାକୁ ପଡ଼ିଥିଲା। ରୟାଲଟି ବାବଦରେ ୩୦କୋଟି ଦେଇଥିଲା।

## ସନ୍‌ରାଇଜର୍ସ ପାଇଁ 'କର ଅବା ମର'

**ଶାରଜା, ୨।୧୧**

ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ର ଅନ୍ତିମ ଲିଗ୍ ମ୍ୟାଚ ମଙ୍ଗଳବାର ଅନୁଷ୍ଠିତ ହେବ। ଏଥର ଆଇପିଏଲ ତୀବ୍ର ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ହୋଇଥିବାରୁ ଶେଷ ମ୍ୟାଚ ନ ସରିବା ପର୍ଯ୍ୟନ୍ତ ପ୍ଲେ-ଅଫ୍ ଲାଇନ୍‌ଅପ୍ ଚୂଡ଼ାନ୍ତ ହୋଇ ପାରୁ ନାହିଁ। ଲିଗ୍‌ର ଉଦ୍‌ଘାଟନୀ ମ୍ୟାଚ ଖେଳିଥିବା ମୁମ୍ବାଇ ଇଣ୍ଡିଆନ୍ସ ଅନ୍ତିମ ଲିଗ୍ ମ୍ୟାଚ ମଧ୍ୟ ଖେଳିବ। ସମ୍ମୁଖରେ ରହିବ ସନ୍‌ରାଇଜର୍ସ ହାଇଦ୍ରାବାଦ। ମୁମ୍ବାଇ ପାଇଁ ଏହି ମ୍ୟାଚ ବିଶେଷ ଗୁରୁତ୍ୱ ରଖୁନାହିଁ। କାରଣ ୧୮ ପଏଣ୍ଟ ସହିତ ଏହି ଦଳ ପଏଣ୍ଟ ଟେବୁଲର ଶୀର୍ଷରେ ରହି ପ୍ଲେ-ଅଫ୍ ଖେଳିବା ନିଶ୍ଚିତ କରି ସାରିଛି। ମାତ୍ର ହାଇଦ୍ରାବାଦ ପାଇଁ ଏହା କର ଅବା ମର ପରିସ୍ଥିତି ସୃଷ୍ଟି କରିଛି। ସ୍ଥିର ପ୍ରଦର୍ଶନ ଦେଇ ପାରି ନ ଥିବା ସନ୍‌ରାଇଜର୍ସ ୧୩ ମ୍ୟାଚରୁ ୬ ବିଜୟ ଓ ୭ ପରାଜୟ ସହ ୧୨ ପଏଣ୍ଟ ପାଇଛି। ରନ ହାର ଉଚ୍ଚରେ ଥିବାରୁ ବିଜୟ ହାସଲ କଲେ ଏହି ଦଳ ନିଶ୍ଚିତ ପ୍ଲେ-ଅଫ୍‌ରେ ପ୍ରବେଶ କରିଯିବ। ହାରିଗଲେ କିନ୍ତୁ ଦଳକୁ ବିଦାୟ ପଥ ଦେଖିବାକୁ ପଡ଼ିବ।

ଗତ ୨୪ ତାରିଖରେ କିଙ୍ଗ୍ସ ଇଲେଭେନ ପଞ୍ଜାବଠାରୁ ହାରିବା ପରେ ୨୭ରେ ଦିଲ୍ଲୀ କ୍ୟାପିଟାଲ୍ସ ଓ ୩୧ରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋରକୁ ହରାଇ ଡେଭିଡ ୱାର୍ନରଙ୍କ ହାଇଦ୍ରାବାଦ ଦଳ ମନୋବଳ ବୃଦ୍ଧି କରିଛି। ବିପଜ୍ଜନକ ଖେଳାଳି ଜନି ବେୟାରଷ୍ଟୋଙ୍କୁ ବାଦ୍ ଦେବା ନିଷ୍ପତ୍ତି ସହଜ ନ ଥିଲେ ହେଁ ଏହା କରି ଦଳୀୟ ସନ୍ତୁଳନକୁ ସଜଡ଼ାଯାଇ ପାରିଛି। ୱାର୍ନରଙ୍କ ଓପନିଂ ପାର୍ଟନରଭାବେ ଋଦ୍ଧିମାନ ଶାହା ଭଲ କରିଛନ୍ତି। ବିଦେଶୀ ଖେଳାଳିକୋଟାରେ ଜାସନ ହୋଲ୍ଡର ସାମିଲ ହେବାରୁ ଦଳ ପାଇଁ ଏକ ଅଲରାଉଣ୍ଡ ବିକଳ୍ପ ମିଳିପାରିଛି। ଗତ ବାଙ୍ଗାଲୋର ବିପକ୍ଷ ମ୍ୟାଚରେ ଉଭୟ ସନ୍ଦୀପ ଶର୍ମା ଓ ହୋଲ୍ଡର ପାୱାରପ୍ଲେ ସମୟରେ ଏବଂ ଡେଥ୍ ଓଭରରେ ଅତ୍ୟନ୍ତ ପ୍ରଭାବୀ ସାବ୍ୟସ୍ତ ହୋଇଥିଲେ। ବାମହାତୀ ପେସର ଟି. ନଟରାଜନ ଏବଂ ଟ୍ରମ୍ପକାର୍ଡ ରଶିଦ ଖାଁଙ୍କ ଉପସ୍ଥିତିରେ ଦଳର ବୋଲିଂ ବେଶ୍ ଶାଣିତ ହୋଇପାରିଛି। ମୋମେଣ୍ଟମ ସହ ଆଗକୁ ବଢୁଥିବା ସନ୍‌ରାଇଜର୍ସ ଦିଲ୍ଲୀ ଓ ବାଙ୍ଗାଲୋରକୁ ହରାଇବାପରେ ପୂର୍ଣ୍ଣ ଆତ୍ମବିଶ୍ୱାସରେ ମଧ୍ୟ ରହିଛି। "୨୦୧୬ରେ ଆମେ କ୍ରମାଗତ ୩ ମ୍ୟାଚ ଜିତି ଚାମ୍ପିୟନ ହୋଇଥିଲୁ। ଏଥର ମଧ୍ୟ ସେଭଳି ଖେଳିବୁ ଆଗକୁ ଯିବୁ" ବୋଲି ଗତ ବାଙ୍ଗାଲୋର ବିପକ୍ଷ ମ୍ୟାଚ ପରେ ୱାର୍ନର ପ୍ରକାଶ କରିଛନ୍ତି।

ଚଳିତ ସଂସ୍କରଣରେ ମୁମ୍ବାଇ ସବୁଠାରୁ ଶକ୍ତିଶାଳୀ ଦଳ ଭାବେ ଉଭା ହୋଇଛି। ଏହି ଦଳ ଲିଗ୍ ଇତିହାସରେ ସବୁଠାରୁ ସଫଳ ଦଳଭାବେ ୫ମ ଟାଇଟଲ ଦିଗରେ ଅଗ୍ରସର ହୋଇଛି। ତେଣୁ ସାମାନ୍ୟ ତ୍ରୁଟି ଦଳପାଇଁ ମହଙ୍ଗା ପଡ଼ିବ ବୋଲି ସନ୍‌ରାଇଜର୍ସ ଅଧିନାୟକ ୱାର୍ନର ଭଲଭାବେ ଜାଣିଛନ୍ତି। ଆହତ ଅଧିନାୟକ ରୋହିତ ଶର୍ମାଙ୍କ ଅନୁପସ୍ଥିତି ସତ୍ତ୍ୱେ ମୁମ୍ବାଇ ପ୍ରତିଯୋଗିତାର ଅନ୍ୟତମ ଶକ୍ତିଶାଳୀ ଦଳ ବାଙ୍ଗାଲୋର ଓ ଦିଲ୍ଲୀକୁ ପୂର୍ବ ମ୍ୟାଚରେ ହରାଇ ପ୍ରଥମ ଦଳଭାବେ ପ୍ଲେ-ଅଫ୍‌ରେ ପ୍ରବେଶ କରିଥିଲା। ଟ୍ରେଣ୍ଟ ବୋଲ୍ଟ ଓ ଯଶପ୍ରୀତ୍ ବୁମ୍‌ରା ନୂଆ ବଲ୍‌ରେ ଡେଥ୍ ଓଭରରେ ଚମତ୍କାର ପ୍ରଦର୍ଶନ କରି ଆସିଛନ୍ତି। ରୋହିତଙ୍କ ଅନୁପସ୍ଥିତିରେ କିରନ ପୋଲାର୍ଡ ଅଧିନାୟକ ଦାୟିତ୍ୱକୁ ସୁଚାରୁରୂପେ ସମ୍ପାଦନ କରିଛନ୍ତି। ହାମ୍‌ଷ୍ଟ୍ରିଙ୍ଗ୍ ଇଞ୍ଜୁରି ପାଇଁ ରୋହିତ ଗତ ଦୁଇ ସପ୍ତାହଧରି ଖେଳଠାରୁ ଦୂରେଇ ରହିଛନ୍ତି। ଅଷ୍ଟ୍ରେଲିଆ ଗସ୍ତ ପାଇଁ ଭାରତୀୟ ଦଳରେ ତାଙ୍କୁ ସାମିଲ କରାଯାଇନାହିଁ। ତେଣୁ ସେ କେବେ ଫେରିବେ ସେ ନେଇ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ। "ରୋହିତ କ୍ରମେ ସୁସ୍ଥ ହେଉଛନ୍ତି। ସେ ଖୁବ୍‌ଶୀଘ୍ର ଦଳକୁ ଫେରିବେ" ବୋଲି ଗତ ଦିଲ୍ଲୀ ବିପକ୍ଷ ମ୍ୟାଚ ପରେ ପୋଲାର୍ଡ ପ୍ରକାଶ କରିଥିଲେ। ପଏଣ୍ଟ ଟେବୁଲର ଶୀର୍ଷରେ ଥିଲେ ହେଁ ମୁମ୍ବାଇ ଆଗାମୀ ମ୍ୟାଚକୁ ହାଲୁକାଭାବେ ନେବା ସମ୍ଭାବନା ନାହିଁ। କାରଣ ଦଳ ବିଜୟ ଧାରା ସହ ପ୍ଲେ-ଅଫ୍ ଖେଳିବାକୁ ଚାହିଁବ।

ଟୁର୍ନାମେଣ୍ଟ ଆରମ୍ଭରେ ଶାରଜା ପିଚ୍‌ରେ ୨୦୦ ସ୍କୋର ସହଜ ମନେ ହେଉଥିଲା। ମାତ୍ର ଏହାର ପ୍ରକୃତିରେ ପରିବର୍ତ୍ତନ ହୋଇଛି। ପିଚ୍ ସ୍ଲୋ ହୋଇଯାଇଥିବା ନଜରକୁ ଆସିଛି। ଗତ ଶନିବାର ମ୍ୟାଚରେ ବାଙ୍ଗାଲୋର ମାତ୍ର ୧୨୦ ରନ କରି ପାରିଥିଲା। ସନ୍‌ରାଇଜର୍ସ ବିଜୟ ଲକ୍ଷ୍ୟକୁ ୧୪.୧ ଓଭରରେ ହାସଲ କରି ନେଇଥିଲା। ଅକ୍ଟୋବର ୨୩ରେ ଚେନ୍ନାଇ ସୁପରକିଙ୍ଗ୍ସକୁ ୧୧୪ ରନରେ ସୀମିତ ରଖିଥିଲା ମୁମ୍ବାଇ। ଲକ୍ଷ୍ୟକୁ ମୁମ୍ବାଇ ସହଜରେ ଅତିକ୍ରମ କରି ଯାଇଥିଲା।



ଅଭ୍ୟାସ ଅବସରରେ କେନ୍ ୱିଲିୟମ୍‌ସନ୍।

### ଆଇପିଏଲ୍

(ମଙ୍ଗଳବାର ମ୍ୟାଚ୍)
ମୁମ୍ବାଇ ଇଣ୍ଡିଆନ୍ସ ବନାମ ସନ୍‌ରାଇଜର୍ସ ହାଇଦ୍ରାବାଦ
**ସ୍ଥାନ:** ଶାରଜା, **ସମୟ:** ରାତି ୭ଟା ୩୦
**ପ୍ରସାରଣ:** ଷ୍ଟାର ସ୍ପୋର୍ଟ୍ସ

## କେବଳ ଆଇପିଏଲ୍ ଖେଳିଲେ ଧୋନୀ ଭଲ ପ୍ରଦର୍ଶନ କରିବା ଅସମ୍ଭବ: କପିଳ ଦେବ

**ନୂଆଦିଲ୍ଲୀ, ୨।୧୧(ପି.ଟି.):** ମହେନ୍ଦ୍ର ସିଂ ଧୋନୀ ମ୍ୟାଚ ପ୍ରାକ୍ଟିସ୍ ବିନା ଯଦି କେବଳ ଆଇପିଏଲ ଖେଳିବାକୁ ଚାହୁଁଥାନ୍ତି ତେବେ ଭଲ ପ୍ରଦର୍ଶନ କରିବା ସମ୍ଭବ ନୁହେଁ ବୋଲି ଅନୁଭବ କରୁଛନ୍ତି କିମ୍ବଦନ୍ତୀ କ୍ରିକେଟର କପିଳ ଦେବ। ଇଣ୍ଡିଆନ ପ୍ରିମିୟର ଲିଗ୍ ଇତିହାସରେ ଚେନ୍ନାଇ ସୁପରକିଙ୍ଗ୍ସ ପ୍ରଥମଥର ପାଇଁ ପ୍ଲେ-ଅଫ୍ ପ୍ରବେଶରୁ ବଞ୍ଚିତ ହୋଇଛି। ଗତ ବର୍ଷ ବିଶ୍ୱକପ ପରେ କୌଣସି ପ୍ରତିଦ୍ୱନ୍ଦ୍ୱିତାମୂଳକ କ୍ରିକେଟ ଖେଳି ନ ଥିବା ଧୋନୀ ଏଥର ଆଇପିଏଲରେ ୧୪ଟି ମ୍ୟାଚ ଖେଳିଥିଲେ ହେଁ ୨୦୦ ରନ କରିବାକୁ ସକ୍ଷମ ହୋଇଥିଲେ। ସେ କୌଣସି ଅର୍ଦ୍ଧଶତକ ହାସଲ କରିପାରି ନ ଥିବାବେଳେ ଷ୍ଟ୍ରାଇକ୍ ରେଟ୍ ମାତ୍ର ୧୧୬ ରହିଥିଲା। ନିକଟରେ ହୃଦ୍‌ଘାତ ପରେ ଆଞ୍ଜିଓପ୍ଲାଷ୍ଟି କରାଇଥିବା କପିଳଙ୍କ ମତରେ ଫର୍ମ ଫେରିପାଇବାକୁ ହେଲେ ଧୋନୀଙ୍କୁ ଘରୋଇ ସର୍କିଟରେ ଅଧିକ ମ୍ୟାଚ ଖେଳିବାକୁ ପଡ଼ିବ। "ଧୋନୀ ପ୍ରତିବର୍ଷ କେବଳ ଆଇପିଏଲ ଖେଳିବାକୁ ଚାହୁଁଥିଲେ ଭଲ ପ୍ରଦର୍ଶନ ଅସମ୍ଭବ ହୋଇପଡ଼ିବ। ବୟସ ସମ୍ପର୍କରେ ଆଲୋଚନା ଭଲ ନୁହେଁ, ତେବେ ତାଙ୍କୁ ଏବେ ୩୯ ବର୍ଷ। ଶରୀର ଯେତେଦିନ ପର୍ଯ୍ୟନ୍ତ ଫିଟ୍ ଥିବ ସେ ଖେଳିବା ଉଚିତ" ବୋଲି କପିଳ କହିଛନ୍ତି। ଯଦି କେହି ବର୍ଷର ୧୦ ମାସ ନ ଖେଳି ହଠାତ୍ ଆଇପିଏଲ ଖେଳିବ ତେବେ ଏବେ ଯାହା ହେଲା ତାହା ହିଁ ହେବ। କ୍ରିକେଟରେ ଉତ୍‌ଥାନ ପତନ ଲାଗି ରହିଥାଏ। କ୍ରିସ୍ ଗେଲ୍‌ଙ୍କ କ୍ଷେତ୍ରରେ ମଧ୍ୟ ତାହା ହୋଇଛି। ଧୋନୀ ଘରୋଇ କ୍ରିକେଟରେ ଲିଷ୍ଟ-ଏ ଓ ଟି୨୦ ଖେଳ ଜାରି ରଖିବା ଉଚିତ ବୋଲି ଭାରତର ଏହି ବିଶ୍ୱକପ ବିଜୟୀ ଅଧିନାୟକ କହିଛନ୍ତି। ଆଇପିଏଲରୁ ଅବସର ନେଉ ନାହାନ୍ତି ବୋଲି ଧୋନୀ ସୂଚନା ଦେଇଛନ୍ତି। ମାତ୍ର ଏହା ତାଙ୍କ ପାଇଁ ଚ୍ୟାଲେଞ୍ଜିଂ ହେବ ବୋଲି କପିଳ କହିଛନ୍ତି।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ